

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୧୮ ଭୁବନେଶ୍ୱର ଗୁରୁବାର, ଜାନୁୟାରୀ ୦୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.118 Bhubaneswar, Thursday, January 09, 2025

# ଓଡ଼ିଶାରେ ବିଶ୍ୱ

## ଭୁବନେଶ୍ୱରରେ ଆରମ୍ଭ ହେଲା ପ୍ରବାସୀ ଭାରତୀୟ ସମ୍ମେଳନ









କାଲି ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜଗନ୍ନାଥ ଭୂମିରେ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କହିଲେ ମୁଖ୍ୟମନ୍ତ୍ରୀ। କହିଲେ, ଅଜସ୍ର ସ୍ନେହ, ଶ୍ରଦ୍ଧାର ସହ ଆପଣଙ୍କ ଅପେକ୍ଷାରେ ଥିଲୁ ।ଆଜି ଅପେକ୍ଷାର ଅନ୍ତ ହେଲା, ସଂପର୍କ ଆହୁରି ସୁଦୃଢ଼ ହେବ । ପ୍ରତ୍ୟେକ ପ୍ରବାସୀଙ୍କୁ ଜଣେ ଜଣେ ସାଂସ୍କୃତିକ ଆମ୍ବାସଡର ବୋଲି କହିଲେ ମୁଖ୍ୟମନ୍ତ୍ରୀ। ଆପଣଙ୍କ ସଫଳତା ଆମକୁ ଖୁସି ଦେଇଥାଏ । ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସ୍ୱତନ୍ତ୍ର। ମୁଁ ଚାହୁଁଛି ଆପଣ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ବିଷୟରେ ଜାଣନ୍ତୁ । ପୁରୀ, କୋଣାର୍କ, ଧଉଳି, ଚିଲିକା ଭଳି ପର୍ଯ୍ୟଟନସ୍ଥଳୀ ବୁଲନ୍ତୁ । ଡାଲମା, ରସଗୋଲା, ଛେନାପୋଡ଼ ଭଳି ଓଡ଼ିଆ ଖାଦ୍ୟର ମଜା ନିଅନ୍ତୁ । ଏହି ଅବସରରେ ଭୁବନେଶ୍ୱରରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି । ପ୍ରବାସୀଙ୍କୁ ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଅନୁରୋଧ କଲେ। ଏହାଦ୍ୱାରା ସମ୍ପର୍କ ଆହୁରି ମଜବୁତ ହେବ, ଅତୁଟ ରହିବ ବୋଲି ମୁଖ୍ୟମନ୍ତ୍ରୀ ଉଦବୋଧନ ଦେଇ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟ ନିଜର ମନ୍ତବ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୫ ବର୍ଷର ରୋଡମ୍ୟାପ୍ ପ୍ରଦାନ କରିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ରଖାଯାଇଛି। ମହାତ୍ମା ଗାନ୍ଧି ଅନେକ କିଛି ଶିକ୍ଷାଲାଭ କରି ଆଫ୍ରିକାରୁ ଭାରତ ଫେରିଥିଲେ। କଳାଗାରୋ ଭେଦଭାବ ଦୂର କରିବା ଲକ୍ଷ୍ୟ ରଖିଥିଲେ । ଆପଣମାନେ ମଧ୍ୟ ବିଦେଶରେ ଅନେକ ସ୍ଥାନରେ ନିୟୋଜିତ ଅଛନ୍ତି। ଯେଉଁଠି କାମ କରୁଛନ୍ତି ଅନେକ କିଛି ଶିଖିବାକୁ ମିଳୁଛି। ଏହି ଜ୍ଞାନ ସହ ଦେଶକୁ ଆଗକୁ ନେବାକୁ ହେବ। ସବକା ସାଥ୍ ସବକା ବିକାଶ ପାଇଁ ଏହା ନିତାନ୍ତ ଆବଶ୍ୟକ। ବିକଶିତ ଭାରତ ପାଇଁ ଯୁବବର୍ଗଙ୍କ ଭାଗିଦାରୀ ଜରୁରୀ। ଦୁନିଆରେ ସବୁଠୁ ଅଧିକ ଯୁବକ ଭାରତରେ ଅଛନ୍ତି। ପ୍ରତି ୨୦ଜଣରେ ୧୩ଜଣ ଭାରତୀୟ ନାଗରିକ ଯୁବକ ଯେଉଁମାନଙ୍କ ବୟସ ୩୫ ବର୍ଷରୁ କମ୍। ଦେଶକୁ ବିକଶିତ ପାଇଁ ଯୁବ ଶକ୍ତିର ଆବଶ୍ୟକତା ରହିଛି । କୋଭିଡ୍ ସମୟରେ ଯୁବ ବୈଜ୍ଞାନିକଙ୍କ ଅବଦାନକୁ ଭୁଲି ହେବନି। ସେହିପରି ଜୟ ଜଗନ୍ନାଥ କହି ଅଭିଭାଷଣ ଆରମ୍ଭ କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟ ଶଙ୍କର। ବିକଶିତ ଭାରତ ଅଭିମୁଖେ ଆମେ ଗତି କରୁଛେ ବୋଲି କହିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ବିକଶିତ ଭାରତ ଅଭିମୁଖେ ଯାତ୍ରା କରୁଛନ୍ତି। କୋଭିଡ ସମୟରେ ଭାରତ ନିଜସ୍ୱ ଟିକା ତିଆରି କରିଥିଲା । ଚନ୍ଦ୍ରଯାନ-୩, ଗଗନଯାନ ମିଶନ ମଧ୍ୟ ଆମ ପାଇଁ ଗୋଟିଏ ଗୋଟିଏ ସଫଳତା । କେବଳ ସେତିକି ନୁହେଁ, ବହୁତ ଯୁଗାନ୍ତକାରୀ ଯୋଜନା ଲୋକଙ୍କ ଜୀବନଧାରଣ ମାନକୁ ବଦଳାଇଛି । ସ୍ୱଚ୍ଛ ଭାରତ, ଆବାସ, ବେଟି ବଚାଅ ବେଟି ପଢ଼ାଅ ଏହାର ଉଦାହରଣ ବୋଲି କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ।

# ବିଚ୍ ରାସ୍ତାରେ ଯୁବକଙ୍କ ମୁଣ୍ଡ କାଟିଦେଲେ ଦୁର୍ବୃତ୍ତ

## ମହିଳା ସମେତ ୩ ଅଭିଯୁକ୍ତ ନୟାଗଡ଼ରୁ ଗିରଫ



ଭୁବନେଶ୍ୱର, ୮/୧: ପ୍ରବାସୀ ଭାରତୀୟ ଦିବସ ପାଇଁ ଉତ୍ସବ ମୁଖର ରାଜଧାନୀ। ହେଲେ ସକାଳୁ ସକାଳୁ ଏକ ବୀଭତ୍ସ ହତ୍ୟାକାଣ୍ଡ ଭୁବନେଶ୍ୱରରେ ଚାଞ୍ଚଲ୍ୟ ଖେଳାଇଛି। ବିଚ୍ ରାସ୍ତାରେ ଯୁବକଙ୍କ ମୁଣ୍ଡ କାଟିଦେଲେ ଦୁର୍ବୃତ୍ତ। ରସୁଲଗଡ଼ରୁ ବାଣୀବିହାର ମେନ ରୋଡ଼ ଓଭରବ୍ରିଜ ଉପରେ ପଡିଛି ଯୁବକଙ୍କ ମୁଣ୍ଡବିହୀନ ମୃତଦେହ । ସୂଚନା ଅନୁସାରେ, ଆଜି ସକାଳୁ ରସୁଲଗଡ଼ରୁ ବାଣୀବିହାର ମେନ ରୋଡ଼ରେ ଏକ ମୁଣ୍ଡବିହୀନ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ରସୁଲଗଡ଼ରୁ ବାଣୀବିହାର ମେନ ରୋଡ଼ରେ କେହି ଯୁବକଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଭୋର ସମୟରେ ହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି। ତେବେ ମୃତଦେହ ନିକଟରେ ଏକ ସ୍କୁଟି ବି ପଡିଛି। ଲୋକେ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ତେବେ କିଏ ଓ କାହିଁକି ଏଭଳି ବୀଭତ୍ସ ହତ୍ୟା କରିଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ମୃତ ଯୁବକଙ୍କ ପରିଚୟ ମଧ୍ୟ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାସ୍ଥଳରେ ଛାନଭିନ ଚଳାଇଛି ।

ରାଜଧାନୀ ଭୁବନେଶ୍ୱରର ରସୁଲଗଡ଼ ଓଭରବ୍ରିଜ୍ ନିକଟରେ ଆଜି ସକାଳୁ ବହୁଚର୍ଚ୍ଚିତ ସହଦେବ ସାହୁ ହତ୍ୟା ଘଟଣାରେ କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଟିମ୍ ତିନି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ଜଣେ ମହିଳା ସମେତ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ଜିଲ୍ଲା ଶରଣକୂଳରୁ ବୁଧବାର ସନ୍ଧ୍ୟାରେ ଗରିଫ କରିଛି। ଗିରଫ ଅଭିଯୁକ୍ତମାନେ କେଦାରପଲ୍ଲୀ ନିବାସୀ। ଏମାନେ ପୂର୍ବରୁ ଜେଲ୍ ଯାଇଥିଲେ। ଏହି ହତ୍ୟା କାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ଜଣାପଡ଼ିଛି। ବ୍ରାଉନ୍ସୁଗାର ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସବୁଠାରୁ ବଡ଼ କଥା ହେଲା ଯେ, ଘଟଣା ଘଟିବାର ୧୦ ଘଣ୍ଟା ଭିତରେ ଅଭିଯୁକ୍ତମାନଙ୍କୁ କାବୁ କରିବାରେ ପୁଲିସ ସଫଳତା ହାସଲ କରିଛି। ସଚନାଯୋଗ୍ୟ, କେଦାରପଲ୍ଲୀରେ ରହୁଥିବା ସହଦେବ ନାୟକ ଅନ୍ୟ ଦିନ ଭଳି ଆଜି ସକାଳୁ ଝିଅକୁ ସ୍କୁଲକୁ ଛାଡ଼ିବାକୁ ଯାଇଥିଲେ। ଝିଅକୁ ସ୍କୁଲରେ ଛାଡ଼ି ଘରକୁ ଫେରିବା ବାଟରେ ଦୁର୍ବୃତ୍ତଙ୍କ ହାବୁଡ଼ରେ ପଡ଼ିଥିଲେ। ଘଟଣାସ୍ଥଳ ଥିଲା ରସୁଲଗଡ଼ ଓଭରବ୍ରିଜ୍। ଦୁର୍ବୃତ୍ତମାନେ ଅତର୍କିତ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବା ପାଇଁ ସହଦେବ ଆକୁଳ ନିବେଦନ କରୁଥିବା ବେଳେ ଦୁର୍ବୃତ୍ତମାନେ ବାରମ୍ବାର ଖଣ୍ଡାଚୋଟ ମାରୁଥିଲେ। ଅଳ୍ପ ସମୟ ମଧ୍ୟରେ ସହଦେବଙ୍କ ଶରୀରରୁ ମୁଣ୍ଡକୁ ଅଲଗା କରିଦେଇଥିଲେ। ରାଜଧାନୀ ଭୁବନେଶ୍ୱରର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତାରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା, ଯାହା ପୂରା ସହରକୁ ଦୋହଲାଇ ଦେଇଥିଲା। ରସୁଲଗଡ଼ରୁ ବାଣୀବିହାର ବିହାର ରାସ୍ତାରେ ଯୁବକଙ୍କ ମୁଣ୍ଡ ରାସ୍ତାରେ ପଡ଼ିଥିଲା। ରାସ୍ତାରେ ଯାଉଥିବା ଲୋକ ଦେଖି ଭୟଭୀତ ହୋଇଯାଉଥିଲେ। ଦୁର୍ବୃତ୍ତମାନେ ବାଇକରେ ଗୋଡେଇ ଗୋଡେଇ ସହଦେବଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ସେ ସଫେଇ କର୍ମଚାରୀ ସଂଘର ସଭାପତି ଥିଲେ। ସଫେଇ କର୍ମଚାରୀ ସଂଘ ସଭାପତି ସହଦେବ ନାୟକଙ୍କ ହତ୍ୟାକାଣ୍ଡକୁ ନେଇ ତାଙ୍କ ପତ୍ନୀଙ୍କ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବ୍ରାଉନସୁଗାର କାରବାରକୁ ବିରୋଧ କରୁଥିବାରୁ ସ୍ୱାମୀଙ୍କ ମୁଣ୍ଡ କାଟି ହତ୍ୟା କରାଯାଇଥିବା କାନ୍ଦିକାନ୍ଦି ଅଭିଯୋଗ କରିଛନ୍ତି । ନିଜ ସାହିର ରମା ନାୟକ, ସତ୍ୟ, ଦିଲୁ ନାୟକ, ସୁସେଇ ନାୟକ ଓ ଅନ୍ୟ ଚାରି/ପାଞ୍ଚ ଜଣ ମିଶିକି ହତ୍ୟା କରିଥିବା ସଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ସ୍ୱାମୀ ସକାଳୁ ଝିଅକୁ ସ୍କୁଲ ଛାଡିବାକୁ ବାହାରିଥିଲେ। ସ୍କୁଲରେ ଝିଅକୁ ଛାଡି ଫେରିବା ବାଟରେ ତାଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି।

# ଯୁବ ଚେହେରା ଖୋଜୁଛନ୍ତି ଦୁଇ ଦଳ



ଭୁବନେଶ୍ୱର, ୮/୧: ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେପି ଓ କଂଗ୍ରେସ ଖୁବ୍‌ଶୀଘ୍ର ନିଜର ନୂଆ ରାଜ୍ୟ ମୁଖିଆ ପାଇବାକୁ ଯାଉଥିବାବେଳେ ଏଥର ସଭାପତି ଚୟନ ସମୟରେ ଯୁବ ନେତୃତ୍ୱକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସୂଚନା ମିଳିଛି । ଏଥି ସହିତ ଯେଉଁ ନେତାମାନଙ୍କର ସଂସଦୀୟ କ୍ଷେତ୍ର ଉପରେ ଅଧିକ ପ୍ରଭାବ ରହିଛି ସେମାନଙ୍କ କଥା ମଧ୍ୟ ଅଗ୍ରାଧିକାର ଭିତ୍ତିରେ ଦଳ ବିଚାର କରୁଛି । ରାଜ୍ୟ ବିଜେପିରେ ଏବେ ନୂଆ ସଭାପତି ନିଯୁକ୍ତ ପାଇଁ କସରତ ଚାଲିଛି । ଦୌଡରେ ଦୁଇ ଜଣ ପୂର୍ବତନ ସଭାପତିଙ୍କ ସହିତ, ସାଂସଦ, ବିଧାୟକ ଓ ଦଳର ଆଉ କିଛି ବରିଷ୍ଠ ନେତା ରହିଛନ୍ତି । ତେବେ ଦଳ ପକ୍ଷରୁ ଯୁବ ଚେହେରା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଂସଦୀୟ କ୍ଷେତ୍ର ଉପରେ ପ୍ରଭାବ ଥିବା ନେତାଙ୍କୁ ରାଜ୍ୟ ସଭାପତି ଚୌକିରେ ବସାଇବାକୁ ଦଳ ଚାହୁଁଛି । ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସହିତ ସାଂଗଠନିକ ଦୃଷ୍ଟିକୋଣରୁ ଦଳ ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ଦଳର ଗୋଟିଏ ଗୋଷ୍ଠି କିନ୍ତୁ ଅନୁଭବି ପୁରୁଖା ନେତାଙ୍କ ସପକ୍ଷରେ ଲବି ଚଳାଇଛନ୍ତି । ସେହିଭଳି ଗତ ନିର୍ବାଚନ ସମୟରେ ଦଳକୁ କ୍ଷମତାକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେତାଙ୍କୁ ସଭାପତି ଦାୟିତ୍ୱ ଦେବାପାଇଁ ଦଳ ଭିତରେ ମତପ୍ରକାଶ ପାଉଛି । ସେହିଭଳି ଦୀର୍ଘଦିନ ଧରି ମୁଖିଆ ବିହୀନ ହୋଇ ପଡିଥିବା ରାଜ୍ୟ କଂଗ୍ରେସରେ ମଧ୍ୟ ଖୁବ୍‌ଶୀଘ୍ର ସଭାପତି ନିଯୁକ୍ତ ହେବାକୁ ଯାଉଛି । ଏଠାରେ ମଧ୍ୟ ଏଥର ଜଣେ ଯୁବ ଚେହେରାଙ୍କ ହାତରେ କଂଗ୍ରେସର ମଙ୍ଗ ଦେବାପାଇଁ ଦଳ ବିଚାରୁଥିବା ସୂଚନା ମିଳିଛି । ତେବେ ଅନେକ ବରିଷ୍ଠ ନେତା ଏଥର ନିଜଆଡୁ ସଭାପତି ଦୌଡରୁ ଦୂରେଇ ରହିଥିବାରୁ ଏଥର ସଭାପତି ଚୟନ ସମୟରେ ଯୁବ ଚେହେରାଙ୍କୁ ଅଗ୍ରାଧିକାର ମିଳିବାର ସମ୍ଭାବନା ଅଧିକ । ତେବେ ବିଜେପି ଭଳି କଂଗ୍ରେସରେ ମଧ୍ୟ ସଂସଦୀୟ କ୍ଷେତ୍ର ଉପରେ ପ୍ରଭାବ ରହିଥିବା ଜଣେ ନେତାଙ୍କୁ ସଭାପତି ଚୌକିରେ ବସାଇବାପାଇଁ ହାଇକମାଣ୍ଡ ବିଚାରୁଥିବା ନେଇ ଆଲୋଚନା ଚାଲିଛି । ଏହି ଦୌଡରେ ଦଳର ଜଣେ ସାଂସଦ ଓ କିଛି ବିଧାୟକ ଅଛନ୍ତି । ତେବେ ଦଳ ଏଥର ବିଧାନସଭାରେ ୧୪ଟି ଆସନ ସହିତ ତୃତୀୟ ସ୍ଥାନରେ ରହିଥିବାରୁ ଓ ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ଜଣେ ଅନୁଭବି ଓ ଦକ୍ଷ ନେତାଙ୍କୁ ସଭାପତି ପଦରେ ବସାଇବାପାଇଁ ଦଳୀୟ ମହଲରେ ମତପ୍ରକାଶ ପାଉଛି । ତେବେ ଯାହା ସୂଚନା ମିଳୁଛି ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ଦୁଇ ପ୍ରମୁଖ ଦଳ ସେମାନଙ୍କର ନୂଆ ରାଜ୍ୟ ସଭାପତି ପାଇବା ସହିତ ଘର ସଜଡା କାମ ଆରମ୍ଭ କରିଦେବେ । ଇତି ମଧ୍ୟରେ ବିଜେପି ତାହାର ଜିଲ୍ଲା ସ୍ତରୀୟ କର୍ମକର୍ତ୍ତାଙ୍କ ନିର୍ବାଚନକୁ ଚୂଡାନ୍ତ ରୂପରେଖ ଦେଉଥିବାବେଳେ ମୁଖ୍ୟ ବିରୋଧିଦଳ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଚଳାଇଛି । ଏଭଳି ସ୍ଥିତିରେ ପଛରେ ପଡିଥିବା କଂଗ୍ରେସକୁ ଦଳର ନୂଆ ସଭାପତି କେତେ ବଳ ଦେବେ ତାହା ଉପରେ ନଜର ରହିଥିବାବେଳେ ବିଜେପିର ନୂଆ ସଭାପତି ଉଭୟ ଦଳ ଓ ସରକାରକୁ କିଭଳି ଦିଗ୍‌ଦର୍ଶନ ଦେବେ ତାହାକୁ ମଧ୍ୟ ଦଳ ଓ ରାଜ୍ୟବାସୀ ଅପେକ୍ଷାକରି ରହିଛନ୍ତି ।

## ରାଜ୍ୟରେ କମିବ ଶୀତ



ଭୁବନେଶ୍ୱର,୮/୧: ରାଜ୍ୟରେ ତାପମାତ୍ରା ବଢିବା ସହିତ ଶୀତ କମିବ । ୩ରୁ ୪ ଦିନ ମଧ୍ୟରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଏନେଇ ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି । ୯ ତାରିଖରେ ସମ୍ବଲପୁର, ଝାରସୁଗୁଡା, ବଲାଙ୍ଗୀର, ଗଞ୍ଜାମ ଏବଂ କଳାହାଣ୍ଡିରେ ହାଲୁକା କୁହୁଡି ନେଇ ସତର୍କତା ଜାରି କରାଯାଇଛି। ବିଶେଷ କରି ରାତି ୨ ଟାରୁ ସକାଳ ୧୦ ପର ?ୟ୍ୟନ୍ତ ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ରାସ୍ତାରେ ନଜର ରଖିବାକୁ ପରିବହନ ବିଭାଗକୁ ସତର୍କ କରାଯାଇଛି ।

# ନବୀନଙ୍କ ପାଞ୍ଜି ଖୋଲିବେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର,୮/୧: ସାଧାରଣ ନିର୍ବାଚନ ପୂର୍ବରୁ 'ଲେଖା ଛିଣ୍ଡିବ' କହି ଚର୍ଚ୍ଚାକୁ ଆସିଥିବା ସାଂସଦ ପ୍ରଦୀପ ପାଣିଗ୍ରାହୀ ଏବେ ପାଞ୍ଜି ଖୋଲିବେ ବୋଲି କହିଲେଣି। ସେ କେଉଁ ପାଞ୍ଜି ଖୋଲିବେ ଏବଂ ଏହା କେବେ ଖୋଲିବେ ଯଦିଓ ସ୍ପଷ୍ଟ ଭାବେ କହିନାହିଁ, ତଥାପି ଏତିକି ଅନୁମାନ କରାଯାଇ ପାରିବ ଯେ, ପୂର୍ବ ସରକାରରେ କିଛି ରହସ୍ୟ ରହିଛି, ଯାହା କି ସାଂସଦ ଶ୍ରୀ ପାଣିଗ୍ରାହୀ ଜାଣିଛନ୍ତି ବୋଧେ। ଟାଟା କମ୍ପାନିରେ ଚାକରି ନାଁରେ ଠକେଇ ମାମଲାରେ ସମସ୍ତ ୫ଟି ମାମଲାରୁ ନିର୍ଦ୍ଦେଶ ସାବ୍ୟସ୍ତ ହେଲା ପରେ ପ୍ରଦୀପ ପାଣିଗ୍ରାହୀ ଆଶ୍ୱସ୍ତିଲାଭ କରିବା ସହିତ ଗଣମାଧ୍ୟମକୁ ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ମୋତେ କୋର୍ଟ ୫ଟି ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏହା ଦ୍ୱାରା ମୋର ପୁଅ-ଝିଅ ଓ ଗୋପାଳପୁର ଜନତାଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ସେ କହିଛନ୍ତି ଯେ, ମୋତେ ଷଡ଼ଯନ୍ତ୍ର କରି ଗିରଫ କରାଯାଇଥିଲା। ବିଜେଡିରୁ ବାହାର କରିଦିଆଯାଇଥିଲା। କିନ୍ତୁ ଓଡ଼ିଶାବାସୀ ବିଜେଡିକୁ ବାହାର କରିଦେଇଛନ୍ତି। ସମୟ ବଦଳିଯାଇଛି। ମୋ ବିରୋଧରେ ସେମାନେ ଜନବିରୋଧୀ ଅଭିଯୋଗ ଆଣିଥିଲେ। କିନ୍ତୁ ରାଜ୍ୟବାସୀ ତାଙ୍କୁ ଜନବିରୋଧୀ ବୋଲି ପ୍ରମାଣିତ କରିଦେଲେ। ମୁଁ ଗଣମାଧ୍ୟମକୁ ମୋର ପ୍ରଥମ ଶ୍ରେୟ ଦେବି। ସେମାନେ ସତ ଘଟଣା ଲୋକଙ୍କ



ପାଖରେ ପହଞ୍ଚାଇଛନ୍ତି। ଯେଉଁମାନେ ମୋତେ ଦଳ ବିରୋଧୀ ବୋଲି ଦଳରୁ ବାହାର କଲେ। ସେମାନଙ୍କର ପାଖରେ କ୍ଷମତା ଥିଲା। ନବୀନ ବାବୁଙ୍କୁ ଏତିକି କହିବି ଯେ, ସେ ଦଳର ସଭାପତି ଓ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ମୁଁ ଯେତେବେଳେ ଗିରଫ ହେଲି, ତାଙ୍କ ପାଟିରୁ ପଦେ କଥା ବାହାରିଲା ନାହିଁ। ମୁଁ ଗିରଫ ହେଲା ପରେ କୌଣସି ପ୍ରତିକ୍ରିୟା ଦେଇ ନଥିଲେ। ବିଜେଡିର ବିପର୍ଯ୍ୟୟ ପାଇଁ କେବଳ କାର୍ତ୍ତିକ ନୁହେଁ, ନବୀନ ମଧ୍ୟ ଦାୟୀ। ରାଜ୍ୟରେ ଯେଉଁ ୫୧ ଜଣ ବିଜେଡି ବିଧାୟକ ଅଛନ୍ତି, ସେଥିରୁ ମଧ୍ୟ ଖସିବ। ଗଣତନ୍ତ୍ରିକ ଦେଶରେ ଯାହା ପାଖରେ ଲୋକ ଥାଆନ୍ତି ତାଙ୍କୁ ନେତା କୁହନ୍ତି। ବିଜେଡି ଶାସନରେ କିଛି ନିର୍ବାଚିତ ପ୍ରତିନିଧି ଟ୍ରାଫିକ ପରିଚାଳନା କରୁଥିଲେ। ନବୀନଙ୍କ ପଛରେ ଗୋଡେଇଲେ ନେତା ହୋଇପାରିବେ ନାହିଁ। ନେତା ହେବାକୁ ହେଲେ ଜନତାଙ୍କ ସହିତ ରହିବା ଦରକାର। ବିଜେଡି ଶେଷ ହୋଇଛି। ସମସ୍ତେ କେତେ ସ୍ୱଚ୍ଛ, ତାହା ପର୍ଦ୍ଦାଫାସ କରିବି। ନିର୍ବାଚନ ପରେ ମୁଁ ସ୍ଥିତି ଉପରେ ନଜର ରଖିଛି। ସମୟ ଆସିଲେ ଜବାବ ଦେବି ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଟାଟା କଂପାନିରେ ଚାକିରି ନାମରେ ଠକେଇ ମାମଲାରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ସବୁ ମାମଲାରେ ଦୋଷମୁକ୍ତ ହୋଇଛନ୍ତି। ଗତକାଲି ତାଙ୍କୁ ଦୁଇଟି ମାମଲାରେ ଦୋଷମୁକ୍ତ ଘୋଷଣା କରିଥିଲେ ନ୍ୟାୟାଳୟ। ଆଜି ତାଙ୍କୁ ଅନ୍ୟ ୩ଟି ମାମଲାରେ ଗ୍ରାମାଞ୍ଚଳ ଜେଏମଏଫସି କୋର୍ଟ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ଏହାକୁ ସତ୍ୟର ବିଜୟ ବୋଲି କହିଛନ୍ତି ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ଏଣେ ଏହି ଖବର ପ୍ରଚାରିତ ହେବା ପରେ ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ସମର୍ଥକମାନେ ବାଣ ଫୁଟାଇ ଓ ମିଠା ବାଣ୍ଟି ଖୁସି ମନାଇଛନ୍ତି। ଟାଟା କମ୍ପାନିରେ ନିଯୁକ୍ତି ନାଁରେ ଟଙ୍କା ଠକେଇ ନେଇ ଗୋପାଳପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ସାଂସଦ ପ୍ରଦୀପଙ୍କ ନାମରେ ଅଭିଯୋଗ ହୋଇଥିଲା। ପ୍ରଥମେ କ୍ରାଇମ୍ବ୍ରାଞ୍ଚ ନିକଟରେ ଅଭିଯୋଗ ପରେ କଟକ ସାଇବର୍ ଥାନାରେ ମାମଲା ରୁଜୁ ହୋଇଥିଲା। କ୍ରାଇମ୍ବ୍ରାଞ୍ଚ ଟିମ୍ ଗତ ୨୦୨୦ ନଭେମ୍ବରରେ ବ୍ରହ୍ମପୁର ଆସିଥିଲା। ତଦନ୍ତ ପରେ ପର୍ଯ୍ୟାୟ କ୍ରମେ ପ୍ରଦୀପଙ୍କ ନାମରେ ୫ଟି ଠକେଇ ମାମଲା ରୁଜୁ ହୋଇଥିଲା। ୪ଟି ମାମଲା ଗୋଳନ୍ଥରା ଥାନା (ଜିଆର୍ ନମ୍ବର-୨୨୨୫/୨୦, ୨୨୬୮/୨୦, ୬୨/୨୧, ୬୭୮/୨୧)ରେ ରୁଜୁ ହୋଇଥିବା ବେଳେ ଗୋଟିଏ ବୈଦ୍ୟନାଥପୁର ଥାନା (ଜିଆର୍ ନମ୍ବର-୫୧୧/୨୧)ରେ ରୁଜୁ ହୋଇଥିଲା। ସମସ୍ତ ମାମଲାର ଚାର୍ଜସିଟ୍ ସରିବା ପରେ ଆଜିଠାରୁ ବିଚାରଣା ଆରମ୍ଭ ହୋଇଛି।

# ଛାତ୍ରୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଆସିକା, ୮/୧(ନି.ପ୍ର):ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା ଖମାର ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଛାତ୍ରୀ ଙ୍କ ହେଲେ ମହୁ ପଦର ପଞ୍ଚାୟତ ଖମାର ଗ୍ରାମର ଅଟନ୍ତି । ମୃତ ଛାତ୍ରୀ ଜଣଙ୍କ ପଞ୍ଚାୟତ ବିଦ୍ୟାଳୟ ରେ ଦଶମ ଶ୍ରେଣୀ ପାଠ ପଢୁଥିଲା । ବାପା ଓ ଭାଇ ସୁରତ କାମକରୁଥିଲା ବେଳେ ମା ଦିନ ମଜୁରିଆ କାମ କରିବାକୁ ବାହାରକୁ ଯାଇଥାନ୍ତି । ଛାତ୍ରୀ ଟିର ଦେହ କିଛି ଦିନ ହେଲା ଅସୁସ୍ଥ ରହିଥିଲା।

ଝିଅଟି ଆଜି ଘରର ଏକ ରୁମ ରେ ରହି ଛଟ ପଟ ହୋଇଥିବା ବେଳେ ଝିଅଟିର ଜେଜେ ବାପା ଘରକୁ ଯାଇ ଦେଖିଲା ବେଳକୁ ନାତୁଣୀ ର ଅବସ୍ଥା ଶୋଚନୀୟ ଥିଲା ଗ୍ରାମବାସୀ ଙ୍କ ସହାୟତାରେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିଲେ ଲ ଏଠାରେ କାର୍ଯ୍ୟରତ ଡାକ୍ତର ଛାତ୍ରୀ ଟିକୁ ମୃତ ଘୋଷଣା କରିଥିଲେ । ଶେରଗଡ଼ ପୋଲିସ ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି ଥାନା କେସ ନମ୍ବର ୦୧/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର କୁ ହସ୍ତାନ୍ତର କରାଯାଇଛି। ତେବେ ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ରହିଛି।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମାଙ୍କଡ଼ିଆ ବସ୍ତିରେ ନୂଆବର୍ଷ ପାଳିତ

କାଳିଆପାଣି, ୮/୧(ନି.ପ୍ର): ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ ?ଏଫ୍ ?) ପକ୍ଷରୁ ସୁକିନ୍ଦାର କଲରଙ୍ଗିଅତାରେ ଥିବା ମାଙ୍କଡ଼ିଆ ବସ୍ତିରେ ନୂଆବର୍ଷ ପାଳନ କରାଯାଇଛି। ଏଥିରେ ମାଙ୍କଡ଼ିଆ ବସ୍ତିର ୧୦୦ପିଲାଙ୍କ ସମେତ ପାଖାପାଖି ୨୦୦ ଲୋକ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଫେରୋ ଆଲଏଜ୍ ଓ ମିନେରାଲସ୍ ଡିଭିଜନ (ଏଫ୍ଏଏମଡି)ର ଏକ୍ଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା, ଏଫ୍ଏଏମଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଏଫ୍ଏଏମଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାରଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ପରମ୍ପରା, ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ସମ୍ମାନ ଜଣାଇ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇ ନୂଆ ବର୍ଷକୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ କେକ୍ କାଟିବା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଦିବାସୀ ଗୋଷ୍ଠୀର ବହୁ ବୟସ୍କ ଓ ଯୁବ ସଦସ୍ୟ ସାମିଲ ହୋଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ପଙ୍କଜ ସତିଜା କହିଥିଲେ ଯେ, "ଆମ ସଂସ୍କୃତି, ଆମ ପରମ୍ପରା ହେଉଛି ଆମର ସମ୍ବଳ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଧୁନିକ ସୁଯୋଗକୁ ଗ୍ରହଣ କରିବା ସହ ସେହି ପରମ୍ପରାକୁ ବଜାୟ ରଖିବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛି।'

# ଥାନାଧିକାରୀ ଦମ୍ପତି ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ ପରସିଲେ



ବନ୍ତ,୮/୧(ନି.ପ୍ର): ଆଗରପଡ଼ା ଥାନା ଅଧିକାରୀ ଶ୍ରୀକାନ୍ତ ପତି ଓ ତାଙ୍କ ପତ୍ନୀ ଏବଂ ଦୁଇପୁତ୍ର ଆଗରପଡ଼ା ସ୍ଥିତ ଗୋପୀନାଥ ଜରା ନିବାସ ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରକାରର ସ୍ୱସ୍ୱାଦ୍ୟ ଖାଦ୍ୟ ପରସିବା ସହ ନୂତନ ବସ୍ତ୍ର ପ୍ରଦାନ କରିବା ସହ ଆଶିର୍ବାଦ କାମନା କରିଥିଲେ। ଏଥିରେ ଜରା ନିବାସର ମୁଖ୍ୟ ପୃଷ୍ଠପୋଷକ ସାବିତ୍ରୀ ନାୟକ, ସଭାପତି ପ୍ରଶାନ୍ତ କୁମାର ଦାଶ, ସଂପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ପୁହାଣ, ଜୟଦେବ ସିଂହଙ୍କ ସମେତ ଆଗରପଡା ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।ବର୍ତ୍ତମାନ ଏହି ବୃଦ୍ଧାଶ୍ରମରେ ୭ ଜଣ ଅସହାୟ ବୃଦ୍ଧ ବୃଦ୍ଧା ରହିଛନ୍ତି।

# ମା ସେବକ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ଇଂରାଜୀ ନବବର୍ଷ ପାଳିତ

## ନିଶାମୁକ୍ତ ତାଳଚେର ଗଠନ ପାଇଁ ଯୁବକ ମାନେ ସଂକଳ୍ପ ନିଅନ୍ତୁ : ପର୍ଶୁରାମ ବାରିକ

ତାଳଚେର, ୮/୧(ନି.ପ୍ର): ତାଳଚେର ପୌରାଞ୍ଚଳ ଚାରି ନମ୍ବର ୱାର୍ଡ ରେ ଜାନୁଆରୀ ଏକ ତାରିଖ ସନ୍ଧ୍ୟା ରେ ମା ସେବକ ସଂଘ ଗଣେଶ ପୂଜା କମିଟି ପକ୍ଷରୁ ବାର୍ଷିକ ଉତ୍ସବ ତଥା ଇଂରାଜୀ ନବବର୍ଷ ପାଳନ କରାଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେପି ନେତା ପର୍ଶୁରାମ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ତାଳଚେର ଗଠନ ପାଇଁ ଆହ୍ୱାନ ଦେଇଥିଲେ, ଯୁବ ସମାଜ ନିଶା କବଳ ରେ ପଡି ପଥ ଭ୍ରଷ୍ଟ ନ ହୋଇ ନିଶା ବିରୁଦ୍ଧରେ ଲଢ଼ିବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ପ୍ରକାଶ କରିଥିଲେ ।ଉକ୍ତ ଅନୁଷ୍ଠାନ ର କର୍ମକର୍ତା କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସୀମିତ ନ ରହି ବିକଶିତ ତାଳଚେର ଗଠନ ପାଇଁ ସମାଜସେବା ରେ ବ୍ରତୀ ହୁଅନ୍ତୁ ବୋଲି ଶ୍ରୀ ବାରିକ କହିଥିଲେ ।ମୁଖ୍ୟବକ୍ତା ଭାବେ ସମାଜସେବୀ ବାପି ମହାନ୍ତି, ସମ୍ମାନିତ ଅତିଥି ଭାବେ ଫୋକସ ପ୍ଲସ ଚ୍ୟାନେଲ ର ସାମ୍ବାଦିକ ରବି ସେଠ୍, ,ରିସିକେଶ ସାହୁ, ଜଗଦୀଶ ସିଂହ, ଭରତ ଭୁତିଆ, ବିନ୍ଦା ସିଂହ, ସୁକାନ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ ।ବିଭିନ୍ନ ପ୍ରତିଯୋଗିତା ରେ କୃତିକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ ।ଶେଷରେ ଛୋଟ ଛୋଟ ପିଲା ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ମା ସେବକ ସଂଘ ର କର୍ମକର୍ତା ପୂର୍ଣଚନ୍ଦ୍ର ବେହେରା, ଅତିନ ସିଂହ, ଦିଲ୍ଲୀପ ବେହେରା, ନିରୋଜ ବେହେରା, ଦେବେନ୍ଦ୍ର ବେହେରା, ସନ୍ତୋଷ ବେହେରା, ଜିତେନ୍ଦ୍ର ବେହେରା, ସୁରଜ ବେହେରା ଙ୍କ ସମେତ ସମସ୍ତ କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶତାଧିକ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ।

# ଶାନ୍ତି ଶକ୍ତି ଭବନରେ ଆଧ୍ୟାତ୍ମିକ ସ୍ନେହ ମିଳନ

ଆସିକା, ୮/୧(ନି.ପ୍ର): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନ ରେ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଭଉଣୀ ଭାଇ ପ୍ରାତଃ କାଳରୁ ବିଶ୍ୱ ଶାନ୍ତି ସକାଶେ ଯୋଗର ଦାନ କରିଥିଲେ । ନୂତନ ବର୍ଷରେ ସହର ବାସୀଙ୍କ ସ୍ୱାସ୍ଥ୍ୟ ଓ ସମୃଦ୍ଧିର କାମନା କରିବା ସହିତ ପରମାତ୍ମା ଶିବ ପିତା ସମସ୍ତଙ୍କ ଜୀବନକୁ ଅନେକ ସୁ ଅବସର ପ୍ରଦାନ କରନ୍ତୁ ବୋଲି ଶୁଭେଚ୍ଛା ଜ୍ଞାପନ କରିଥିଲେ । ଶାନ୍ତି ଶକ୍ତି ଭ୍ବନ ସଂଚାଳିକା ରାଜଯୋଗିନୀ ପ୍ରଭାତୀ ଏହି ଅବସରରେ ଆସିକାରେ ନବ ନିଯୁକ୍ତ ଏସ୍ ପି ଡି ଓ ଗିରିସ ନାରାୟଣ ପଟ୍ଟନାୟକଙ୍କୁ ପୁଷ୍ପ ଗୁଚ୍ଛ ଦ୍ୱାରା ସ୍ୱାଗତ କରିଥିଲେ । ଜୀବନରେ ନିଷ୍ଠା ଓ ଈଶ୍ୱର ବିଶ୍ୱାସ ବଳରେ ସଫଳତା ପ୍ରାପ୍ତ ହୁଏ ବୋଲି ମତବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ ଏସ୍.ଡି.ପି.ଓ ଶ୍ରୀ ପଟ୍ଟନାୟକ । କାର୍ଯ୍ୟକ୍ରମରେ ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା କୃଷକ ରତ୍ନ ପୁରସ୍କାର ପ୍ରାପ୍ତ କରିଥିବା ସଫଳ ଚାଷୀ କବିସୂର୍ଯ୍ୟନଗର ନିବାସୀ ବାଉରୀ ବନ୍ଧୁ ସ୍ୱାଇଁ ଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସତ୍ୟପ୍ରିୟ ରଥଙ୍କ ସହଯୋଗ କରିଥିଲେ ।

# ବାଇକ ଦୁର୍ଘଟଣାରେ ଯୁବକ ମୃତ

ମାଲକାନଗିରି,୮/୧(ନି.ପ୍ର):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତର ସୋର୍ଲୁକୋଣ୍ଡା ଗ୍ରାମ ନିକଟରେ ଗତକାଲି ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ହୋଇଥିବା ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ତେବେ ମୃତ ଯୁବକ ଜଣକ ହେଲେ ବାଲିମେଳା ଏନଏସିର ୧୨ନ ୱାର୍ଡ ଗୌଡ଼ଗୁଡା ସାହିରେ ରହୁଥିବା ସ୍ୱର୍ଗତ ସୁଦର୍ଶନ ଦାସଙ୍କ ପୁଅ ବିଜୟ ଦାସ(୨୩)।ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ବିଜୟ ନିଜ ବାଇକ ନମ୍ବର ଓଡି -୩୦-ବି-୯୭୫୪ ଯୋଗେ ତାଣ୍ଡିକୋଣ୍ଡା ଗ୍ରାମରେ ଥିବା ନିଜ ଶଶୁରଙ୍କ ଘରକୁ ଯାଉଥିବା ସମୟରେ ସୋର୍ଲୁକୋଣ୍ଡା ଗ୍ରାମ ନିକଟ ତଥା ବାଲିମେଳା ସୋର୍ଲୁକୋଣ୍ଡା ରାସ୍ତାରେ କୌଣସି କାରଣରୁ ଭାରସାମ୍ୟ ହରାଇ ବାଇକଟି ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ବିଜୟଙ୍କ ମୁଣ୍ଡରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ସେହି ସମୟରେ ଉକ୍ତ ରାସ୍ତାଦେଇ ଯାତାୟତ କରୁଥିବା ପଥଚାରୀମାନେ ବିଜୟଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ଏଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ବିଜୟଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ଉଚ୍ଚ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରକରିଥିଲେ ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ୨ଟା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ।ଏ ନେଇ ବାଲିମେଳା ଏନଏସିର ୧୨ନମ୍ବର ୱାର୍ଡରେ କାଉନସିଲର ମଙ୍ଗୁଳି ହିଆଲ ଓର୍କେଲ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ପୋଲିସ ଥାନାରେ ଏକ ଦୁର୍ଘଟଣା ମାମଲା କେସ ନମ୍ବର ୬/୨୫ ରେ ରୁଜୁ କରବା ସହ ଏଏସଆଇ ବିଜୟ କୁମାର ବେନିଆଙ୍କ ନେତୃତ୍ୱରେ ପୋଲିସଏର ଏକ ଟିମ ମାଲକାନଗିରି ମେଡିକାଲରେ ପହଁଞ୍ଚି ବିଜୟଙ୍କ ମୃତ ଶରୀରକୁ ଜବତ କରିବା ପରେ ଉକ୍ତ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତ ଦେହକୁ ତାଙ୍କ ପରିବାର ବର୍ଗଙ୍କୁ ଆଜି ହସ୍ତାନ୍ତର କରାଯାଥିବା ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ସୂଚନା ଦେଉଛନ୍ତି ।ବିଜୟଙ୍କ ମୃତ୍ୟୁ ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି ।

# ରାଜ୍ୟ ଆଇନଜୀବୀ ସଙ୍ଘ ଦ୍ୱାରା କୋଟପାଡ଼ ଓକିଲ ସଂଘର ଚାରିଜଣଙ୍କୁ ସମ୍ମାନିତ

କୋଟପାଡ଼, ୮/୧(ନି.ପ୍ର): କୋଟପାଡ଼ ଓକିଲ ସଂଘ ର ଚାରି ଆଇନଜୀବୀ ଙ୍କୁ ସମ୍ମାନିତ କଲେ ଅଲ ଓଡିଶା ଲୟେର୍ସ ଆସୋସିଏସନ । ସମ୍ପ୍ରତି ଶେଷ ହୋଇଥିବା ରାଜ୍ୟ ଆଇନ ଜୀବୀ ସଂଘ ର ତେପନ ତମ ସମ୍ମିଳନୀ ମାଲକାନଗିରି ଠାରେ ସମାପ୍ତ ହୋଇ ଯାଇଛି । ଏଥିରେ ବହୁ ବରିଷ୍ଠ ଓ ଓକିଲ ସଂଘ ସଭାପତି ମାନଙ୍କୁ ସମ୍ମାନିତ କରାଯାଇଛି । ଅଧକ୍ଷ ଜ୍ଞାନ ରଞ୍ଜନ ମହାନ୍ତି ଙ୍କ ଅଧକ୍ଷତାରେ ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀରେ ଦ୍ୱିତୀୟ ଦିବସ ରେ ଓଡିଶା ଉଚ୍ଚ ନ୍ୟାୟାଳୟ ର ଜର୍ଜ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଯୋଗ ଦେଇ ସ୍ୱାଭିମାନୀ ଓକିଲ ହୋଇ କିଭଳି ନ୍ୟାୟ ପ୍ରଦାନ କରାଯାଏ ସେ ସମ୍ପର୍କ ରେ ମଧୁ ବାବୁ ଙ୍କ ବିଭିନ୍ନ ଉଦାହରଣ ଦେଇ ଓକିଲ ମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇ ଥିଲେ । ପରିଶେଷ ରେ ବିଭିନ୍ନ ବରିଷ୍ଠ ଓ ଓକିଲ ସଂଘ ର ସଭାପତି ମାନଙ୍କୁ ଟ୍ରଫି ଓ ଉପ ଢୌକନ ଦେଇ ସମ୍ମାନିତ କରିଥିଲେ । କୋଟପାଡ଼ ଓକିଲ ସଂଘ ର ସଭାପତି ପଙ୍କଜ କୁମାର ପାତ୍ର, ସମ୍ପାଦକ ଶଙ୍କର ପଣ୍ଡା, ବରିଷ୍ଠ ଓକିଲ ମଣି ପ୍ରସାଦ ପଟନାୟକ ଓ ଜିତେନ୍ଦ୍ର ନାଥ ମହାପାତ୍ର ଙ୍କୁ ସମ୍ମାନିତ କରି ଥିଲେ । ଉପସଭାପତି ପ୍ରଦୀପ ବକ୍ସି ଙ୍କୁ ରାଜ୍ୟ ଆଇନଜୀବୀ ସଂଘର ଯୁଗ୍ମ ସମ୍ପାଦକ ଭାବେ ମଧ ରାଜ୍ୟ ଆଇନ ଜୀବୀ ସଂଘ ମନୋନୀତ କରିଛନ୍ତି । ଏଭଳି ସମ୍ମାନିତ ହୋଇଥିବା ଏବଂ ମନୋନୀତ ହୋଇ ଥିବା ଓକିଲ ମାନଙ୍କୁ କୋଟପାଡ଼ ଓକିଲ ସଂଘ, ବାଣିଜ୍ୟ ସଙ୍ଘ, ପ୍ରେସ କ୍ଲବ, ଗୋପବନ୍ଧୁ ପାଠାଗାର ତରଫରୁ ଶୁଭେଚ୍ଛା ଓ ପ୍ରଶଂସା କରାଯାଇଛି ।





# ମାଡିଗଲା ଅଜଣା ଗାଡି, ମହିଳା ମୃତ

ବୌଦ୍ଧ,୮/୧(ନି.ପ୍ର): ଗାଡି ଚକ ମାଡି ମହିଳା ମୃତ । ଜାତୀୟ ରାଜପଥ ରେ ଘଟିଛି ଏଭଳି ଅଭାବନୀୟ ଘଟଣା । ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଆଡ଼େଣିଗଡ଼ ଫାଣ୍ଡି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ରେ ଘଟିଛି ଏଭଳି ଦୁଃଖଦ ଘଟଣା । ସୂଚନା ଅନୁଯାଇ ଗୁରୁବାର ଦିନ ୫୭ନଂ ଜାତୀୟ ରାଜପଥ ରାଣିଗଞ୍ଜ ଗାଁ ନିକଟରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଡ଼ିମିରିମୁଣ୍ଡା ଗ୍ରାମର ଜଗଦୀଶ ବେହେରା ଓ ତାଙ୍କ ଧର୍ମ ପତ୍ନୀ ପ୍ରତିମା ବେହେରା ନିଜ ଶ୍ୱଶୁର ଘର ନୟାଗଡ଼ ଜିଲ୍ଲା କଳାପଟା ଯାଇ ବୌଦ୍ଧ ଅଭିମୁଖେ ଏକ ବାଇକ ଯୋଗେ ଫେରୁଥିବା ବେଳେ କୌଣସି ମତେ ପ୍ରତିମା ବାଇକରୁ ଖସିପଡ଼ିଥିଲେ । ପଛରୁ ଆସୁଥିବା ଏକ ଦ୍ରୁତ ଗାମୀ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଥିଲା । ଘଟଣା ସ୍ଥଳରେ ହିଁ ପ୍ରତିମା ଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣାକୁ ନେଇ ଉତ୍ୟକ୍ତ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଘଟଣା ସ୍ଥଳରେ ପୁରୁଣା କଟକ ପୋଲିସ ପହଁଚି ବୁଝାସୁଝା କରିବା ସହ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଦୁର୍ଘଟଣା କୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ଆଗରପଡା ଯୁବ ମହୋତ୍ସବର ଅଷ୍ଟମ ସଂନ୍ଧ୍ୟା : ଅସ୍ମିତାର ରଙ୍ଗ ବୋଳେ ଯୁବ ମହୋତ୍ସବ

ବନ୍ତ,୮/୧(ନି.ପ୍ର): ତୃତୀୟ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବର ଅଷ୍ଟମ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚର ଜିଲ୍ଲା ସଭାପତି ତଥା କଲ୍ୟାଣୀ ବିଲ୍ଡର୍ସର ନିର୍ଦ୍ଦେଶକ ବିଭୂଚନ୍ଦନ ଜେନା ଯୋଗଦେଇ ଆଗରପଡ଼ାର ସୁଯୋଗ୍ୟ ସନ୍ତାନ ଡ. ହରେକୃଷ୍ଣ ମହତାବଙ୍କ ସ୍ମୃତି ରୋମନ୍ଥନ ପୂର୍ବକ ଏହି ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ଆୟୋଜନ ନିଆରା ଓ ଏହା ଅସ୍ମିତାର ରଙ୍ଗରେ ରଙ୍ଗେଇ ହୋଇ ନବବଧୂ ସଦୃଶ ଜନମନ ହରଣ କରୁଛି ଯାହା କି ଉପସ୍ଥିତ ଦର୍ଶକଙ୍କ ସମାଗମରୁ ଜଣାପଡୁଛି ବୋଲି ସେ ମତବ୍ୟକ୍ତ କରିଥିଲେ । । କମିଟି ସଭାପତି ଇଂ ଅମୀୟ ରାମ ଙ୍କ ସଭାପତିତ୍ୱରେ ଆୟୋଜତି ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଗରପଡ଼ା ଅଞ୍ଚଳର ଯୁବ ସଂଗଠକ ତଥା କଲ୍ୟାଣୀ ବିଲ୍ଡର୍ସର ଅନ୍ୟତମ ନିର୍ଦ୍ଦେଶକ



ତାପସ ରାୟ, କମିଟି ଉପଦେଷ୍ଟା ତଥା ଶିକ୍ଷାବିତ ଚିତରଞ୍ଜନ ସାମନ୍ତ ରାୟ ପ୍ରମୁଖ ମଞ୍ଚାସୀନ ହୋଇ କମିଟିର ଆୟୋଜନକୁ ଭୂୟସୀ ପ୍ରଶଂସା କରିବା ସହ କମିଟି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ।ଏହି ଅବସରରେ ଆଗରପଡ଼ା ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥି ମାନେ ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଂପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ପୁହାଣ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ। ସାମ୍ବାଦିକ ଜିତେନ୍ଦ୍ର ସତପଥି ଧନ୍ୟବାଦଅର୍ପଣ କରିଥିଲେ। ଶେଷରେ ଓଡିଆ ସିନେମା ବିଗ୍ରହର କଳାକାର ମାନଙ୍କ ଦ୍ୱାରା ପ୍ରମୋସନ ଏହି ମଞ୍ଚରେ ପରିବେଷଣ କରାଯାଇଥିଲା। ଅପରାହ୍ନ ୪ ଘଟିକା ଠାରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନୃତ୍ୟ ସଙ୍ଗୀତ, ମିସ୍ ଆଗରପଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ସୁନାବୋହୂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଆଜିର ଏହି ମହୋତ୍ସବରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଏହାକୁ ମନଭରି ଉପଭୋଗ କରିଥିଲେ। ପଡ଼ିଆରେ ଲାଗିଥିବା ଦୋଳି, ମୀନାବଜାର ଓ ଖାଦ୍ୟ ଷ୍ଟଲରେ ହଜାର ହଜାର ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ନିରୋଜ ଆଇଚ, ଜୈନୁଲ ଆବେଦିନ , କୋଷାଧକ୍ଷ ନୃସିଂହ ଖୁଣ୍ଟିଆ, କାର୍ଯ୍ୟକାରୀ ସଭାପତି ତପନ ପୃଷ୍ଟି ,ସଂଗଠନ ସମ୍ପାଦକ ଚିନ୍ମୟ ସିଂହ,ଯୁଗ୍ମ ସମ୍ପାଦକ ସାମ୍ବାଦିକ ବାବୁରାମ ବେହେରା, ଦିବ୍ୟ ଆକାଶ ପୁହାଣ, ହାପୀ ରାୟ, ଶୁଭମ ସିଂହ, ଚିତ୍ତରଞ୍ଜନ ଉଦ୍ ?ଗାତା, ସମ୍ରାଟ ସିଂହ, ଅଶୋକ ପାଣିଗ୍ରାହୀ, ଗୟାଧର ପତି,ଶୁଭେନ୍ଦୁ ବେହେରା, ପ୍ରକାଶ ଜେନା, କାହ୍ନୁ ଓ କହ୍ନେଇ ସିଂହଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ଖଡୁରା ସମାଜ ତରଫରୁ ନବବର୍ଷ କ୍ୟାଲେଣ୍ଡର ବଣ୍ଟନ



ଲାଞ୍ଜିଗଡ଼, ୮/୧(ନି.ପ୍ର): ଇଂରାଜୀ ନବବର୍ଷକୁ ନେଇ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଥିବାବେଳେ କିଏ ମନ୍ଦିର ପରିଦର୍ଶନ କରି ନିଜ ଓ ପରିବାର ପାଇଁ ମଙ୍ଗଳ ମନାସୁଥିବାବେଳେ ଭୋଜିଭାତ କରି କେହି କେହି ନୂଆବର୍ଷର ପ୍ରଥମ ଦିନକୁ ପାଳନ କରିଛନ୍ତି। ତେବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ଠାରେ ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ଏକ ନିଆରା ପଦକ୍ଷେପ ନିଆଯାଇଛି। କଳାହାଣ୍ଡି ଜିଲ୍ଲା ଖଡୁରା ସମାଜର ସଭାପତି ରବୀନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଲାଞ୍ଜିଗଡ ବ୍ଲକ ଖଡୁରା ସମାଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ନାୟକ, ପରେଶ କୁମାର ନାୟକ, ସନାତନ ନାୟକ, ସତ୍ୟ ନାରାୟଣ ନାୟକ, ସୁନୀଲ କୁମାର ସୁବୁଦ୍ଧି, ମିଳନ କୁମାର ନାୟକ, ସୀମାଞ୍ଚଳ ନାୟକ, ସତ୍ୟାନନ୍ଦ ନାୟକ, ଭୋଳାନାଥ ନାୟକ ପ୍ରମୁଖ ଲାଞ୍ଜିଗଡ ସହର ସାରା ବୁଲି ଜନସାଧାରଣଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ନିଖିଳ ଉତ୍କଳ ଖଡୁରା ସମାଜ ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ବଣ୍ଟନ କରିଥିଲେ।

# ଫ୍ୟୁଚର ଓଡିଶା ପକ୍ଷରୁ ନିଆରା ଢଙ୍ଗରେ ନବବର୍ଷ ପାଳିତ

ଭୁବନେଶ୍ୱର,୮/୧(ନି.ପ୍ର): ଫ୍ୟୁଚର ଓଡିଶା ପକ୍ଷରୁ ୨୦୨୫ ନୂତନ ବର୍ଷକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଆଜି ପ୍ରେସ ଛକ ନିକଟରେ ଥିବା ଓପନ ଲର୍ଣ୍ଣିଙ୍ଗ ସ୍କୁଲରେ ଦିବ୍ୟାଙ୍ଗ ପିଲାଙ୍କ ଗହଣରେ କେକ୍ କାଟି ନାଚ ଗୀତ କରି ନୂଆବର୍ଷ ଉତ୍ସବ ପାଳନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅଂଶୁମାନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କଂଗ୍ରେସ ମୁଖପାତ୍ର ଅମିୟ ପାଣ୍ଡବ, ପ୍ରଶାନ୍ତ ଶତପଥୀ, ବରିଷ୍ଠ ଶ୍ରମିକ ନେତା ମାନସ ଚୌଧୁରୀ, ସ୍କୁଲର ଅଧକ୍ଷା କସ୍ତୁରୀ ମହାପାତ୍ର, ପୂର୍ବତନ କର୍ପୋରେଟର ସୟ ସେଠୀ, ଦେବୀ ପ୍ରସାଦ ମଲ୍ଲିକ, କଣ୍ଠଶିଳ୍ପୀ ପୂଜା ପଟ୍ଟନାୟକ, ସାମ୍ବାଦିକ ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇ ଫ୍ୟୁଚର ଓଡିଶାର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏବଂ ପିଲାମାନଙ୍କ ସହିତ କେକ୍ କାଟି ମିଠା ବାଣ୍ଟି ନୂତନ ବର୍ଷ ପାଳନ କରିଥିଲେ। ସଦସ୍ୟ ଦୂର୍ଗା ପ୍ରସନ୍ନ ମିଶ୍ର, ଲୋକମାନ ଖାନ୍, ରଜତ ମହାପାତ୍ର, ବାପି ନାୟକ, ରୂପାଲି ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

# ପାନୀୟ ଜଳକୁ ନେଇ ପ୍ରଶାସନଙ୍କ ପାଖରେ ଗୁହାରି

କଲ୍ୟାଣ ସିଂହପୁର,୮/୧(ନି.ପ୍ର): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ନାରାୟଣ ପୁର ପଞ୍ଚାୟତର ଖଟଗନ୍ତା ଗ୍ରାମ ଡ଼ମ୍ବ ସାହିରେ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିରହିଥିବା ଦେଖିବାକୁ ମିଳିଛି । ଉକ୍ତ ଗ୍ରାମ ସାହିରେ ପ୍ରାୟ ୪୦ ପରିବାର ରେ ସମୁଦାୟ ୨୦୦ ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଛି । ଉକ୍ତ ସାହିରେ ଦୁଇଟି ନଳକୂପ କିନ୍ତୁ ଗୋଟିଏ ନଳକୂପ ଅଚଳ ଥିବାବେଳେ ଗୋଟିଏ ନଳକୂପ ରେ ପାଣି ଠିକସେ ବାହାରୁନାହିଁ। ପ୍ରାୟ ୬ ବର୍ଷ ହେବ ଠିକ ଭାବରେ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ । ରାସ୍ତାରେ ଘର ଘରକୁ ପାଇପ ଯୋଗେ ପାଣିଦେବା ପାଇଁ ୬ ମାସ ହେବ ବିଞ୍ଚା ଯାଇଛି କିନ୍ତୁ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ପାଣି ମୁନ୍ଦାଏ ହେଲେ ଆସୁନାହିଁ । ଏହାକୁ ନେଇ ପୂର୍ବତନ ସରପଞ୍ଚ, ବର୍ତମାନ ର ସରପଞ୍ଚ,ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ,ଜଳ ଓ ପରିମଳ ବିଭାଗ ର ଯନ୍ତ୍ରୀ ଓ ବିଡ଼ିଓ କଲ୍ୟାଣ ସିଂହପୁର ଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ପ୍ରାୟ ୪ ମାସ ହେବ ପାନୀୟ ଜଳ ସମସ୍ୟା ରହିଥିବାରୁ ଗ୍ରାମର ମହିଳା ମାନେ ପୁରୁଣା ନଳକୂପ ର ପାଣି ବ୍ୟବହାର କରୁଛନ୍ତି ତାହାମଧ



ଠିକସେ ବାହାରୁ ନାହିଁ । ଗ୍ରାମର ସମସ୍ତେ ଉକ୍ତ ନଳକୂପ ଉପରେ ନିର୍ଭରଶୀଳ । ସଫାସୁତୁରା,ଘର କାର୍ଯ୍ୟ ଓ ବିଭିନ୍ନ କାର୍ଯ୍ୟରେ ଏହି ନଳକୂପ ର ପାଣି ବ୍ୟବହାର କରୁଛନ୍ତି । ଯାହା ଫଳରେ ଲୋକମାନେ ରୋଗାକ୍ରାନ୍ତ ହେଉଛନ୍ତି ବୋଲି ଉକ୍ତ ଗ୍ରାମର ଜୟନ୍ତୀ ମହାନନ୍ଦିଆ, ଶାଗନ୍ତି କୌଶଲ୍ୟା, ମମତା କୌଶଲ୍ୟା, ଚିଲିକା କୌଶଲ୍ୟା, ହସାଇ କୌଶଲ୍ୟା, ଶରତ କୌଶଲ୍ୟା, ସନ୍ତୋଷ କୌଶଲ୍ୟା, ଲେଲି କୌଶଲ୍ୟା, ନରେନ୍ଦ୍ର କୌଶଲ୍ୟା, ଚମର କୌଶଲ୍ୟା ପ୍ରକାଶ କରିଛନ୍ତି । ତେବେ ଆଗକୁ କିଭଳି ଭାବେ ସ୍ଥାନୀୟ ପ୍ରଶାସନ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ପରଲୋକରେ ଡାକ୍ତର କରୁଣାକର ଦେଓ

ଭବାନୀପାଟଣା, ୮/୧(ନି.ପ୍ର):ସ୍ଥାନୀୟ ନୂଆପଡା ନିବାସୀ ଡାକ୍ତର କରୁଣାକର ଦେଓଙ୍କର ଗତ ରାତିରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ତୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ବୁର୍ଲା ମେଡିକାଲ ର ୧୯୬୮ବ୍ୟାଚ୍ ? ଡାକ୍ତର ଦେଓ ଜଣେ ଶିଶୁ ରୋଗ ଚିକିତ୍ସକ ଭାବେ ସୁପରିଚିତ ଥିଲେ। ମଧୁର ଭାସୀ ଓ ମେଳାପୀ ଡାକ୍ତର ଦେଓ ତାଙ୍କ ଆବର୍ତ୍ତମାନରେ ପତ୍ନୀ ଓ ଦୁଇ ଝିଅଙ୍କୁ ଛାଡି ଯାଇଛନ୍ତି ।ତାଙ୍କ ବଡ଼ ଭାଇ କୃଷ୍ଣାବତାର ଦେଓ ଆଜି ସପରିବାର ଉକଳ୍ଲୋରୁ ବିମାନ ଯୋଗେ ଭୁବନେଶ୍ୱର ଓ ସେଠାରୁ ପୁରୀ ଯାଇ ସ୍ୱର୍ଗଦ୍ୱାରତାଙ୍କ ଅନ୍ତିମ କ୍ରିୟା ସମ୍ପର୍ଣ୍ଣ କରିଛନ୍ତି ।ଡାକ୍ତର ଦେଓଙ୍କ ପୁତୁରା ବିଶ୍ୱନାଥ ଶାହାଦେଓ ମୁଖାଗ୍ନି ଦେଇଥିଲେ। ଭୁବନେଶ୍ୱର ଠାରେ ଡାକ୍ତର ଦେଓଙ୍କ ଅନେକ ବନ୍ଧୁ, ପରିଜନ ଓ ସହପାଠୀ ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ବିୟୋଗ ଖବର ପରେ ଭବାନୀପାଟଣା ସହରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି।



# ଜିଲ୍ଲାସ୍ତରୀୟ କୃଷି ମେଳା ଓ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟିତ




ରାୟଗଡ ତା ୮/୦୧- ରାୟଗଡ ଜିଲ୍ଲାପ୍ରଶାସନ ଓ କୃଷି ବିଭାଗ ତରଫରୁ ସ୍ଥାନୀୟ ଜେଏସସିଆଇଆର ପଡିଆ ଠାରେ ଚଳିତ ମାସ ତା ୭ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କୃଷୀ ଯନ୍ତ୍ରପାତି ମେଳା ଆଜିର ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମଝିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭାସ୍କର ଚନ୍ଦ୍ର ରଇତ ଅଧକ୍ଷତକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମକ୍ଷନିତ ଅତିଥି ତଥା ଉପାଧକ୍ଷ ଜିଲ୍ଲାପରିଷଦ ରୟାଗଡ଼ ଶ୍ରୀ ସନ୍ତୋଷ ସୁନା ,ପ୍ରକଳ୍ପ ପ୍ରଶାସକ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡା, ଶ୍ରୀ ଚନ୍ଦ୍ର କାନ୍ତ ମକ୍ଷଝି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,ଶ୍ରୀ ବିଷ୍ଣୁ ପ୍ରସାଦ ଦାର୍ଶ୍ମ,କ୍ଷମ କଟକ ପଂଚାୟତ ସମିତି ଅଧକ୍ଷା,ଶ୍ରୀମତୀ ଯୋଷଦା ହୁଇକା,ଅଧକ୍ଷକ୍ଷ,ମୁନିଗୁଡା ପଂଚାୟତ ସମିତି, ଶ୍ରୀମତୀ ଦୁଃଖୀନି ନୁଣ୍ଡରୁକା, ଚନ୍ଦ୍ରପୁର ପଞ୍ଚାୟତ ସମିତି ଅଧକ୍ଷ, ଶ୍ରୀ କୈନ କିମ୍ବାକା,ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମିଶନ ଡ଼ଃ ଦୟାନିଧି ବାଗ,ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦେବରାଜ ନାଏକ,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଶ୍ରୀ ଦୟାନିଧି ବାଗ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଜ୍ଞାନ ରଞ୍ଜନ ସେଠୀ ଆଦି ଯୋଗଦକ୍ଷନ କରି ଚାଷୀ ମାନଙ୍କୁ ନିଜର ବକ୍ତବ୍ୟ ମାଧମରେ ଆଧୁନିକ କୃଷି ଯନ୍ତପକ୍ଷତି ବ୍ୟବହାର କରି ଅଧିକ ଲାଭବାନ ହେବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ମେଳା ମଧ୍ୟରେ ଜିଲ୍ଲା କୃଷୀ ବିଭାଗ ତରଫରୁ ଏକ କୃଷୀ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ସୁଶ୍ରୀ ମାଝୀ ଓ ସମ୍ମାନିତ ଅତିଥି କୃଷି ମେଳାର ଉଦେଶ୍ୟ ଓ ଆଧୁନିକ ପ୍ରଣାଳୀରେ ଚାଷୀ କିପରି ଲାଭବାନ ହୋଇପାରିବେ ତା ଉପରେ ଆଲୋକପାତ କରିଥିଲେ। ଏହି ମେଳାରେ ଯୋଗଦେଇ ଥିବା ଅତିଥିମାନେ ଜିଲ୍ଲାର କିଛି କୃଷକ ଆଧୁନିକ ପ୍ରଣାଳୀ ରେ କିପରି ବିଭିନ୍ନ ପ୍ରକାର ଚାଷ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହେଇଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରି ବର୍ତ୍ତମାନ ଯୁଗରେ କୃଷୀ କ୍ଷେତ୍ରରେ ଉନ୍ନତ ମାନର ଯନ୍ତ୍ରପାତିର ବ୍ୟବହାର କରି ଚାଷୀ ଅଧିକ ଲାଭବାନ ହୋଇପାରୁଥିବା ହେତୁ ଏବଂ ଏ କ୍ଷେତ୍ରରେ ସରକାର ସବ୍ସିଡି ମାଧ୍ୟମରେ କୃଷକଙ୍କ ଆବଶ୍ୟକ ଯନ୍ତ୍ର ପାତି ଯୋଗାଇ ଦେଉଥିବାରୁ ଜିଲ୍ଲାର କୃଷକ ଭାଇମାନେ ଏହାର ସୁଯୋଗ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦକ୍ଷଶ ସ୍ୱାଗତ ଭାଷଣ ଦେଇଥିବା ଜିଲ୍ଲା କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମେଳାରେ ଉଦଘାଟନୀ ଦିବସରେ ଜଣ କୃଷକ ଟ୍ରାକ୍ଟର ବୁକିଂ କରି କିଣି ଥିବାରୁ ଅତିଥି ମାନଙ୍କ ଦ୍ୱାରା ସମସ୍ତଙ୍କୁ ଟ୍ରାକ୍ଟର ଚାବି ପ୍ରଦାନ କରାଯାଇଥିଲା। କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଥିବା୍,କ୍ଷମ କଟକ ବ୍ଲକର ଚାଷୀ କୈଳାଶ ୱାଡାକ, କେ . ସୁରେଶ ଚୌଧୁରୀ, ଚନ୍ଦ୍ରପୁର ବ୍ଲକର ବିଜୟ କୁମାର କଦମ୍ବାଲୁ, ମୁନିଗୁଡା ବ୍ଲକର ଚାଷୀ ଶ୍ରୀ ଧ୍ୱା ନୁଣ୍ଡରୁକା,ମୁଖ୍ୟମନ୍ତ୍ରୀ ଅଭିନ୍ନ କୃଷି ଯନ୍ତ୍ରପାତି ବ୍ୟବହାର ନିମନ୍ତେ ଶ୍ରୀ ଗଣେଶ ଝୁଡିଆ, ଅର୍ଜୁନ ମାଝୀଙ୍କୁ ୧୫୦୦୦/-ଟଙ୍କାର ପୁରସ୍କୃତ କରାଯାଇଛି, ପଦ୍ମପୁର ବ୍ଲକର ଚାଷୀ ରତ୍ନାକର ସାହୁ, ମୁନିଗୁଡା ବ୍ଲକର ତରଣୀସେନ ବଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ କ୍ଷ ଏହାପରେ ଚାଷ ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା କ୍ଷ ଏହି ମେଳାରେ ପ୍ରତେକ ଦିନ ସନ୍ଧ୍ୟା ୩ ଟା ରୁ୬ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜନସାଧାରଣ ଙ୍କ ମନୋରଞ୍ଜନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଯୋଗଦାନ କରି ଏହାକୁ ଉପଭୋଗ କରିବା ସହିତ କୃଷି ଯନ୍ତ୍ରପାତି ମେଳା ବୁଲିଦେଖିଥିଲେ।ଏହି ମେଳାରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଷ୍ଟଲ ମାନ ଖୋଲାଯାଇ ତାଙ୍କର ଉତ୍ପକ୍ଷଦିତ ଦ୍ରବ୍ୟ ବିକ୍ରୟ କରିଛନ୍ତି। ଏହି ୪ଦିନିଆ ମେଳାରେ ପ୍ରତେକ ଦିନ ବିଭିନ୍ନ ମାନ୍ୟଗନ୍ୟ ଅତିଥି, ଜନପ୍ରତିନିଧି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ବାଗୁଲି ଆଶ୍ରମ ବିଦ୍ୟାଳୟର କ୍ରୀଡା ପ୍ରତିଯୋଗିତା



ବେତନଟୀ ୮/୧(ନି.ପ୍ର): ବଡସାହି ନିର୍ବାଚନ ମଣ୍ଡଳୀର ୩୬୫ ଛାତ୍ରଛାତ୍ରୀ ବିଶିଷ୍ଟ ବାଗୁଲୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଜାନୁଆରୀ ୭ ତାରିଖରେ ଅନୁଷ୍ଠିତ ହୋଇ ଯାଇଅଛି। ଏହାକୁ ଆନୁଷ୍ଠାନିକ ଭାବେ ବଡସାହି ବ୍ଲକ୍ ର ମଙ୍ଗଳସଂପ୍ରସାରଣ ଅଧିକାରୀଣୀ ସୁଶ୍ରୀ ବାସନ୍ତୀସିଂହ ମୁଖ୍ୟ ଅତିଥିଭାବେ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ଏବଂ କେଚିଲାଖୁଣ୍ଟା ସରପଞ୍ଚ ତଅପୋଇ ସିଂ, ସମାଜସେବୀ ନରେନ୍ଦ୍ର ସିଂ, ସ୍ୱତନ୍ତ୍ର ଅତିଥିଭାବେ ଶିକ୍ଷାବିତ୍ ତଥା ପୂର୍ବତନ ଗୋଷ୍ଠୀ ସମ୍ବଳ ଶିକ୍ଷକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନକୁ ଉଚ୍ଛସିତ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତଛାତ୍ରୀଙ୍କ ମାର୍ଚ୍ଚପାଷ୍ଟ ଓ ଦେଶାତ୍ମବୋଧକ ସଂଗୀତ ସହ ନୃତ୍ୟ ପରିବେଷଣ ଚିତାକର୍ଷକ ହୋଇପାରିଥିଲା। ସମସ୍ତ କାର୍ଯ୍ୟ ପରିଚାଳନାରେ ବରିଷ୍ଠ ଶିକ୍ଷକ ଜୟନ୍ତ କୁମାର ଜେନା, ଲୁଗୁ ସିଂ, ରଂଜିତା ଜେନା, ନାରାୟଣ ନାୟକ, ଲିଲିମା ମଣ୍ଡଳ, ସସ୍ମିତା ସେଠୀ ଓ ବନଜା ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ୧୦ବର୍ଷ ବୈବାହିକ ଜୀବନ ପରେ ମହିଳାଙ୍କୁ ଯୌତୁକ ଜନିତ ଆକ୍ରମଣ

ଜଳେଶ୍ୱର,୮/୧(ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଗାଁ ଜଣେ ମହିଳା ବିବାହର ୧୦ବର୍ଷ ଏବଂ ତାର ଜଣେ ସନ୍ତାନ ଥିବା ବେଳେ ଯୌତୁକ ଲାଗି ସ୍ୱାମୀ ଓ ପରିବାରବର୍ଗ ଦୀର୍ଘଦିନ ଧରି ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ନିକଟରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ନଛିମପୁର ପଂଚାୟତର ସହାଡାପଡା ଗାଁର ଚାମେଲି ପାତ୍ରଙ୍କ ଝିଅ ଚାନ୍ଦିନୀକୁ ନାମ୍ପୋ ଗାଁର ମନ୍ମଥ ଦେଙ୍କ ପୁଅ ବିଜୟ ସହିତ ୧୦ବର୍ଷ ପୂର୍ବେ ବିବାହ ଦେଇଥିଲେ । ବିବାହ ସମୟରେ ଦାବି ଅନୁଯାୟୀ ସମସ୍ତ ଯୌତୁକ ଦିଆଯାଇଥିଲେ ମଧ ବିବାହର ୨ବର୍ଷ ପରେ ୨ଲକ୍ଷ ଟଙ୍କା ଅତିରିକ୍ତ ଦାବି କରାଯାଇଥିଲା । ପରିବାର ପକ୍ଷରୁ ବାରମ୍ବାର ଚାନ୍ଦିନୀକୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦିଆଯାଇ ଆସୁଥିଲା । ୪ଦିନ ତଳେ ସ୍ୱାମୀ, ଶାଶୁ, ଶ୍ୱଶୁର ମିଶି ଚାନ୍ଦିନୀକୁ ମରଣାନ୍ତକ ଆକ୍ରମଣ କରିବାରୁ ଶରୀରର ବିଭିନ୍ନ ସ୍ଥାନରେ କ୍ଷତାକ୍ତ ହୋଇଛି । ତାଙ୍କର ଆଖି ରେ ଗଭୀର ଆଘାତ ଲାଗିଥିବା ବେଳେ ଗୁରୁତର ଭାବେ ଜଳେଶ୍ୱର ହସ୍ପିଟାଲ ପରେ ବାଲେଶ୍ୱର ହସ୍ପିଟାଲ କୁ ସ୍ଥାନାନ୍ତରିତ କରାଯାଇଛି। ହେବାର ସମ୍ଭାବନା ଦେଖା ଦେଇଛି ।୨ପରିବାର ମଧ୍ୟରେ ସମାଧାନ ପାଇଁ ବାରମ୍ବାର ବୁଝାସୁଝା ହୋଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏସମ୍ପର୍କରେ ମାଁ ଚାମେଲି ପାତ୍ର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

## ବିଶ୍ୱବିଦ୍ୟାଳୟରେ ଏନଏସଏସ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ

ବାରିପଦା ୮/୧(ନି.ପ୍ର): ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଚେୟାରମେନ ପ୍ରଫେସର ହେମନ୍ତ କୁମାର ସାହୁ, ଏବଂ ରେଜିଷ୍ଟ୍ରେର ସୁମିତା ସିଂଙ୍କ ମାର୍ଗଦର୍ଶନରେ ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୁଲ୍ୟରେ ଆଜି ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି. ଏହି ଅବସର ରେ ଏକ ସଚେତନତା ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ତକତପୁର ଛକ ନିକଟରେ ଶେଷ ହୋଇଥିଲା। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ଏମସିଏମ କଲେଜ, ଶ୍ରୀମା ମହାବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀଙ୍କ ସମେତ ସ୍ୱେଚ୍ଛାସେବୀ ମାନେ ତକତପୁର ଛକ ନିକଟରେ ହେଲମେଟ ପିନ୍ଧିଥିବା ଏବଂ ସିଟବେଲ୍ଟ ବ୍ୟବହାର କରୁଥିବା ଗାଡି ଚାଳକ ମାନଙ୍କୁ ଚକୋଲେଟ ବିତରଣ କରିବା ଆଇନ ଉଲଂଘନ କରୁଥିବା ଚାଳକ ମାନଙ୍କୁ ସଡ଼କ ଦୁର୍ଘଟଣା ଜନିତ କ୍ଷତି ସମ୍ପର୍କରେ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ମୋଟର ଯାନ




ଯାଞ୍ଚ ନିରୀକ୍ଷକ ଶାଲଖୁ ମୁର୍ମୁ, ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଯୋଗଦେଇ ସମସ୍ତଙ୍କୁ ଟ୍ରାଫିକ ନିୟମ, ସଂକେତ ଓ ସଡ଼କ ସୁରକ୍ଷା ବିଷୟରେ ସଚେତନତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ପ୍ରିୟବ୍ରତ ବେହେରା, ଏମସିଏମ କଲେଜର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସହଯୋଗୀ ସହାୟକ ଅଧିକାରୀ ଅଜୟ କୁମାର ବଳ, ଦେବେନ୍ଦ୍ର କୁମାର ପତି, ରାମଚନ୍ଦ୍ର ବାସ୍କେ ଯୋଗଦେଇଥିବା ବେଳେ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡଃ ବିଷ୍ଣୁ ପ୍ରିୟା ହାଁସଦା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଶେଷରେ ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଯମୁନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ରମଣ କାରୀ ବାଲି ମାଫିଆ ଙ୍କ ବିରୋଧରେ,ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲାପାଳଙ୍କୁ ଦାବୀପତ୍ର

ଜଳେଶ୍ୱର,୮/୧(ନି.ପ୍ର):ଗତ ୭ ତାରିଖ ରବିବାର ଦିନ ଜଳେଶ୍ୱର ପୌରପାଳିକାର ୩ ନଂ ୱାର୍ଡ ସୁବର୍ଣ୍ଣରେଖା ନଦୀବନ୍ଧକୁ କାଟି କେତେକ ଦୁର୍ବୃତ ବେଆଇନ୍ ବାଲି ଉତୋଳନ କରୁ ଥିବାର ଜାଣି ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଆହ୍ୱାନରେ ପୌରପାଳିକାର ୨ ନଂ ୱାର୍ଡ କାଉନ୍ ?ସିଲର ସୁରଜ ଚୌରାସିଆ ଓ ଗ୍ରାମବାସୀ ଘଟଣା ସ୍ଥଳକୁ ଯାଇଥିଲେ।ମାତ୍ର ଘଟଣାସ୍ଥଳରେ ତହସିଲଦାରଙ୍କ ଉପସ୍ଥିତିରେ କେତେକ ବାଲି ମାଫିଆ ସଂଘବଦ୍ଧ ହୋଇ କାଉନସିଲର ସୁରଜ ଚୌରାସିଆଙ୍କ ସହିତ ଗ୍ରାମବାସୀ ମାନଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସଂପର୍କରେ ନିଜେ ତହସିଲଦାର ସତ୍ୟଜିତ ମହାନ୍ତି ଓ କାଉନସିଲାର ସୁରଜ ଚୌରାସିଆ



ପୃଥକ ପୃଥକ ଭାବରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୁଲିସ୍ ଜଣକୁ ଅଟକ ରଖିଥିବା ବେଳେ ଅନ୍ୟ ମାନେ ଫେରାର ଅଛନ୍ତି।ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳରେ ସରକାରୀ ବାଲି ସୈରାତ ନ ଥିବାରୁ ବାଲିର ଆବଶ୍ୟକତାକୁ ଲକ୍ଷ୍ୟ କରି କେତେକ ଯୁବକ ଏପରି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି।ତେଣୁ ବ୍ୟକ୍ତିଗତ କାର୍ଯ୍ୟ ଓ ସରକାରୀ ଉନ୍ନୟନ କାର୍ଯ୍ୟ ଲାଗି ବାଲିର ବ୍ୟାପକ ଆବଶ୍ୟକ ?ତା ଥିବାରୁ ଯଥାଶୀଘ୍ର ସରକାରୀ ସ୍ତରରେ ବାଲି ସୈରାତ ମାଧ୍ୟମରେ ବାଲି ଉପଲବ୍ଧ କରିବା ସହିତ ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ସମସ୍ତ ଯୁବକ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଲାଗି ଜଳେଶ୍ୱର ପୌରପାଳିକାର ସମସ୍ତ ଜନ ପ୍ରତିନିଧି ମାନେ ବାଲେଶ୍ୱର ଯାଇ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଓ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ଲିଖିତ ଅଭିଯୋଗ ମୂଳେ ଦାବି କରିଛନ୍ତି।ଉକ୍ତ ଦାବୀପତ୍ର ପ୍ରଦାନ ସମୟରେ ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ, ଉପ ନଗରପାଳ ପୁଷ୍ପପ୍ରିୟା କାମିଲା, କାଉନସିଲର କବିତା ଧଳ, ରଶ୍ମୀ ନନ୍ଦୀ, ସତ୍ୟବତୀ ଗିରି, ସୁଷମା କର, ସ୍ୱାଗତିକା ପାଳ, ଚିତ୍ତରଞ୍ଜନ ମହାନ୍ତି, ସୁରଜ୍ କୁମାର ଚୌରାସିଆ, ଶିବ ନାରାୟଣ ମହାପାତ୍ର, ସେକ୍ ସୈଫୁଦ୍ଦିନ, ଓ କବିତା ସାହୁ ପ୍ରମୁଖ କାଉନସିଲର ଙ୍କ ସହ ନଗର ବିଧାୟକ ପ୍ରତିନିଧି ସତ୍ୟ ରଞ୍ଜନ ଦାସ ମହାପାତ୍ର ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ରେ କାର କୁ ଅଟକାଇ ଡକାୟତି ଉଦ୍ୟମ ମାମଲାରେ ସଂପୃକ୍ତ ଯୁବକ ଗିରଫ

ରଙ୍ଗେଇଲୁଣ୍ଡା ୮/୧(ନି.ପ୍ର): ଗୋଳନ୍ଥରା ଥାନା ଅଧିନସ୍ଥ ଜାତୀୟ ରାଜପଥ ୧୬ ସୁମାଣ୍ଡି ଛକ ଠାରେ ଏକ କାର କୁ ଭଙ୍ଗାରୁଜା କରି ଆକ୍ରମଣ କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଏଥିରେ ସମ୍ପୃକ୍ତ ଥିବା ଜଣେ ଯୁବକ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପାରଳାଖେମୁଣ୍ଡି ରାମନଗର ଅଞ୍ଚଳର ଅର୍ଜୁନ ଭୋଷଲେ (୨୦) ବୋଲି ତଦନ୍ତ କରି ଅଧିକାରୀ ରାମ ଶଙ୍କର ବେହେରା ସୂଚନା ଦେଇଛନ୍ତି କ୍ଷ ସଦର ଥାନା ଅଧିନସ୍ଥ ଗୁଣ୍ଡବନ୍ଧ ଗ୍ରାମର ରମେଶ ଚନ୍ଦ୍ର ମହାନ୍ତି କାର ଯୋଗେ କୋଣସି କାମନେଇ ଗତ ୫ ତାରିଖ ରାତିରେ ଇଛାପୁର ଯାଇଥିଲେ। କାମ ସାରି ରାତି ୧୧ ଟା ବେଳେ ୧୬ ନଂ ଜାତୀୟ ରାଜପଥ ଦେଇ ବ୍ରହ୍ମପୁର ଫେରୁଥିବା ବେଳେ ସୁମାଣ୍ଡି ନିକଟରେ ହଠାତ ଚାରି ଜଣ ଯୁବକ କାର ସମ୍ମୁଖ କୁ ଆସି ପଥର ଫିଙ୍ଗିବା ସହ ଠେଙ୍ଗାରେ କାରର କାଚ ଭାଙ୍ଗି ଦେଇଥିଲେ। ଉଭୟ କୁ ଆକ୍ରମଣ ମଧ କରିଥିଲେ କ୍ଷକିନ୍ତୁ କୈଶଳ କ୍ରମେ ସେମାନେ କାର କୁ ନ ଅଟକାଇ ସେଠାରୁ ଦ୍ରୁତ ଗତିରେ ଚାଲି ଯାଇଥିଲେ।ଏ ନେଇ ରମେଶ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନ ୧୧/୨୫ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା କ୍ଷଘଟଣାରେ ସମ୍ପୃକ୍ତ ଥିବା ଅର୍ଜୁନ କୁ ପୋଲିସ ଗିରଫ କରିବା ଘଟଣା ସମୟରେ ବ୍ୟବହୃତ ଏକ କଇଚି ଓ ଲୁହା ଅସ୍ତ୍ର ଜବତ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛନ୍ତି।

## ଓ ଏ ଭି ପ୍ରବେଶିକା ପରୀକ୍ଷା :୧୪୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୯ ଅନୁପସ୍ଥିତ



ତେନ୍ତୁଳିଖୁଣ୍ଟି ୮/୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ର ଲକଡି ପଲ୍ଲୀ ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦୁଇ ଟି କେନ୍ଦ୍ର ଯଥା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଏ ଭି ଲକଡି ପାଲ୍ଲୀ ରେ ଅନୁଷ୍ଠିତ ହୋଇ ଯାଇଛି। ଷଷ୍ଠ ସପ୍ତମ ଅଷ୍ଟମ ଓ ନବମ ପାଇଁ ଯଥାକ୍ରମେ ୧୮୫,୪୯,୩୦, ଓ ୧୨ ଜଣ ଆବେଦନ କରିଥିଲେ। ନବମ ପାଇଁ ଆବେଦନ କରିଥିବା ସମସ୍ତେ ପରୀକ୍ଷା ଦେଇଥିବା ବେଳେ ଷଷ୍ଠ ପାଇଁ ଆବେଦନ କରିଥିବା ସତର ଜଣ,ସପ୍ତମ ପାଇଁ ଆବେଦନ କରିଥିବା ଆଠ ଜଣ ,ଅଷ୍ଟମ ପାଇଁ ଆବେଦନକାରୀ ମଧ୍ୟରୁ ଦୁଇ ଜଣ ଅନୁପସ୍ଥିତ ରହିଥିଲେ । ଷଷ୍ଠ ପାଇଁ ୧୬୮ ଜଣ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି । ପରୀକ୍ଷା ପରିଚାଳନା ଓ ଏ ଭି ଅଧକ୍ଷ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନ ରେ ଅନୁଷ୍ଠିତ ହୋଇଥିବା ବେଳେ ପରିଦର୍ଶକ ଭାବେ ବିଭିନ୍ନ ବିଦ୍ୟାଳୟ ର ପ୍ରାୟ ଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ।

## ଫୋଟଗ୍ରାଫି ପ୍ରଶିକ୍ଷଣ କାର୍ମଶାଳା ଅନୁଷ୍ଠିତ

ବାରିପଦା ତା ୮/୧: ଫଟୋଗ୍ରାଫି ମହାସଂଘ ଏବଂ ମୟୁରଭଞ୍ଜ ଫଟୋଗ୍ରାଫି ଓ ଭିଡିଓ ଗ୍ରାଫି ଏସୋସିଏସନ ଆନୁକୁଲ୍ୟରେ ଆୟୋଜିତ ବିଶ୍ୱ ବିଖ୍ୟାତ ଫୁଜି କମ୍ପାନୀ ତରଫରୁ ଏକ ଫୋଟଗ୍ରାଫି କର୍ମଶାଳା ବାରିପଦା ଷ୍ଟାଡିୟମ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି. ଏହି କର୍ମଶାଳାରେ ମୟୁରଭଞ୍ଜ ଜିଲ୍ଲାରୁ ଶତାଧିକ କ୍ୟାମେରା ମ୍ୟାନ ଯୋଗ ଦେଇ, ପ୍ରଶିକ୍ଷଣ ନେଇଥିଲେ। ଓଡିଶା ଫଟୋଗ୍ରାଫାର ମହାସଂଘ ତରଫରୁ ସୁଶାନ୍ତ ମହାନ୍ତି, ଚିତ୍ତରଞ୍ଜନ ପାତ୍ର, ସେକ୍ ସୟଦ ଜାଭେଦ୍ ଅହମଦ, ଫୁଜି କମ୍ପାନୀର ସତ୍ୟାନତନ ଦାସ, ସତ୍ୟନାରାୟଣ ମହାନ୍ତି, ସମରଜିତ ସାହା, ମୟୁରଭଞ୍ଜ ଫଟୋଗ୍ରାଫି ଓ ଭିଡିଓ ଗ୍ରାଫି ଏସୋସିଏସନ ତରଫରୁ ସଂଜୀବ କୁମାର ଦ୍ୱିବେଦୀ, ଭବାନୀ ଶଙ୍କର ରାମ, ଜାନି ଜାନକୀ ରାମ ଯୋଗ ପ୍ରମୁଖ ଦେଇଥିବା ବେଳେ, ଫୁଜି କମ୍ପାନୀର ରିସୋର୍ସ ପର୍ସନ ଅନୁପ ଗୁହା ପ୍ରଶିକ୍ଷଣ ଦେଇଥିଲେ।

## ଜଳେଶ୍ୱର, ଲାୟନ୍ସ କ୍ଲବର ରୌପ୍ୟଜୟନ୍ତୀ ଉତ୍ସବ ଅନୁଷ୍ଠିତ- ୩୨ ବିଶ୍ୱ ସେବା ସଂସ୍ଥା ମଧ୍ୟରୁ ଲାୟନ୍ସ କ୍ଲବ ସର୍ବଶ୍ରେଷ୍ଠ

ଜଳେଶ୍ୱର,୮/୧(ନି.ପ୍ର): ଜଳେଶ୍ୱର ଶାଖାର ର, ଲାୟନ୍ସ କ୍ଲବ ୧୯୯୯ ମସିହାରେ ପ୍ରତିଷ୍ଠା ହୋଇଥିବା ବେଳେ ଚଳିତବର୍ଷ ଏହାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି । ସମଗ୍ର ବିଶ୍ୱରେ ୩୨ଟି ଶ୍ରେଷ୍ଠ ସେବା ସଂସ୍ଥା ମଧ୍ୟରେ ଲାୟନ୍ତସ କ୍ଲବ ସର୍ବଶ୍ରେଷ୍ଠ ବୋଲି ଏହାର ଆନ୍ତର୍ଜାତୀୟ ନିର୍ଦ୍ଦେଶକ ରାଜ କୁମାର ଅଗ୍ରୱାଲ ଏଠାରେ ପ୍ରକାଶ କରିଛନ୍ତି । ୨୦୨୯ ମସିହା ସୁଦ୍ଧା ବିଶ୍ୱର ୩୫କୋଟି ଲୋକ ଏଥିରେ ସଭ୍ୟଭୁକ୍ତ ହେବେ ବୋଲି ସେ କହିଛନ୍ତି । ସୁପର ସାଇକ୍ଲୋନ ବେଳେ ଓଡିଶାରେ ଦୁର୍ଗତମାନଙ୍କ ମଧ୍ୟରେ ଲାୟନ୍ସ କ୍ଲବ ପ୍ରଥମେ ପହଞ୍ଚି ତାର ସେବାକାର୍ଯ୍ୟ ଆରମ୍ଭ କରିଥିଲା ବୋଲି ସେ କହିଥିଲେ । ଏହାକୁ ଉଦ୍ ?ଘାଟନ କରି ବିଧାୟକ ଅଶ୍ୱିନୀ ପାତ୍ର ସମଗ୍ର ଜଳେଶ୍ୱରେ ବିଭିନ୍ନ ଦୈବିଦୁର୍ବିପାକ ସମୟରେ ଲାୟନ୍ସ କ୍ଲବ ତାର ସେବା କାର୍ଯ୍ୟଲାଗି ପରିଚିତ । ଆସନ୍ତା ୨୫ବର୍ଷ ଜଳେଶ୍ୱର ବାସୀଙ୍କ ସ୍ୱପ୍ନ ଓ ସମ୍ଭାବନା




ନେଇ ଯୁବ ପିଢୀଙ୍କୁ ଉଦ୍ ?ବୁଦ୍ଧ କରୁ ବୋଲି ସେ କହିଥିଲେ । ମୁଖ୍ୟବକ୍ତାଭାବେ ଲାୟନ୍ସ କ୍ଲବର ପୂର୍ବତନ ଜିଲା ଗଭର୍ଣ୍ଣର ପ୍ରଭାତ ମହାନ୍ତି ଯୋଗଦେଇ ଏବେବି ଲାୟନ୍ସ କ୍ଲବ ଦେଶରେ ୧୭୫ଟି ହସ୍ ?ପିଟାଲ ଓ ୨ଶହ ବିଦ୍ୟାଳୟ ଓ ବହୁ ବ୍ଲକ ବ୍ୟାଙ୍କ କରି ଇତିହାସ ରଚିଥିବା କହିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ଗଭର୍ଣ୍ଣର ପ୍ରଲୁବ୍ଧ ଜେନା, ମମତା ଦାସ, ବିକାଶ ନାୟକ, ଜିତାରାମ ଦେ, ନବେନ୍ଦୁ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଲାୟନ୍ସ କ୍ଲବର ସଭାପତି ତଥା ପ୍ରତିଷ୍ଠାତା ସଦସ୍ୟ ଅଧକ୍ଷତା କରି ଦୀର୍ଘ ୨୫ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ । ସଂପାଦକ ସମରେଶ ଦିନ୍ଦା ଗତ ବର୍ଷର କ୍ଲବ ପକ୍ଷରୁ ବିଭିନ୍ନ ସେବାକାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଆନ୍ତର୍ଜାତୀୟ ନିର୍ଦ୍ଦେଶକ ପ୍ରତିଷ୍ଠାତ ସଦସ୍ୟ ବିଷ୍ଣୁପଦ ମହାନ୍ତି, ଅରୁଣ ରାଠୀ, ଶିରିଶ ଚୌହାନ ଏବଂ ଅନ୍ୟ ବହୁ ବିଶିଷ୍ଟ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ପ୍ରତିଯୋଗିତରେ କୃତିତ୍ୱ ଅର୍ଜନକରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ବିଶେଷ ସେବା କାର୍ଯ୍ୟ ଲାଗି ହରିଶଂକର ପଣ୍ଡା, ଗଛମଣିଷ ଗୁରୁଜୀ ନରହରୀ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବସ୍ତା, ବାଲିଆପାଳ, ବାଲେଶ୍ୱର, ଭୋଗରାଇ କ୍ଲବରୁ ସଦସ୍ୟ ଓ ଜଳେଶ୍ୱର ମାନ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇଥିଲେ ।

## ମାସ୍ ଏକାଡେମୀ ଅଫ ସାଇନ୍ସ ଏଣ୍ଡ ମାସ୍ ହାୟାର ସେକେଣ୍ଡାର ସ୍କୁଲର ବାର୍ଷିକ ଉତ୍ସବ

ଜଳେଶ୍ୱର,୮/୧(ନି.ପ୍ର): ଜଳେଶ୍ୱରସ୍ଥିତ ମାସ୍ ଏକାଡେମୀ ଅଫ ସାଇନ୍ସ ଏଣ୍ଡ ମାସ୍ ସେକେଣ୍ଡାରୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧକ୍ଷ ବିଭୁତି କୁମାର ଦାସ ଅଧକ୍ଷତା କରିଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ଆଦିକନ୍ଦ ଦାସ ଅଧିକାରୀ ସ୍ୱାଗତ ଅଭିଭାଷଣ କରିଥିଲେ । ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ କର୍ତ୍ତବ୍ୟ ବୋଧ ଓ ଦୃଢ ମାନସିକତା ପ୍ରତ୍ୟେକଙ୍କୁ ଉର୍ଦ୍ଧ୍ୱଗାମୀ କରାଇଥାଏ । ନିଷ୍ଠା ଏକାଗ୍ରତା ଛାତ୍ରଛାତ୍ରୀଙ୍କ ସଫଳତାର ଚାବିକାଠୀ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ପୂର୍ବତନ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ ଶିକ୍ଷକ-ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଏକ ତ୍ରିଭୂଜ ଆଖ୍ୟାଦେଇ ସମସ୍ତଙ୍କ ସଚେତନତା ଦ୍ୱାରା ଶିକ୍ଷା ଅଗ୍ରଗତି କରିଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ , ପ୍ରତିଷ୍ଠାତା ତଥା ଶିକ୍ଷାବିତ୍ ତ୍ରିଲୋଚନା ଦାସ ଅଧିକାରୀ, ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ସାରଳାପ୍ରସାଦ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ସଂପାଦକୀୟ

# ସୀମା ସମସ୍ୟା

ରାଜନୈତିକ, ଅର୍ଥନୈତିକ ଓ କୂଟନୈତିକ ଦୃଷ୍ଟିରୁ ବିଚାରକଲେ ନୂଆବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଘଟଣାବହୁଳ ହେବ ବୋଲି ଆଶା କରାଯାଉଛି। ବର୍ଷ ଆରମ୍ଭରୁ ଦୁଇ ପଡ଼ୋଶୀ ଦେଶ ଚୀନ୍ ଓ ପାକିସ୍ତାନର ଶତ୍ରୁତାମୂଳକ ଆଚରଣ ଓ କାର୍ଯ୍ୟକଳାପ ଆଗାମୀ ଦିନରେ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଚୀନ୍ ସହିତ ରହିଥିବା ସାଢ଼େ ୩ ହଜାର କିଲୋମିଟର ସୀମାରେ ସ୍ଥିତାବସ୍ଥା ବଜାୟ ରଖିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ହେବ। କାରଣ ଚୀନ୍ ସବୁ ସମୟରେ ଆମ ଦେଶର ସୀମା ଭିତରକୁ ଅନୁପ୍ରବେଶ କରିବା ପାଇଁ ଉଦ୍ୟମରତ ରହିଛି। ବିଶେଷକରି ସି ଜିନ୍‌ପିଙ୍ଗ କ୍ରମାଗତ ଭାବରେ ତୃତୀୟ ଥର ପାଇଁ ଚୀନ୍‌ର ରାଷ୍ଟ୍ରପତି ପଦ ଅକ୍ତିଆର କରିବା ପରେ ତାଙ୍କର ଭାରତ ବିରୋଧୀ ଆଭିମୁଖ୍ୟକୁ ଅଧିକ କଠୋର କରିବା ନିଶ୍ଚିତ ହୋଇଛି। ଦୁଇ ଦେଶର ସୀମା ବିବାଦ ନେଇ ଜିନ୍‌ପିଙ୍ଗ୍ ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହାର ସ୍ଥାୟୀ ସମାଧାନ ଏଯାଏଁ ସମ୍ଭବପର ହୋଇନାହିଁ। ଚୀନ୍ ଭଳି ପାକିସ୍ତାନ ମଧ୍ୟ ଭାରତ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇରହିଛି। ଚଳିତ ବର୍ଷ ଶେଷ ଭାଗରେ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଶାସକ ଓ ବିରୋଧୀ ଉଭୟେ କ୍ଷମତା ଦଖଲ ପାଇଁ ଭାରତକୁ ନିଜ ନିଜ ଦଳର ମୁଖ୍ୟ ପ୍ରସଙ୍ଗ କରିବେ। ପ୍ରତ୍ୟେକ ଦଳ ଭାରତ ବିରୋଧରେ ନିଜର ରଣନୀତି ପ୍ରସ୍ତୁତ କରିବେ। ଭାରତର ଦକ୍ଷିଣ ସୀମାରେ ଥିବା ଅନ୍ୟତମ ପଡ଼ୋଶୀ ଦେଶ ଶ୍ରୀଲଙ୍କା ସଦାସର୍ବଦା ଆମ ଦେଶରୁ ଆର୍ଥିକ ଓ ସାମରିକ ସହାୟତାକୁ ଅନାଇ ରହିଛି। ଏହା ସହିତ ସୁସମ୍ପର୍କ ବଜାୟ ରଖିବାକୁ ହେଲେ ପର୍ଯ୍ୟାପ୍ତ ସାହାଯ୍ୟ ଯୋଗାଇବାକୁ ପଡ଼ିବ, ଯାହା ଭାରତ ପାଇଁ ଏକ ଆହ୍ୱାନ ହେବ। ଜି-୨୦ ରାଷ୍ଟ୍ରଗୋଷ୍ଠୀର ଅଧକ୍ଷତା ଦାୟିତ୍ୱ ଭାରତ ଗ୍ରହଣ କରିଥିବାରୁ ନିଜକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ଲାଗି ଏକ ବଡ଼ ସୁଯୋଗ ହାସଲ କରିଛି। ଏହି ସୁଯୋଗରେ ରୁଷ ଓ ଆମେରିକା ନେତୃତ୍ୱାଧୀନ ପାଶ୍ଚାତ୍ୟ ଦେଶଗୁଡ଼ିକର ରାଷ୍ଟ୍ରନେତାମାନଙ୍କୁ ଏକଜୁଟ୍ କରି ୟୁରୋପ ମହାଦେଶର ବିଭିନ୍ନ ସମସ୍ୟାର ସମାଧାନ କରାଇପାରିଲେ, ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ସଫଳତା ପାଇପାରିବ। ଏହା ଭାରତକୁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ପଦ ପାଇବା ପାଇଁ ଦାବିଦାର କରିବ। ଆସନ୍ତା ସେପ୍ଟେମ୍ବର ମାସରେ ଜି-୨୦ ରାଷ୍ଟ୍ରଗୋଷ୍ଠୀର ଶିଖର ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀରେ ହେବାକୁ ଥିବା ଏହି ସମ୍ମିଳନୀରେ ରୁଷନେତା ପୁଟିନ୍, ଆମେରିକା ରାଷ୍ଟ୍ରପତି ବାଇଡେନ୍ ଓ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସମେତ ବହୁ ବିଶ୍ୱନେତା ଯୋଗଦେବେ। ଯଦି ଭାରତ ଏହି ସମସ୍ତ ବିଶ୍ୱନେତାଙ୍କୁ ଗୋଟିଏ ମଞ୍ଚରେ ଏକାଠି କରାଇପାରିଲା, ତେବେ ଏହା କୂଟନୈତିକ ସ୍ତରରେ ଏକ ବଡ଼ ବିଜୟ ବୋଲି କୁହାଯିବ। ଭାରତ ଶସ୍ତାରେ ତୈଳ କ୍ରୟ କରିବା ଓ ରୁଷ ବିରୋଧରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ହାତ ନ ମିଳିଇବା ଭଳି କାର୍ଯ୍ୟ ଏବେ ନକାରାତ୍ମକ ପ୍ରଭାବ ପକାଇଛି। ଏହି ପ୍ରଭାବକୁ ହଟାଇବା ପାଇଁ ଜି-୨୦ ଅଧକ୍ଷତା ଦାୟିତ୍ୱ ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ରାଜନୈତିକ ଦୃଷ୍ଟିରୁ ବିଚାର କଲେ ଚଳିତ ୨୦୨୩ ବର୍ଷରେ ଦେଶର ୯ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି, ଯାହା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେମି ଫାଇନାଲ ରୂପେ ବିବେଚିତ ହେବ। ଏଥିରେ ସଫଳତା ବା ବିଫଳତା କେନ୍ଦ୍ରର ମୋଦି ସରକାରର ଭବିଷ୍ୟତ ନେଇ ଚିତ୍ର ସ୍ପଷ୍ଟ କରିବ। ସମସ୍ୟାବହୁଳ ଜାମ୍ମୁ-କାଶ୍ମୀରରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କେନ୍ଦ୍ର ସରକାରଙ୍କ ପାଇଁ ଅଗ୍ନିପରୀକ୍ଷା ସଦୃଶ ହେବ। ସବୁ ଦୃଷ୍ଟିରୁ ବିଚାର କଲେ ନୂଆବର୍ଷ ୨୦୨୩ ଭାରତର ଭବିଷ୍ୟତର ନକ୍ସା ପ୍ରସ୍ତୁତ କରିବାରେ ଏକ ମାଇଲଖୁଣ୍ଟ ହେବା ସୁନିଶ୍ଚିତ।

# ଗୋଷ୍ଠୀ ସମ୍ପଦର କଥା

ସେଦିନ ସରୋଜ ଚେନ୍ନାଇରୁ ୧୫ ଦିନ ଛୁଟିନେଇ ଗାଁକୁ ଯିବାକୁ ବାହାରୁ ଥାଏ। ଗାଁକୁ ଯିବା ନିଜର ସହଯୋଗୀକୁ ୧୫ଦିନର କାମ ବୁଝାଇଦେଇ ଅଫିସ୍‌ରୁ ରୁମ୍‌କୁ ଫେରିଗଲା। ସରୋଜ ତା ସାଙ୍ଗ ରବିକୁ ଫୋନ କରି କହୁଥାଏ, ପିଲାମାନେ ଗାଁରେ ପୂଜା ଲାଗି କେତେ ପ୍ରସ୍ତୁତ ହେଲେଣି।ରବି ଉତ୍ତରରେ କହୁଥାଏ ହଁରେ ଆଗ ତୁ ପହଞ୍ଚି ,ସବୁ କାମ ଜଲଦି ହେଇଯିବ। ସରୋଜ ଟ୍ରେନ୍‌ରେ ଗାଁକୁ ଯିବା ଲାଗି ଷ୍ଟେସନ୍ ଅଭିମୁଖେ ବାହାରିଲା। ତରବରିଆ ଭାବେ ବାହାରିବା ବେଳେ ଘର ସାମ୍ନା ଫାଟକ ଖୋଲି ଦେଖେ ତ ରାସ୍ତା ଭିଡ ଅଛି। ଟିକେ ଆଗକୁ ଯାଇ ଭିଡ ଭିତରେ ପଶି ଦେଖିଲା ବେଳକୁ ରାସ୍ତାରେ ଏକ ଛୋଟ ଖାଲରେ ପଡି ଜଣେ ବୃଦ୍ଧ ଖଣ୍ଡିଆ ଖାବରା ହୋଇପଡିଛନ୍ତି। କେଇ ମିନିଟ୍‌ରେ ଖବରପାଇ ଆମ୍ବୁଲାନସ୍ ଆସି ବୃଦ୍ଧ ଜଣକୁ ଚିକିତ୍ସା ଲାଗି ଉଠାଇ ନେଇଗଲା।ରାସ୍ତା ଖାଲି ହେବାପରେ ଏକ ଟ୍ୟାକ୍ସି ଧରି ସେ ପହଞ୍ଚିଗଲା ଷ୍ଟେସନରେ । କିନ୍ତୁ ସରୋଜ ମନରେ ଏକ ଛାନିଆଁ ଲାଗୁଥାଏ ଯେ ସେଇ ଛୋଟ ଖାଲଟି କାହାରି ନଜର ନାହିଁ ସମସ୍ତେ ବାଟର ଖାଲକୁ କଡେଇ କି ଯାଉଥିଲେ। ଯାହା ବି ହେଉ ଟ୍ରେନ ଆସିଗଲା, ଆରାମରେ ଟ୍ରେନର ବଗି ଭିତରକୁ ପଶି ସବୁ ବ୍ୟାଗକୁ ଉପରେ ଥିବା ଥାକରେ ରଖିଦେଇ ବସିଗଲା। କିଛି ସମୟ ପରେ ପରିସ୍ରା ଲାଗିଲା ସରୋଜକୁ, ଟ୍ରେନ୍‌ରେ ଥିବା ପାଇଖାନା ପଶିଗଲା ବେଳକୁ ପ୍ରବଳ ଦୁର୍ଗନ୍ଧ ସହିତ ପାନ ଗୁଟଖା ଛେପରେ ଭର୍ତ୍ତି ହୋଇଯାଇଥାଏ। ବିରକ୍ତି ଭାବ ଆସୁଥିଲେ ବି ପାଇଖାନାରେ ପାଣି ଢାଳି କାମସାରି ବାହାରିଲା। ଟ୍ରେନ ଚାଲୁଥାଏ ନିଦ ବି ଆସିଗଲା, ରାତି ବି ହେଇଗଲା। ଏମିତି କରି ପ୍ରାୟ ୨୪ ଘଣ୍ଟା ପରେ ସରୋଜର ଗାଁ ପାଖ ଷ୍ଟେସନରେ ଟ୍ରେନ୍‌ଟି ପହଞ୍ଚିଗଲା। ରବି ତାକୁ ଷ୍ଟେସନରୁ ଗାଁକୁ ମଟରସାଇକେଲ୍‌ରେ ନେବାକୁ ଆସିଥାଏ।ଦୀର୍ଘ ୬ବର୍ଷ ତଳେ ସହରକୁ ଯାଇଥିବା ସରୋଜକୁ ସବୁ ନୂଆ ନୂଆ ଲାଗୁଥାଏ।ଟ୍ରେନ୍‌ରୁ ଓହ୍ଲାଇ ମୋବାଇଲ ଫୋନକୁ ବାହାର କରି ଆଗ ନିଜର ଗୋଟେ ସେଲ୍‌ଫି ଫୋଟ ନେଇଗଲା। ଷ୍ଟେସନରେ ଅପେକ୍ଷା କରିଥିବା ରବି ସହିତ ବି ଭେଟ ହେଇଗଲା,ଚାଲିଲେ ଦୁହେଁ ଗାଁକୁ।

**ଇଂ. ସତ୍ୟନାରାୟଣ ମାଝୀ**

ଗାଁକୁ ପ୍ରବେଶ କରିଲା ବେଳେ ରାସ୍ତା ପକ୍କା ହୋଇଛି, ଅନେକ ଗଛ କଟା ଯାଇ ରାସ୍ତା ପକ୍କାଘର ଆଦି ତିଆରି ହୋଇଯାଇଛି। କିଛି ଲୋକ ସହର ଭଳି ଦୁଇ ତିନି ମହଲା କୋଠା ତିଆରି କରି ସାରିଲେଣି। ଗାଁରେ ଲୋକେ ନଳକୂପ ବି ବ୍ୟବହାର କଲେଣି, ରାସ୍ତାକଡରେ ଲାଇଟ୍ ବି ଲାଗିଯାଇଛି।କିନ୍ତୁ ଗାଁ ପଡିଆ ଯେମିତିକୁ ସେମିତି ରହିଛି, କ୍ଲବ ଘରର କାନ୍ଥଗୁଡିକ ମଇଳା ଦିଶୁଛି, ଛାତ ଉପରେ ଗଛ ବି ଉଠିଗଲାଣି। ପୋଖରିରେ ନୂଆ କରି ଗାଧୁଆ ଘାଟ ନିର୍ମାଣ ହୋଇଥାଏ କିନ୍ତୁ ପଙ୍କରେ ପୂର୍ଣ୍ଣ ଦିଶୁଥାଏ,ଆଉ ଗାଁରୁ ଜଙ୍ଗଲ ଟିକେ ଦୂରେଇ ଯାଇଥିବା ଭଳି ଲାଗୁଥାଏ। ଘରେ ଯାଇ ପହଞ୍ଚିଗଲା ସରୋଜ, ସମସ୍ତେ ଘରେ ତାକୁ ଦେଖି ଖୁସି। ଘରେ ବଡମାନଙ୍କୁ ମୁଣ୍ଡିଆ ମାରି ଗାଧୋଇବାକୁ ବାହାରି ଗଲା।ନିତ୍ୟକର୍ମ ସାରି ଚା ଟିକେ ପିଇ ବାହାରିଲା ଗାଁର ପୂଜାମଣ୍ଡପ ଆଡକୁ, ପହଞ୍ଚି ଦେଖେ ତ ପୂଜାକମିଟିର କର୍ମକର୍ତ୍ତାଙ୍କୁ ମିଶାଇ ଦୁଇ ଚାରିଜଣ ଯୁବକ ବ୍ୟବସ୍ଥାରେ ଲାଗିଥାନ୍ତି। ଦୀର୍ଘ ସମୟପରେ ଗାଁକୁ ଆସିଥିବାରୁ ସମସ୍ତେ ସରୋଜକୁ ଦେଖି ମଣ୍ଡପ ପାଖରେ ଡାକି ବସାଇଲେ। ସରୋଜ ସମସ୍ତଙ୍କୁ ନମସ୍କାର ଜଣାଇ ବସିଲା ଏବଂ ଭଲମନ୍ଦ କଥା ସରିବାପରେ ପ୍ରଶ୍ନ କରିବାକୁ ଲାଗିଲା।ସେ ଅନ୍ୟ ଯୁବକମାନଙ୍କୁ କହୁଥାଏ ଆରେ ଆମ ଗାଁର ନଳକୂପ ଗୁଡିକର ଚାରିପାଖ ସଫା ରହୁନି ଯେ ରାସ୍ତାର ଦୁଇକଡରେ ଘାସ ଉଠି ରାସ୍ତା ଅଣ ଓସାରିଆ ଲାଗୁଛି।ପଡିଆରେ ଖେଳ ହେଉନି କି,ପଡିଆରେ ଅନାବନା ଘାସ ଏତେ ହୋଇଛି ?ଗାଁ ଜଙ୍ଗଲ ଆଗ ଭଳି ସବୁଜିମା ଦିଶୁନି ଯେପୋଖରୀରେ ମେଂଚେ କ'ଣ ସବୁ ଭାସୁଛି,ସଫା ହେଉନି କି ? ଯୁବକମାନଙ୍କ ମଧ୍ୟରୁ ଜଣେ ଉତ୍ତର ଦେବାକୁ ଲାଗିଲା, ସରୋଜ ଭାଇ ଆଗରୁ ଆମେ ସମସ୍ତେ ଗାଁ ପିଲା ମିଶି ଏଇ ସବୁ ସଫା ସୁତରା ଏବଂ ରକ୍ଷଣାବେକ୍ଷଣା କରୁଥିଲେ। ସରୋଜ। ଏବେର କଥା କ'ଣ କହିବି, ପିଲା ସବୁ ସହର ବିଦ୍ୟାଳୟରେ ପାଠ ପଢିଲେଣି। ଯୁବକମାନେ ବି ନିଜ କାମରେ ବ୍ୟସ୍ତ, କିଏ ବାହାରେ ଚାକିରି କଲାଣି ତ କିଏ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି, ଆଉ ଆମେ ଦୁଇ ଚାରିଜଣ ଯାହା ଅଛି ସକାଳ ପାହିଲେ ପାଖ ସହରକୁ ମଜୁରୀ କାମରେ ଯାଉଛୁ।ଆଉ କୁଆଡୁ ସମୟ ମିଳୁଛି ଯେ ? ଏମିତି ଅନେକ ଗାଁମାନଙ୍କରେ ବିଭିନ୍ନ ପ୍ରକାରର ଭିତ୍ତିଭୂମି ଉନ୍ନତିକରଣ ହୋଇଚାଲିଛି। ଗାଁରେ ରାସ୍ତା ପକ୍କା,ଘର ପକ୍କା,ବିଦ୍ୟାଳୟ ପକ୍କା ଯାହା ଦେଖିବେ ସବୁର କିଛି ନା କିଛି ଉନ୍ନତିକରଣ ହୋଇଛି। କିନ୍ତୁ ଆପଣ ଦେଖିବେ ବର୍ତ୍ତମାନ ସ୍ଥିତିରେ ରାସ୍ତାରେ ସାମାନ୍ୟ ଗୋଟ ଛୋଟଖାଲର ମାଟି ପକେଇବା ପାଇଁ ବି କାହାରି ହାତରେ ସମୟ ନାହିଁ। ପ୍ରଶାସନ ଯେତେ ଚେଷ୍ଟା କଲେ ବି ଜଙ୍ଗଲର ସଠିକ୍ ? ଭାବେ ସଂରକ୍ଷଣ କରିପାରୁନାହିଁ। ପୂର୍ବରୁ ଗାଁ ଜଙ୍ଗଲକୁ ରକ୍ଷଣାବେକ୍ଷଣ ଲାଗି ଗାଁ ସ୍ତରରେ ଅନେକ ନୀତି ନିୟମ ରହୁଥିଲା। କିନ୍ତୁ ଯେତେ ଜନସଂଖ୍ୟା ବଢୁଛି ସେତେ ଆବଶ୍ୟକତା ପଡୁଥିବାରୁ ବିଭିନ୍ନ ଘରୋଇ କାର୍ଯ୍ୟ ଲାଗି ଜଙ୍ଗଲ ନଷ୍ଟ କରୁଛନ୍ତି। ବର୍ତ୍ତମାନ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି,କାହାରି ହାତରେ କାହାଲାଗି ଟିକେ ବି ସମୟ ବାହାର କରିବାକୁ କଷ୍ଟକର ହୋଇଯାଇଛି। କିମ୍ବା ଟିକେ ସମୟ ବାହାର କରିବାକୁ ମାନସିକତା ସୃଷ୍ଟି ହେଉନାହିଁ। କାରଣ ଏହାଯେ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିବାର ଅଭ୍ୟାସ କରିଦେଇଛନ୍ତି। ଆଜି ସମସ୍ତଙ୍କର ବ୍ୟସ୍ତତା ପାଇଁ ସମାଜର କିଛି ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ହୋଇପାରୁ ନାହିଁ।ବିଶେଷ ଭାବେ ସାରା ଜୀବଜଗତକୁ ସନ୍ତୁଳିତ କରି ରଖିଥିବା ପ୍ରାକୃତିକ ସମ୍ପତ୍ତିର ଅବକ୍ଷୟ ବହୁଳମାତ୍ରାରେ ଦେଖାଯାଉଛି। ଏଥିପାଇଁ ଆମେ ସରକାରଙ୍କୁ ଦୋଷାରୋପ କରିବା ଉଚିତ ନୁହେଁ। ଆମେ ବ୍ୟବହାର କରୁଥିବା ସାମୁହିକ ସମ୍ପତ୍ତିର ରକ୍ଷଣାବେକ୍ଷଣା ପାଇଁ ଜନ ସାଧାରଣ ହିଁ ଦାୟୀ।

# ଆପ୍‌ର ଆଦର୍ଶଗତ ସମସ୍ୟା

ଭାରତୀୟ ରାଜନୀତିରେ ଆମ୍ ଆଦମୀ ପାର୍ଟିର ଆବିର୍ଭାବ ବିକଳ୍ପ ରାଜନୀତିର ସମ୍ଭାବନାକୁ ଉଜ୍ଜଳ କରିଥିଲା। ଭ୍ରଷ୍ଟାଚାର ମୁକ୍ତ ଭାରତବର୍ଷ ଗଠନ ଓ ସ୍ୱରାଜ ନୀତିର ଅନୁସରଣ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଲୋକଙ୍କ ବିଶ୍ୱାସ ଥିଲା। ବର୍ତ୍ତମାନର ଖର୍ଚ୍ଚ ବହୁଳ ରାଜନୀତିରେ ଯେଉଁ ସ୍ୱଚ୍ଛୋଟ ସମାଜ ସେବୀ ଓ କର୍ମୀମାନେ ଥଳକୂଳ ପାଉନଥିଲେ ସେମାନେ ଏହି ପାର୍ଟି ମାଧ୍ୟମରେ ନିଜର ପରାକାଷ୍ଠାକୁ ପ୍ରଦର୍ଶନ କରିପାରିବେ ବୋଲି ଆଶା କରିଥିଲେ। ଦେଶର ସଂଖ୍ୟାଧିକ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଢିଚାଲିଛି ବୋଲି ଅନୁଭବ ହେଉଥିଲା। ସମଗ୍ର ଦେଶରେ ତଥା ଓଡିଶାରେ ପାର୍ଟି କ୍ଷୀପ୍ର ବିସ୍ତାର ଲାଭ କରୁଛି ବୋଲି ଦାବି ହେଉଥିଲା। ଏ ସମସ୍ତ ଆକଳନ ଆଦୌ ମିଥ୍ୟା ନଥିଲା।

କିନ୍ତୁ ବିଗତ ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନରେ ସେହି ଅନୁସାରେ ଜନସମର୍ଥନ ମିଳିନଥିବାର କଥା ସ୍ପଷ୍ଟ ପ୍ରତୀୟମାନ ହେଉଛି। ପ୍ରବଳ ଜନସମାଗମ ପରିଲକ୍ଷିତ ହେଉଥିଲା ଗୁଜରାଟର ଆପ୍ ମିଟିଂରେ। କଳନା ହେଉଥିଲା ସେଠାରେ ପାର୍ଟି ସରକାର ଗଢିବ। ହେଲେ ଶେଷବେଳକୁ ସମର୍ଥନ ହ୍ରାସ ପାଇଲା ଓ ଆପ୍ କୁ କେବଳ ପାଞ୍ଚଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ହିମାଚଳ ପ୍ରଦେଶରେ ପାର୍ଟିର ନୈରାଶ୍ୟଜନକ ପ୍ରଦର୍ଶନ ସମସ୍ତଙ୍କୁ ଜଣା। ଅଗବଶ୍ୟ ଦିଲ୍ଲୀରେ ନଗର ନିଗମ ନିର୍ବାଚନରେ ଆପ୍ ବିଜୟୀ ହୋଇଛି। ତେବେ ବିଗତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ପାର୍ଟି ଯେତିକି ଭୋଟ ପାଇଥିଲା, ସେହି ତୁଳନାରେ ଭୋଟହାର ବହୁତ କମିଯାଇଛି। ଅବଶ୍ୟ ରାଜନୀତିରେ ଉପରତଳ ଖେଳ ରହିଛି। ତେଣୁ କରି ଆପ୍ ର ବିକଳ୍ପ ରାଜନୀତି ସମ୍ଭାବନା ସମାପ୍ତ ହୋଇଯାଇଛି ବୋଲି କୁହାଯାଇ ପାରିବ ନାହିଁ। ତେବେ ରାଜନୈତିକ ସମୀକ୍ଷକଙ୍କ ମତ ଆମ୍ ଆଦମୀ ପାର୍ଟିର ବଡ ଦୁର୍ବଳତା ହେଉଛି ଆଦର୍ଶଗତ ସମସ୍ୟା। ଅନୁସୃତ ଆଦର୍ଶକୁ ନେଇ ଅଭିଯୋଗ ଓ ପ୍ରତିଅଭିଯୋଗ ଲାଗି ରହିଛି। ଅନେକ କ୍ଷେତ୍ରରେ ଆପ୍ ସାଲିସ୍ କରୁଥିବାର ଅଭିଯୋଗ ହେଉଛି।

ଆମ୍ ଆଦମୀ ପାର୍ଟିର ସ୍ଥିତି ଓ ପ୍ରଗତୀ ସମ୍ବନ୍ଧରେ ବିଚାର କରିବା ସମୟରେ ଅନୁଧ୍ୟାନ କରିବା ଜରୁରୀ ଯେ କେଉଁମାନେ ଏହାର ଜନାଧାର। କେଉଁମାନେ ଚାହାଁନ୍ତି ଏ ପାର୍ଟି ଆଗକୁ ବଢୁ ଓ କାହିଁକି ଚାହାଁନ୍ତି ଆଗକୁ ବଢୁ। ଦେଶରେ ଗୋଟିଏ ପ୍ରଗତିଶୀଳ ଗୋଷ୍ଠୀ ରହିଛନ୍ତି। ଯେଉଁମାନେ ଜାତି, ଧର୍ମ ଓ ଭ୍ରାନ୍ତ ବିଚାର ଧାରାର ଉର୍ଦ୍ଧ୍ୱରେ। ଏମାନଙ୍କ ମଧ୍ୟରେ ସଂଖ୍ୟାଧିକ ଭାବେ ବାମପନ୍ଥୀମାନେ ଅଛନ୍ତି। ନାସ୍ତିକମାନେ ମଧ୍ୟ ଅଛନ୍ତି। ଦେଶରେ ବାମପନ୍ଥୀ ରାଜନୈତିକ ଦଳଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ରାଷ୍ଟ୍ରୀୟ ସ୍ତରରେ ନିଜର ପତିଆରା ବିସ୍ତାର ଆଉ ନିକଟ ଭବିଷ୍ୟତରେ ସମ୍ଭବପର ନୁହେଁ ବୋଲି ଏମାନେ ବିଶ୍ୱାସ କରୁଛନ୍ତି। ତେଣୁ ଆପ୍ ହେଉଛି ନିକଟତର ଦଳ ଯାହା ଅନେକ ମାତ୍ରାରେ ଏମାନଙ୍କ ବିଚାର ସହିତ ସାମଞ୍ଜସ୍ୟତା ରଖେ। ସମଗ୍ର ଦେଶରେ ଏହି ଗୋଷ୍ଠୀର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଆପ୍ କିଛି ମାତ୍ରାରେ ପ୍ରଗତିଶୀଳ ବିଚାରର ଅନୁସରଣ କରେ। ଏହା ସହିତ ଗରୀବ ଲୋକଙ୍କ ବିକାଶ କଥା ଚିନ୍ତା କରୁଥିବା ଯୋଗୁଁ ଏମାନଙ୍କ ଅନୁକମ୍ପା ଏ ପାର୍ଟି ପ୍ରତି ଥିଲା।

**ଅଧ୍ୟାପକ ଗୋପବନ୍ଧୁ**

ଏହି ଗୋଷ୍ଠୀ ପ୍ରଗତିଶୀଳ ଚିନ୍ତନରେ ଆଦୌ ସାଲିସ୍ କରନ୍ତି ନାହିଁ। କ୍ରମେ ଏମାନଙ୍କ ମୋହ ଭଙ୍ଗ ହେଉଛି। ଭାରତୀୟ ଟଙ୍କାରେ ଲକ୍ଷ୍ମୀ ଓ ଗଣେଶଙ୍କ ଫୋଟ ଛାପିବା ସମ୍ବନ୍ଧୀୟ ଶ୍ରୀ କେଜରିୱାଲଙ୍କ ବୟାନ ଏମାନଙ୍କୁ ବ୍ୟଥିତ କରିଛି। ଏମାନେ ଭାବିବା ଆରମ୍ଭ କରିଛନ୍ତି ଯେ ଆପ୍ ତାଙ୍କ ବିଚାରମତେ ଏକ ପ୍ରଗତିଶୀଳ ଦଳ ନୁହେଁ। ଏହା ଏକ ରକ୍ଷଣଶୀଳ ଧର୍ମଭିତ୍ତିକ ଦଳ। କେବଳ ସେତିକି ନୁହେଁ ଯେଉଁମାନେ ଧର୍ମନିରପେକ୍ଷତାର ଦୃଢ଼ ସମର୍ଥକ ସେମାନେ ମଧ୍ୟ ହତୋତ୍ସାହିତ ହୋଇଛନ୍ତି। ଗୋଟିଏ ବହୁଧର୍ମୀ ରାଷ୍ଟ୍ରରେ କେବଳ ଗୋଟିଏ ଧର୍ମର ଦେବଦେବୀଙ୍କ ଫୋଟ ଟଙ୍କାରେ ରହିବା ଠିକ୍ ନୁହେଁ। ରହିଲେ ସମସ୍ତ ଧର୍ମର ରହିବା ସମୀଚିନ ବୋଲି ଏମାନଙ୍କ ମତ। ଆପ୍ ର ଧର୍ମନିରପେକ୍ଷତା ଉପରେ ସନ୍ଦେହ ଜାତ ହୋଇଛି। ତେଣୁ ଏମାନେ ମଧ୍ୟ ଅହରିବା ଆରମ୍ଭ କରିଦେଇଛନ୍ତି।

ଆମ୍ ଆଦମୀ ପାର୍ଟି ଶହୀଦ ଭଗତ ସିଂ ଓ ବାବାସାହେବ ଆମ୍ବେଦକରଙ୍କ ଆଦର୍ଶର ଅନୁଗାମୀ ବୋଲି ଦାବୀ କରୁଛି। ଉଭୟଙ୍କ ଫୋଟଚିତ୍ର ଆପ୍ କାର୍ଯ୍ୟାଳୟ ମାନଙ୍କରେ ଟଙ୍ଗା ଯିବାର ସିଦ୍ଧାନ୍ତ ନେଇଛି। ଫୋଟ ଟାଙ୍ଗିବା ଓ ଆଦର୍ଶର ଅନୁସରଣ କରିବା ଦୁଇଟି ଭିନ୍ନ ବିଷୟ। ଶହୀଦ ଭଗତ ସିଂ ବାମପନ୍ଥୀ ବିଚାରଧାରାର ଥିଲେ। ଏହା ସହିତ ସେ ନାସ୍ତିକ ମଧ୍ୟ ଥିଲେ। ଦେଶପାଇଁ ତାଙ୍କ ବଳିଦାନ ଅତୁଳନୀୟ ଥିଲା। ସେହିପରି ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମର ପଟ୍ଟାନ୍ତର ନାହିଁ। ତାଙ୍କ ସଂଗ୍ରାମର ଅନ୍ତିମ ଲକ୍ଷ୍ୟ ଥିଲା ଏକ ଜାତିରହିତ ସମତାଭିତ୍ତିକ ବୌଦ୍ଧିକ ସମାଜ ଗଠନ। ଯେଉଁ ସମାଜରେ ଭାତୃତ୍ୱଭାବ, ମାନବିକତା ଓ ପ୍ରଗତୀଶୀଳତା ବିରାଜମାନ ଥିବ। ଆପ୍ କେତେ ମାତ୍ରାରେ ଏହି ଦୁଇ ମହାପୁରୁଷଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ତାହାର ସତ୍ୟାସତ୍ୟ ସମୟ ବତାଇବ। ଭୋଟ ହାତେଇବା ପାଇଁ ଏମାନଙ୍କ ଫୋଟ ଟଙ୍ଗା ଯାଇଛି କି ମାର୍କସବାଦ ଅନୁଯାୟୀ ଆର୍ଥିକ ସମତା ଓ ଆମ୍ବେଦକରବାଦ ଅନୁସାରେ ଜାତିବିହୀନ ସମତା ସମାଜର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରୁଛି ତାହା ସ୍ପଷ୍ଟ ହୋଇନାହିଁ। ଏ ବାବଦକୁ ସ୍ପଷ୍ଟ ମତ ପ୍ରକାଶ ପାଇନାହିଁ।

ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କ ଅଭିଯୋଗ ଯେ ଆପ୍ ମିଛରେ ଧର୍ମନିରପେକ୍ଷତାର ଅନୁଗାମୀ ବୋଲି ଦାବି କରୁଛି। ପ୍ରକୃତପକ୍ଷେ ଏହା ହିନ୍ଦୁବାଦୀ ରାଜନୈତିକ ସଂଗଠନ ଅଟେ। ଦଳିତ, ଆଦିବାସୀ ଓ ପଛୁଆବର୍ଗ ସଂଗଠନମାନଙ୍କ ଅଭିଯୋଗ ଯେ ଆପ୍ ନାମକୁ ମାତ୍ର ଡକ୍ଟର ଆମ୍ବେଦକରଙ୍କ ଅନୁଗାମୀ, ପ୍ରକୃତ ପକ୍ଷେ ଏହା ଏକ ଉଚ୍ଚ ଜାତିବାଦୀ ପାର୍ଟି ଅଟେ। ଏ ପାର୍ଟି ବର୍ତ୍ତମାନ ସୁଦ୍ଧା ଯେତେ ଜଣଙ୍କୁ ରାଜ୍ୟସଭାକୁ ପଠାଇଛି ସମସ୍ତେ ହେଉଛନ୍ତି ତଥାକଥିତ ଉଚ୍ଚ ଜାତିର। ପାର୍ଟି ଉଲ୍ଲେଖିତ ବର୍ଗ ଗୁଡିକର ପ୍ରତିନିଧିତ୍ୱ କଥା ଚିନ୍ତା କରୁନାହିଁ। ସଂଗଠନ କ୍ଷେତ୍ରରେ ମଧ୍ୟ ଏହା ପରିଲକ୍ଷିତ ହେଉଛି। ଓଡିଶା ସମେତ ଅନେକ ରାଜ୍ୟରେ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଏପରିକି ଆଂଚଳିକ ସଂଗଠନ ଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ତେଣୁ କରି ଏହି ବର୍ଗର ଲୋକମାନେ ଆପକୁ ବିଶ୍ୱାସକୁ ନେଇପାରୁ ନାହାଁନ୍ତି। ପ୍ରାରମ୍ଭରେ ଯେଉଁ ଆଶା ଥିଲା ଯେ ଏହା ସାଧାରଣ ଜନତାଙ୍କ ପାର୍ଟି, ସେ ଆଶା କ୍ରମେ ମଉଳି ଯାଉଛି। ଏହା ମଧ୍ୟ ଅନ୍ୟ ଦଳ ଭଳି ଖାସ୍ ଆଦମୀଙ୍କ ପାର୍ଟି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେଣୁ ସାମାଜିକ ନ୍ୟାୟ ଆନ୍ଦୋଳନର ସମର୍ଥକମାନେ ଆପ୍ ଉପରେ ବିଶ୍ୱାସ କରିପାରୁ ନାହାଁନ୍ତି।

ଭ୍ରଷ୍ଟାଚାର ମୁକ୍ତ ଶାସନ ବ୍ୟବସ୍ଥା ଓ ସୁଶାସନ ଦେବାର ସଂକଳ୍ପ ଆପ୍ ପାଇଁ ଠିକ୍ ଥିଲା। ଏପରିକି ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଦେୟମୁକ୍ତ କରିବା ପର୍ଯ୍ୟନ୍ତ କଥା ଗ୍ରହଣୀୟ ଥିଲା। କିନ୍ତୁ ଅତ୍ୟଧିକ ଦେୟମୁକ୍ତ ଯୋଜନା ପାର୍ଟି ପାଇଁ ବୁମେରାଂ ହୋଇଛି। ଯାହାକି ଗୁଜରାଟ ଓ ହିମାଚଳ ପ୍ରଦେଶ ନିର୍ବାଚନରେ ପ୍ରତିଫଳିତ ହୋଇଛି। ଏତେ ଘୋଷଣା ସତ୍ତ୍ୱେ ପାର୍ଟି ଏତେ ଭଲ ପ୍ରଦର୍ଶନ କରିପାରିଲା ନାହିଁ। ଲୋକେ ପାର୍ଟିର ଅତ୍ୟଧିକ ଦେୟମୁକ୍ତ ଘୋଷଣାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପାର୍ଟିର ମୂଳ ବିଷୟ ହେଉଛି ଭ୍ରଷ୍ଟାଚାରକୁ ସମୂଳେ ନାଶ କରିବା। କିନ୍ତୁ ଦେଖାଯାଉଛି ଏହାର ତୁଙ୍ଗ ନେତାଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାରର ଅଭିଯୋଗ ଆସିଛି। ଦିଲ୍ଲୀ ନଗର ନିଗମ ନିର୍ବାଚନରେ ଟିକେଟ ବିକ୍ରୀ ହେବାର ମଧ୍ୟ ଅଭିଯୋଗ ଆସିଛି। ପାର୍ଟିରେ ଜାଲ ସାର୍ଟିଫିକେଟ୍ ଧାରୀ ମଧ୍ୟ ଥିଲେ। ଅବଶ୍ୟ ପାର୍ଟି ସଫେଇ ଦେଇଛି ଯେ ଏ ସବୁ କେନ୍ଦ୍ର ଶାସନରେ ଥିବା ବିଜେପିର ଚାଲ ଆପ୍ କୁ ବଦନାମ କରିବା ପାଇଁ। ଅନେକେ ଏ କଥାକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି। ଏହାର ପ୍ରଭାବ ଗତ ନିର୍ବାଚନରେ ପଡିଛି ଓ ଆପ୍ କୁ କ୍ଷତି ପହଞ୍ଚାଇଛି। ଏ ଦିଗରେ ପାର୍ଟି ସତର୍କ ହେବା ଜରୁରୀ।

ଆପ୍ ର ଅବକାରୀ ନୀତିକୁ ନେଇ ଅନେକେ ସନ୍ତୁଷ୍ଟ ନୁହଁନ୍ତି। ସମଗ୍ର ଦେଶରେ ଓ ସମସ୍ତ ଅଞ୍ଚଳରେ ମଦ ବିରୋଧୀ ଅଭିଯାନ ଚାଲିଛି। ଏମାନେ ନିଶା ନିବାରଣର ସମର୍ଥକ। ନିଶା ସାଧାରଣ ଜନତାଙ୍କ ଅଶେଷ କ୍ଷତି ସାଧନ କରୁଛି। କେତେକ ରାଜ୍ୟ ନିଶା ନିବାରଣକୁ କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ଦିଲ୍ଲୀରେ ଏହା ହୋଇନାହିଁ। ଅନେକେ ଭାବୁଥିଲେ ଯେହେତୁ ଏହା ଆମ୍ ଜନତାର ପାର୍ଟି, ତେଣୁ ତାଙ୍କ ସ୍ୱାର୍ଥ ପାଇଁ ଏହା ନିଶା ନିବାରଣ ନୀତିକୁ ଅନୁସରଣ କରିବ। ଅବକାରୀ ନୀତିକୁ ନେଇ ଦିଲ୍ଲୀ ସରକାର ସମାଲୋଚନାର ସମ୍ମୁଖୀନ ହେଉଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଅନିୟମିତତାର ଅଭିଯୋଗ ଆସିଛି। ନିଶା ନିବାରଣ ଆନ୍ଦୋଳନର ସମର୍ଥକମାନେ ଆପ୍ ର ଅବକାରୀ ନୀତିକୁ ପସନ୍ଦ କରୁନାହାଁନ୍ତି। ଏମାନେ ସମ୍ପୂର୍ଣ୍ଣ ନିଶା ନିବାରଣ ଚାହାଁନ୍ତି। ଆପ୍ ଶାସିତ ଦିଲ୍ଲୀ ଓ ପଞ୍ଜାବରେ ଏହା ନିଶ୍ଚିତରୂପେ ହେବା ଉଚିତ୍। ନିଶା ନିବାରଣକୁ ପାର୍ଟି ଆଦର୍ଶରୂପେ ଗ୍ରହଣ କରୁ ବୋଲି ଅନେକେ ଚାହୁଁଛନ୍ତି।

ଅନେକଙ୍କ ମତ ଯେ ଆମ୍ ଆଦମୀ ପାର୍ଟି ହେଉଛି ଆରଏସଏସର ବେକଅପ୍ ପାର୍ଟି। କୌଣସି କାରଣରୁ ବିଜେପି ବିଫଳ ହେଲେ ଆପ୍ ତାହାର ସ୍ଥାନ ପୂରଣ କରିବ। ଆରଏସଏସର ଆଦର୍ଶ ମତେ ପାର୍ଟି ପରିଚାଳିତ ହେଉଛି ବୋଲି ଅଭିଯୋଗ ଆସୁଛି। ନରମ ହିନ୍ଦୁତ୍ୱ ହେଉଛି ପାର୍ଟିର ଆଦର୍ଶ ବୋଲି ଅନେକେ କହୁଛନ୍ତି। ଭାରତୀୟ ଟଙ୍କାରେ ହିନ୍ଦୁ ଦେବଦେବୀଙ୍କ ଫୋଟ ରଖିବା ବୟାନ ଓ ବୌଦ୍ଧ ସମ୍ମିଳନୀରେ ଯୋଗଦାନ ପାଇଁ ତତ୍କାଳୀନ ଦିଲ୍ଲୀ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଇବା କେଉଁ ପ୍ରକାରର ହିନ୍ଦୁତ୍ୱ ବୁଝି ହେଉନାହିଁ। ଏହା ନରମ ହିନ୍ଦୁତ୍ୱ ନା କୋଠର ହିନ୍ଦୁତ୍ୱ। ସମାଜରେ ଥିବା ଜାତିବାଦ ଉପରେ ପାର୍ଟିର ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ଏହା ବର୍ଣ୍ଣବ୍ୟବସ୍ଥାକୁ ସମର୍ଥନ କରେ କି ବିରୋଧ କରେ ତାହା ଏଯାଏଁ ଜଣାପଡ଼ି ନାହିଁ। ସ୍ୱରାଜରୁ ଆରମ୍ଭ ହୋଇଥିବା ଏ ପାର୍ଟି ଆଜି ସ୍ୱରାଜକୁ ବହୁ ପଛରେ ଛାଡି ଦେଇଥିବା ପରି ମନେହୁଏ। ସମସ୍ତ ସିଦ୍ଧାନ୍ତ ଉଚ୍ଚ ନେତୃତ୍ୱ ନେଉଛନ୍ତି। ଅନ୍ୟାନ୍ୟ ପାରମ୍ପରିକ ଦଳଠାରୁ ଏହା ପୃଥକ ବୋଲି ଜାଣି ହେଉନାହିଁ। ଏଥିରେ ମଧ୍ୟ ହାଇକମାଣ୍ଡବାଦ କାୟା ବିସ୍ତାର କରୁଛି। ପାର୍ଟିରେ ତୋଷାମଦିଆଙ୍କ ଗୁରୁତ୍ୱ ବେଶୀ। ଏ ସମସ୍ତ ଅଭିଯୋଗ ଓ ସମାଲୋଚନା ସତ୍ତ୍ୱେ ଆମ୍ ଆଦମୀ ପାର୍ଟିର ପ୍ରାସଙ୍ଗିକତା ଏବେବି ରହିଛି। ଆଦର୍ଶଗତ ଦୃଢ଼ତା ଓ ସ୍ୱଚ୍ଛତା ଆଗକୁ ବଢ଼ିବାରେ ନିଶ୍ଚୟ ସହାୟକ ହେବ। ନିଜ ମଧ୍ୟରେ ଥିବା ଦୋଷ ଦୁର୍ବଳତାକୁ ହଟାଇ ପାରିଲେ ଏହା ବିକଳ୍ପ ରାଜନୈତିକ ଶକ୍ତିଭାବେ ଉଭା ହୋଇପାରିବ। ହିନ୍ଦୁତ୍ୱକୁ ବିଜେପି ପେଟେଣ୍ଟ କରି ନେଇଛି। ଏହାକୁ ଛଡାଇଆଣି ରାଜନୈତିକ ଆଧାର ବନାଇବା ଆପ୍ ପାଇଁ ସହଜ ହେବନାହିଁ। ଏବେବି ଦେଶର ସଂଖ୍ୟାଧିକ ଲୋକ ସମ୍ବିଧାନବାଦୀ, ଧର୍ମ ନିରପେକ୍ଷବାଦୀ ଓ ପ୍ରଗତିବାଦୀ ଅଟନ୍ତି। ଏ ସମସ୍ତଙ୍କୁ ଯେଉଁ ପାର୍ଟି ଗୋଟିଏ ସୂତ୍ରରେ ବାନ୍ଧିପାରିବ, ସେହି ପାର୍ଟି ଆଗାମୀ ଦିନରେ ନିଜର ସ୍ଥିତିକୁ ମଜଭୁତ କରିବାରେ ସଫଳ ହେବା ନିଶ୍ଚିତ। ବର୍ତ୍ତମାନର ପରିପ୍ରେକ୍ଷୀରେ ଆଦର୍ଶଗତ ସମସ୍ୟା ହିଁ ଆମ୍ ଆଦମୀ ପାର୍ଟି ପାଇଁ ବଡ଼ ଚ୍ୟାଲେଞ୍ଜ।

# ବୋଲେ ହୁଁ ଟି

ମରମୁନ ଡକ୍ଟରେନରେ ବ୍ରସ ଆର ଏମକୋକି କହିଛନ୍ତି: ଆଜ୍ଞାଧୀନ ହେବା ସ୍ୱର୍ଗର ପ୍ରଥମ ନିୟମ। ଆଲେକଜାଣ୍ଡାର ପୋପ ଇସେ ଅନ ମେନରେ କହିଲେ ନିର୍ଦ୍ଦେଶ ପାଳନ କରିବା ସ୍ୱର୍ଗର ପ୍ରଥମ ନିୟମ। ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନକୁ କହିଲେ କର୍ମ କର,ସଂସାରର ନିୟମକୁ ପାଳନ କର।ପୁରାଣ ଅନୁସାରେ ଜଣେ କହିଛନ୍ତି ଓ ଅନ୍ୟଜଣେ ଶୁଣନ୍ତି। ଶୁଣିବା ଲୋକର ଜିଜ୍ଞାସାକୁ ସମ୍ମାନ ଦେଇ କହିଥାନ୍ତି।ଜାଣିବାକୁ ହେଲେ ଶୁଣିବା,ଦେଖିବା ଓ ପଢିବାକୁ ପଡିବ।କେଉଁ ଅନାଦି କାଳରୁ ପ୍ରଚଳିତ ହେଇଆସିଛି ଜଣେ କହିବେ ଅନ୍ୟ ଜଣେ ଶୁଣିବ।ଶୁଣିବା ଲୋକ ଠାରୁ କହିବା ଲୋକର ଜ୍ଞାନ ଅଧିକ।କେବଳ ଜ୍ଞାନ ନୁହେଁ ସେ ଚାଲାକ ଓ ଚତୁର ମଧ୍ୟ।ନିଜ ବୁଦ୍ଧିମତାରେ ଅନ୍ୟକୁ ସହଜରେ ମାତ୍ ଦେବାରେ ପାରଦର୍ଶୀତା ହାସଲ କରିଥାନ୍ତି।

ଅଜା,ଆଇଙ୍କ ଠାରୁ ଗପ ନ ଶୁଣିଲା ଲୋକ କିଏ ନଥିବେ ? ଅଜା ଆଇ ଗପ କହୁଥିବେ ସେତେବେଳେ ଯାଏ ଯଦି ହୁଁ ହୁଁ କରୁଥିବ ନାତି କି ନାତୁଣୀ।ଅଜା ଆଇଙ୍କ ଗପ ଏମିତି ଚାଲିଥିବ ହୁଁ ହୁଁ ବନ୍ଦହେଲେ ଗପ ସରିବ।କନ୍ୟା ବିଦାୟ ସମୟରେ ପାଲିଙ୍କିରେ କନ୍ୟା ସବିଥିବ ସବାରୀବାଲା ବୋଲେ ହୁଁ ଟି ଡାକ ଦଉଥିବା ସୂଚିତ କରେ ଏକ ଲୟରେ ସବାରୀବାଲା ବର ଘରକୁ ପହଞ୍ଚାଇବ,ରାସ୍ତାରେ କୌଣସି ବାଧକ ଆସିବ ନାହିଁ ସେଥିପାଇଁ ଧ୍ୟାନ ଦେବ। ଆମେ ସମସ୍ତେ ହୁଁ ହୁଁ କହି ଏତେବାଟ ଆସିଛେ।ହୁଁ ହୁଁ କରିବା ଅର୍ଥାତ ସହମତି ପ୍ରକାଶ କରିବାକୁ ବୁଝାଏ।ଏହି ସହମତି ଭିତରେ ବକ୍ତାର ପ୍ରତ୍ୟେକ କଥା ପ୍ରତି ସମର୍ଥନ ରହିଥାଏ।ଏହି ସମର୍ଥନ ରହି ଆସିଛି ବୋଲି ସଂସାର ସୁନ୍ଦର ଭାବରେ ଗତି କରୁଛି।ଯେଉଁଠି ସମର୍ଥନ ନାହିଁ ସେଠାରେ ଆରମ୍ଭ ହୁଏ ପ୍ରତିବାଦ।ପ୍ରତିବାଦ ସ୍ୱର ସେଠି ଶୁଭିଥାଏ ଯେଉଁଠି ସହିବାର ସୀମା ଟପିଯାଇଥାଏ।ପୃଥିବୀରେ ସଂଘଟିତ ହୋଇଥିବା ଇଂଲଣ୍ଡର ଗ୍ଲୋରିୟସ ରିଭୋଲେସନ,ଆମେରିକାର ସ୍ୱାଧୀନତା ସଂଗ୍ରାମ,ଫରାସୀ ରାଷ୍ଟ୍ର ବିପ୍ଳବ ବିଦ୍ରୋହ ପଛରେ ରହିଥିଲା ଅସହ୍ୟ ଯନ୍ତ୍ରଣା ଓ ନିର୍ଯାତନା।ସେମିତି ଭାରତ ସ୍ୱାଧୀନତା ଆନ୍ଦୋଳନ ସଂଘଟିତ ହୋଇଛି ଫିରିଙ୍ଗି ଶାସନକୁ ସହିନପାରିବାର ଦୁଃଖ ଓ ଅତ୍ୟାଚାର ଯୋଗୁଁ।ଅର୍ଥାତ ପ୍ରତ୍ୟେକ କଥାକୁ ସହିଗଲେ କିଛି ଜଣାପଡେ ନାହିଁ କିନ୍ତୁ କଥାକୁ ନ ସହି ପ୍ରତି ଉତ୍ତର ଦେଲେ କହିବା ଲୋକ ମନରେ ଆଘାତ ସୃଷ୍ଟି ହୋଇଥାଏ।ଥରେ କହିବା ଲୋକ ମନରେ ଆଘାତ ସୃଷ୍ଟି ହେଲେ ଶୁଣିବା ଲୋକ ପ୍ରତି ମନୋଭାବ ବଦଳି ଯାଇଥାଏ।ଧିରେଧିରେ କହିବା ଲୋକ ସହିବା ଲୋକ ଉପରେ ଯେତେ କଥା କିମ୍ବା କାମ କରିଛନ୍ତି ତାହା ସାର୍ବଜନୀନ କରିଥାଏ।ଏହି କଥା ମଧ୍ୟରେ କହିବା ଲୋକ କହେ ମୁଁ ଏକା ତମ ପ୍ରତି କେତେ କାମ କରିଛି।ମୁଁ ତମ ପାଇଁ

**ମୋହନ ଚରଣ ବିଶି**

ଏତେ କରିନଥିଲେ ତମର ଏମିତି ପରିବର୍ତ୍ତନ ହୋଇନଥାନ୍ତା।ମୋ ପାଇଁ ତମର ଏପରି ପରିବର୍ତ୍ତନ।ମୋର ଜ୍ଞାନ ପାଇ,ମୋ ଠାରୁ ସହଯୋଗ ପାଇ ଏତେବାଟ ଆଗେଇଛ ନଚେତ ତମକୁ କିଏ ଜାଣିଥିଲା ? ତମର ପରିଚୟ କଣ ଥିଲା ?

କାଳଜୟୀ ଗ୍ରନ୍ଥ ଗୀତା ଅବଲୋକନ କଲେ ଜାଣିବା ଯେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି।ଅର୍ଜୁନ ହଁ ହଁ କରି ଗ୍ରହଣ କରିଛନ୍ତି।ଏତେ ମହାନ ଜ୍ଞାନ ଦାନ କରି ମଧ୍ୟ ଶ୍ରୀକୃଷ୍ଣ କେବେ କହିନାହାନ୍ତି ଅର୍ଜୁନଙ୍କୁ ମୋ ପାଇଁ ତମର ଏପରି ପରିବର୍ତ୍ତନ ହୋଇଛି।ବଂର କହିଛନ୍ତି ତମର କର୍ମ ହିଁ ତମର ପରିବର୍ତ୍ତନ କରିଛି।ଭାଗବତ ବାଣୀ କହଇ ମନ ଆରେ ମୋ ବୋଲ କର ଇଙ୍ଗିତ କରୁଛି ଭାଗବତର ପ୍ରତ୍ୟେକ ବାଣୀକୁ ଜୀବନରେ ଉପଯୋଗ କଲେ ମଣିଷ ପରିବର୍ତ୍ତନ ହୋଇ ଜ୍ଞାନବାନ ହୋଇଥାଏ। ଏଥିପାଇଁ ଭାଗବତକାର କଣ କହି ବୁଲନ୍ତି ମୋ ପାଇଁ ତମେ ଜ୍ଞାନୀ ହେଲ ? ପ୍ରକୃତ ଜ୍ଞାନବାନ ବ୍ୟକ୍ତି କେବେ ମଧ୍ୟ କହନ୍ତି ନାହିଁ ମୋ ଜ୍ଞାନ ପାଇଁ ତମର ଏତେ ଉନ୍ନତି।ବଂର କହନ୍ତି ତମ ଦ୍ୱାରା ପରାଜିତ ହେଲେ ମୋ ଶିକ୍ଷାର ଉଚିତ ମୂଲ୍ୟ ପାଇଗଲି। କହୁଥିବା ଲୋକ ଏମିତି ଅନୁଭବ କେତେଜଣ କରନ୍ତି ? ଅଳ୍ପ ଲୋକ ଥିବେ ଯେଉଁମାନଙ୍କ ଏପରି ମହାନ ଚିନ୍ତାଧାରା ଥିବ।

ବୋଲକରା ଲୋକ ସମସ୍ତଙ୍କ ପ୍ରିୟପାତ୍ର ହୋଇଥାଏ।ପ୍ରିୟପାତ୍ର ହେବା ପଛର କାରଣ ହେଉଛି ସେ ସମସ୍ତଙ୍କ ନିର୍ଦ୍ଦେଶ ପାଳନ କରେ। ଯିଏ ଯେମିତି କହନ୍ତି ସମସ୍ତଙ୍କର କହିବା ଅନୁସାରେ କାମକରେ କିମ୍ବା ତାଙ୍କ ପଦାଙ୍କ ଅନୁସରଣ କରେ।ଆଜ୍ଞାଧିନ ତାର ଲକ୍ଷଣ ହୋଇଥାଏ। ବଡ ଲୋକର ଆଜ୍ଞାକୁ ପାଳନ କରିଥାଏ।ତା ପାଇଁ ନିର୍ଦ୍ଦେଶ ପାଳନ କରିବା ହିଁ ଏକ ମାତ୍ର ବିକଳ୍ପ।ନିର୍ଦ୍ଦେଶ ପାଳନ କରିବାରେ ଯେଉଁ ଆନନ୍ଦ ନିର୍ଦ୍ଦେଶ ଦେବାରେ ସେହି ଆନନ୍ଦ ଥାଏ କି ? ଏଥିପାଇଁ ବୋଲକରା ଲୋକ ଅନ୍ୟମାନଙ୍କ ଠାରୁ ଉପହାସିତ ମଧ୍ୟ ହୋଇଥାଏ।ତାର କାରଣ ହେଉଛି ତାର ନିଜର କିଛି ଜ୍ଞାନ ନାହିଁ।ସଦା ସର୍ବଦା ତାର ପଛରେ ପଡିଛି।ସେ ଅନୁକରଣ ପ୍ରକୃତିର ଲୋକ।ତାର ନିଜସ୍ୱ ବୋଲି କିଛିନାହିଁ।ସେ ଲୋକର କିଛି ମାନ ଅଭିମାନ ନାହିଁ।ଯାହା କହିବେ ଅନ୍ୟମାନେ ତାହା ହିଁ କରିବ।ସେ ଲୋକ ତାର ଚାକର।ତାର ଭୃତ୍ୟ,ତାର ଦାସ,ତାର ବୋଲକର।ଏତେ ସବୁ କଥା ଶୁଣିଲା ପରେ ମଧ୍ୟ ବୋଲକରା ପଛକୁ ହଟିନଥାଏ। ତାର କର୍ତ୍ତବ୍ୟ ମନେକରି ସବୁ କରିଯାଏ।କିନ୍ତୁ କେବେ କଣ ମାଲିକ ଭାବୁଥିବା ଲୋକ ବୋଲକରାର ମନର କଥାକୁ ବୁଝିବାକୁ ଚେଷ୍ଟା କରନ୍ତି କି ? ବୋଲକରାର ବ୍ୟକ୍ତିଗତ ଜୀବନ ବିଷୟରେ ମୂଲ୍ୟାୟନ କରନ୍ତି କି ? ବୋଲକରାର ସାମାଜିକ ସ୍ଥିତି ବିଷୟରେ ଅବଲୋକନ କରନ୍ତି କି ?

ଯେଉଁମାନେ ପ୍ରକୃତରେ ଜ୍ଞାତା ସେମାନେ ବୋଲକରାର ସର୍ବାଙ୍ଗୀନ ଉନ୍ନତି ଚାହାନ୍ତି।କିନ୍ତୁ ଯେଉଁମାନେ ସ୍ୱାର୍ଥ ରଖି ବୋଲକରାକୁ ବ୍ୟବହାର କରିଥାନ୍ତି।ଏବଂ ବ୍ୟବହାର କରିବା ଭିତରେ କିଛି କିଛି ସୁହାଇଲା ପରି ଦେଖାଣିଆ କାମ କରିଦେଇ ଡିଣ୍ଡିମ ପିଟି ବୁଲନ୍ତି ମୁଁ ତାର ଅମୁକ କାମ କରିଦେଲି।ପ୍ରକୃତ କଥା ସେତେବେଳେ ଜଣାପଡେ ଯେତେବେଳେ ବୋଲକରା କୌଣସି କାରଣ ପାଇଁ ବୋଲ ଅନୁସାରେ କରିପାରେ ନାହିଁ କିମ୍ବା କୌଣସି ନୂଆ ଦାୟିତ୍ୱ ଗ୍ରହଣ କରିବାରୁ ପ୍ରତ୍ୟେକ କଥାରେ ଆଉ ହୁଁ ହୁଁ କରିପାରେ ନାହିଁ ।ସେତେବେଳେ ବୋଲକରା ଦେହକୁ ଅନେକ କଥା ଆସେ ସେ ଆଜି ମୋ ପାଇଁ ଏତେବଡ ଆଉ ମୋ କଥା ରଖୁନାହିଁ। ମୋ ଅନୁସାରେ ଆଉ ଚଳୁନାହିଁ।ତାର କଣ ଥିଲା କି ? ମୋ ପାଇଁ ସିନା ଏତେ।ବୋଲକରା ବୋଲ ନମାନିବା ପଛରେ ଅନେକ କାରଣ ଥାଇପାରେ।ଏବଂ ସେହି କାରଣ ବିଷୟରେ ସେ କାହୁକୁ କହି ମଧ୍ୟ ନପାରେ।ପ୍ରତ୍ୟେକ କଥାକୁ ହୁଁ ହୁଁ କରିବା ଦ୍ୱାରା ଗୋଟିଏ ରାଷ୍ଟ୍ରର ସ୍ୱାଧୀନତା ମଧ୍ୟ ବିପନ୍ନ ହୋଇଯାଇଛି।ନିଜ ପ୍ରତି ମଧ୍ୟ ବିପଦ ଆସିପାରେ।

ହୁଁ ହୁଁ ଅନ୍ୟକୁ ସ୍ୱେଚ୍ଛାଚାରୀ କରେ।ଭଲ ଖରାପ ନିର୍ଦ୍ଧାରଣ କରିପାରେ ନାହିଁ।ଏଣୁ ପ୍ରତ୍ୟେକ କଥାରେ ହୁଁ ହୁଁ କହିବା ଯଥାର୍ଥ ପ୍ରତିପାଦିତ ହୋଇନଥାଏ।

ହେଲେ ସମସ୍ତେ ଜାଣିବା ଉଚିତ ବୋଲକରାର ମଧ୍ୟ ସଂସାର ଅଛି।ତାର ମଧ୍ୟ ମନ ଅଛି,ତାର ମଧ୍ୟ ଲକ୍ଷ୍ୟ, ଉଦ୍ଦେଶ୍ୟ ରହିଛି।ତା ଭିତରେ ମଧ୍ୟ ସେବା,ତ୍ୟାଗର ମହାନ ଗୁଣ ରହିଛି।ବୋଲକରା ପ୍ରକୃତିର ଲୋକ ଠାରୁ ସମାଜ ଅନେକ କିଛି ଶିଖିବାର ଅଛି।ତାର ମଧ୍ୟ ସ୍ୱପ୍ନ ଅଛି,ସମ୍ଭାବନା ଅଛି,ପ୍ରତିବାଦ କରିବାର କ୍ଷମତା ରହିଛି।ସର୍ବୋପରି ତାର ମଧ୍ୟ ସ୍ୱାଧୀନତା ଅଛି।

# ଜଗିଙ୍ଗ ଏବଂ ଜିନ୍ସ ମନା

କଥାରେ ରହିଛି ନଈ କେ ଫାଙ୍କ ଦେଶ କେ ବାଙ୍କ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ରହିଛି। ବେଳେବେଳେ ସରକାର ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ପାର୍ଇ ନୂଆ ନିୟମ ଲାଗୁ କରୁଥିବା ବେଳେ ଏହା ହିଁ ପରବର୍ତ୍ତୀ ସମୟରେ ସେଠାରେ ଆଇନରେ ପରିଣତ କରାଯାଇଥାଏ। ଯେମିତି ବର୍ତ୍ତମାନ ଆମ ଦେଶରେ ଟ୍ରାଫିକ୍ ନିୟମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଏମିତି ବି ଦେଶ ରହିଛି ଯେଉଁଠି ଜିନ୍ସ ପିନ୍ଧିବା ସମ୍ପୂର୍ଣ୍ଣ ମନା।



## ଜଗିଙ୍ଗ ମନା

ପୂର୍ବ ଆଫ୍ରିକା ଏପରି ଏକ ଦେଶ ଅଛି ଯେଉଁଠି ଜଗିଙ୍ଗ କରିବା ମନା। ଏହି ଦେଶର ନାମ ବୁରିଣ୍ଡି। ସାଧାରଣତଃ ଜଗିଙ୍ଗ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର, ଏକଥା ସରକାରଙ୍କୁ ଜଣା ଥିଲେ ହେଁ ଜଗିଙ୍ଗ ଓ ମର୍ଣ୍ଣିଂ ୱାକକୁ ଏଠାରେ ସମ୍ପୂର୍ଣ୍ଣ ବ୍ୟନ କରାଯାଇଛି। ୨୦୧୪ ରେ ବୁରିଣ୍ଡିରେ ଜଗିଙ୍ଗ କରିବା ନେଇ ଏଠାକାର ରାଷ୍ଟ୍ରପତି ମନା କରିଥିଲେ। ସେ କହିଥିଲେ ଏହା ଦ୍ୱାରା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଇଛି, ଫଳରେ ଦିନକୁ ଦିନ ଅପରାଧ ବଢି ଚାଲିଛି। ରାଷ୍ଟ୍ରପତିଙ୍କର ଏଭଳି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ହେଁ ଦେଶରୁ ଅପରାଧ ରୋକିବା ଲାଗି ସିଧା ମନା କରିଛନ୍ତି। ଏହା ପରଠାରୁ ସେଠାରେ ଜଗିଙ୍ଗ ବ୍ୟାନ୍ ନେଇ ଏକ ଆଇନ ମଧ୍ୟ ପ୍ରଣୟନ କରାଯିବାକୁ ଯୋଜନା ହେଉଛି।

## ଚୁଇଙ୍ଗ ଗମ୍ ମନା

ସିଙ୍ଗାପୋରରେ ୨୦୦୪ ରୁ ଚୁଇଙ୍ଗ ଗମ୍ ଖାଇବା ବ୍ୟାନ କରି ଦିଆଯାଇଥିଲା। ଏହା ପଛରେ ପ୍ରମୁଖ କାରଣ ରହିଥିଲା, ରାସ୍ତାଘାଟରେ ଚୁଇଙ୍ଗ ଗମ୍ ପଡି ପରିବେଶକୁ ନଷ୍ଟ କରୁଥିବା ବେଳେ ଲୋକମାନେ ମଧ୍ୟ ଏହାକୁ ଖାଇ ବିଭିନ୍ନ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପଡୁଥିଲେ। ଏଥିପାଇଁ ଏଠାରେ ଚୁଇଙ୍ଗ ଗମ ସମ୍ପୂର୍ଣ୍ଣ ବ୍ୟାନ୍।

## ଜିନ୍ସ ପିନ୍ଧିବା ମନା

ଉତ୍ତରକୋରିଆକୁ ପଶିବା ମାତ୍ରେ ରାସ୍ତାଘାଟ ଚାରିଆଡେ ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ଫଟୋ ଦେଖିବାକୁ ପାଇବେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତାଙ୍କ ଦେଶରେ ନୀଳ ରଙ୍ଗର ଜିନ୍ସକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଦେଇଛନ୍ତି। ଏହା ପଛରେ ରହିଥିବା କାରଣ ହେଉଛି ବିଦେଶୀ ସଂସ୍କୃତିକୁ ବର୍ଜନ କରିବା। ବିଶେଷକରି ଏହି ଜିନ୍ସ ପସ୍ତୁତ କରୁଥିବାରୁ ସେ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

## ବାହାରେ ଛେପ ପକାଇବା ମନା

ଭାରତରେ ପାନ ଖାଇ ଯେଉଁଠି ପାଇ ସେଇଠି ଛେପ ପକାଇବା ଅତି ସାଧାରଣ କଥା। କିନ୍ତୁ ଏମିତି କିଛି ସ୍ଥାନ ରହିଛି ଯେଉଁଠି ପାନ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଏହି ସ୍ଥାନଟି ହେଉଛି ବ୍ୟାଙ୍ଗକକ। ସଫା ସୁତୁରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାଏହି ସହରରେ ରାସ୍ତାରେ ପାନ ଖାଇ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଯଦି ଭୁଲରେ ଛେପ ପକାଇ ଦେଇଛନ୍ତି ଏଥିପାଇଁ ଫାଇନ ବ୍ୟବସ୍ଥା ମଧ୍ୟ ରହିଛି।

## ନକଲି ଦାନ୍ତରେ କାମୁଡିବା ଅପରାଧ

ସାଧାରଣତଃ ଦାନ୍ତରେ କାମୁଡିଲେ ବିଭିନ୍ନ ରୋଗ ହେଉଥିବା ଯୋଗୁ ଡାକ୍ତରମାନେ ଏପରି କରିବାକୁ ବାରଣ କରିଥାନ୍ତି। ହେଲେ ଲୁଇସିଆନାରେ ଏକ ଅଜବ ଆଇନ ରହିଛି। ଏଠାରେ କାମୁଡିବା ତ ଏକ ଛୋଟ ଅପରାଧ। ଯଦି ସତ ଦାନ୍ତରେ ଜଣେ ଅନ୍ୟ ଜଣକୁ କାମୁଡିଦିଅନ୍ତି ତ ଯେତିକି ଅପରାଧ ନୁହେଁ ତା'ଠାରୁ ବେଶୀ ବଡ ଅପରାଧ ନକଲି ଦାନ୍ତରେ କାମୁଡିବା।








ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ଆପଣାନ୍ତୁ କିଛି ଟିପ୍ସ। ଅତି ସାଧାରଣ ଏହି ଟିପ୍ସ ପାଇଁ ଆପଣଙ୍କ ଘରେ ହିଁ ରହିଛି ସବୁକିଛି ଜିନିଷ...



## କିଛି ହେଲ୍‌ଥ ଟିପ୍ସ

ପ୍ରତିଦିନ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବହୁ ରୋଗରୁ ମୁକ୍ତି ମିଳିବ। ବିଶେଷ କରି ଶ୍ୱାସ ନଳି ସଫା ରହେ, କାଶ ହୁଏନାହିଁ।

-ରାତିରେ ୬ରୁ୮ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ଚୋପା ଛଡାଇ ଖାଇଲେ ଫ୍ୟାଟ୍ କମିଯିବ।

-ରାତିରେ ମେଥିକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉଠି ଏହାକୁ ବାଟି ପିଇଲେ ଡାଇବେଟିସରୁ ମୁକ୍ତି ମିଳିବ।

-ଆମ୍ବ ଖାଇସାରିବା ପରେ କ୍ଷୀର ପିଇଲେକ ଚଳିବ, କିନ୍ତୁ ପାଣି ଜମାରୁ ପିଅନ୍ତୁ ନାହିଁ। ତା'ଛଡା କିଡନୀ ରୋଗୀ ଏବଂ ଜଳଉଦରୀ ହୋଇଥିବା ରୋଗୀ ଆମ୍ବ ଖାଇବା ଅନୁଚିତ।

-ପ୍ରତିଦିନ ଗୋଟିଏ ଚାମଚ ମହୁ ଯେମିତି ହେଲେ ଖାଆନ୍ତୁ ନିଶ୍ଚିତ ଭାବେ ନିରୋଗ ରହିବେ।

-ଯଦି ବାନ୍ତି ଲାଗୁଛି ତ ଲେମ୍ବୁରେ ଅଳ୍ପ ଟିକେ ଲୁଣ ଲଗାଇ ଚୁଚୁମିଲେ ନିଶ୍ଚିତ ଉପକାର ମିଳିବ।

-ଯଦି ପେଟ କାଟୁଛି ଜୁଆଣି ଭାଜି ଗୁଣ୍ଡ କରି ସେଥିରେ ସୈନ୍ଧବ ଲବଣ ମିଶାଇ ଦିଅନ୍ତୁ। ଏହାକୁ ରେଗୁଲାର ଉଷୁମ ପାଣି ସହିତ ଖାଇଲେ ଆରାମ ମିଳିବ।

-ଯଦି ଶୀଘ୍ର ଓଜନ କମ୍ କରିବାକୁ ଚାହାନ୍ତି ତ ନିୟମିତ ଭାବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ।

-ପେଗେନନ୍ସୀ ସମୟରେ ଅମୃତଭଣ୍ଡା ଜମାରୁ ବି ଖାଆନ୍ତୁନି। କାରଣ ଆବୋର୍ସନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

-୧୦ଗ୍ରାମ ଅଦାକୁ ବାଟି ୨୦୦ ମିଲିଲିଟର ପାଣିରେ ଫୁଟାନ୍ତୁ। ପାଣି ସିଝିସିଝି ଚାରିଭାଗରୁ ଭାବେ ରହିଲେ ତାକୁ ଛାଟି ଗୋଟିଏ କପ୍ ଉଷୁମ କ୍ଷୀର ସହିତ ମିଶାଇ ପିଅନ୍ତୁ, ଥଣ୍ଡା କାଶ ଆଦିରୁ ଉପଶମ ମିଳିବ।



ସୋନାକ୍ଷୀ

## ସତର୍କ ରୁହନ୍ତୁ

ବର୍ଷା ଋତୁ ଆସିଲେ ନିଜକୁ ଟିକେ ତାଜା ଅନୁଭବ କରିବା ଲାଗି ଚା' ଓ କଫି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଆପଣ କ'ଣ ଅଧିକ ଗରମ ଚା' ପିଉଛନ୍ତି କି ଏମିତି କରନ୍ତୁ ନାହିଁ, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ କ୍ଷତିକାରକ...



ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସର ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗରମ ଚା' ବା କଫି ପିଇବା ଯୋଗୁଁ କ୍ୟାନସର ବା ଖାଦ୍ୟ ନଳୀରେ କ୍ୟାନସର ହେବାର ଆଶଙ୍କା ରହିଛି।

-ଏସୋଫେଗଲ କ୍ୟାନସର କ'ଣ ?

ଗଳାରେ କ୍ୟାନସର ବା ଏସୋଫେଗଲ କ୍ୟାନସର ସେତେବେଳେ ହୋଇଥାଏ ଯେତେବେଳେ ଭୋଜନ ନଳୀରେ ଅସାମାନ୍ୟ କୋଷିକା ଅନିୟନ୍ତ୍ରିତ ଉପାୟରେ ବଢିଥାଏ। ଏହାକୁ ଖାଦ୍ୟ ନଳୀ ମଧ୍ୟ କୁହାଯାଇଥାଏ। ଏହି ଟ୍ୟୁବ ଦ୍ୱାରା ପାଟିରେ ଖାଉଥିବା ଖାଦ୍ୟ ପେଟ ଭିତରେ ପହଞ୍ଚିଥାଏ। ଏହା ସେତେବେଳେ ଜଣା ପଡିଥାଏ, ଯେତେବେଳେ ଲୋକେ ୬୦ ବର୍ଷରେ ପହଞ୍ଚି ଯାଇଥାନ୍ତି।

-ପେଟ ସମସ୍ୟା

ଗରମ ଚା' ଯୋଗୁଁ ଲୋକଙ୍କୁ ବହୁ ପ୍ରକାରର ପେଟ ରୋଗର ସାମ୍ନା କରିବାକୁ ପଡିଥାଏ। ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ବାନ୍ତି, ରକ୍ତ ସହିତ କଳା ଝାଡା ମଧ୍ୟ ହେବାର ସମ୍ଭାବନା ରହିଥାଏ। ଏହା ଅଲସର ସମସ୍ୟା ବି ସୃଷ୍ଟି କରିଥାଏ।

-ରକ୍ତ ହୀନତା

ଅଧିକ ଗରମ ଚା' ବା କଫି ପିଇବା ରକ୍ତ ଲାଗି କ୍ଷତିକାରକ। ଏହା ପ୍ରଭାବରେ ଶରୀରରେ ରକ୍ତହନୀତା ଦେଖାଦିଏ। ଓଜନ କମ୍ ହୋଇଥାଏ। ଖାଦ୍ୟ ଗିଳିବା ଲାଗି କଷ୍ଟ, କାଶ ବା ଗଳା ବସିବା ଭଳି ସମସ୍ୟା ଦେଖାଦେଇଥାଏ।

-ମେଟାବଲିଜିମ

ଚା' ଶରୀରରେ ମେଟାବଲିଜିମ୍ କମ କରି ରକ୍ତକୁ କମ କରିଦେଇଥାଏ। ଏହା ଦ୍ୱାରା ଶରୀରର ଭିତର ନଳୀରେ ଘା' ଓ ଛାଲ ମଧ୍ୟ ସୃଷ୍ଟି ହୋଇଥାଏ।

-ଗୁପ୍ତାଙ୍ଗ ସମସ୍ୟା

ଏହା ଶରୀରରେ ଗୁପ୍ତାଙ୍ଗ ସମସ୍ୟା ଉତ୍ପନ୍ନ କରିଥାଏ। ଗୁପ୍ତାଙ୍ଗ ଦୁର୍ବଳ ହେବା ସହିତ ସେକ୍ସ ପାୱାର କମ କରିଦିଏ।

-ଦାନ୍ତ ସମସ୍ୟା

ଅଧିକ ଗରମ ଓ ବହୁଥର ଚା' କଫି ପିଇବା ଦ୍ୱାରା ଆମର ଦାନ୍ତ ସମସ୍ୟା ଦେଖା ଦେଇଥାଏ। ଏଥିରେ ଦାନ୍ତ ହଳଦି ରଙ୍ଗର ହୋଇଯାଏ।

## ସୋନାକ୍ଷୀଙ୍କ ଅକଲ ଗୁଡୁମ

'କୌନ ବଜେଗା କେରାଡ ପତି'ର ଗତ ଶୁକ୍ରବାର ପ୍ରସାରିତ 'କେବିସି କର୍ମବୀର' ଏପିସୋଡରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରାଜସ୍ଥାନର ବାଡମେରର ରୁମା ଦେବୀଙ୍କ ସହିତ ଦେଖିବାକୁ ମିଳିଥିଲେ। ସୋନାକ୍ଷୀ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ ରୁମା ଦେବୀଙ୍କୁ ସର୍ପୋଟ କରିବାକୁ କେବିସି ମଞ୍ଚକୁ ନିମନ୍ତ୍ରିତ ହୋଇ ଆସିଥିଲେ। ବିଗ୍ ବି 'ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ 'ରାମାୟଣ' ସହିତ ଜଡିତ ଏକ ଖୁବ୍ ସହଜ ପ୍ରଶ୍ନ ପଚାରିଥିଲେ ହେଁ ସୋନାକ୍ଷୀ କିନ୍ତୁ ଏହାର ଉତ୍ତର ଦେଇପାରିନଥିଲେ। ରୁମା ଦେବୀ ଓ ସୋନାକ୍ଷୀକଙ୍କୁ ପଚରା ଯାଇଥିଲା, ରାମାୟଣ ଅନୁସାରେ ହନୁମାନ କାହାପାଇଁ ସଞ୍ଜୀବନୀ ବୁଟି ନେଇ ଆସିଥିଲେ। ଏହି ପ୍ରଶ୍ନର ଅପଶନରେ ଥିଲା ଏ)ସୁଗ୍ରିବ, ବି)ଲକ୍ଷ୍ମଣ, ସି)ସୀତା, ଡି) ରାମ। ତେବେ ଉଭୟ ସୋନାକ୍ଷୀ ଓ ରୁମା ଏହି ସହଜ ପ୍ରଶ୍ନଟିର ଉତ୍ତର ସି) ସୀତା ହିଁ ଦେଇଥିଲେ। ତେବେ ଏତେ ସହଜର ପ୍ରଶ୍ନର ଉତ୍ତର ଗୋଟେ ଛୋଟ ପିଲା ଦେଇପାରିବ। ପ୍ରଶ୍ନଟି ପାଇଁ ରୁମାଙ୍କୁ ଲାଇଫ ଲାଇନ ଗ୍ରହଣ କରିବାକୁ ପଡିଥିଲା। ଆର୍ଡଭାଇଜର ଲକ୍ଷ୍ମଣ ବୋଲି କହି ସଠି୍ ଉତ୍ତର ଦେଇଥିଲେ। ତେବେ ସବୁଠାରୁ ବଡ କଥା ହେଲା ସୋନାକ୍ଷୀଙ୍କ ପିତାଙ୍କ ନାମ ଶତ୍ରୁଘ୍ନ ସିହ୍ନା ଯିଏକି ରାମଙ୍କ ସାନ ଭାଇର ନାମ। ସୋନାକ୍ଷୀ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି ତା'ର ନାମ ରାମାୟଣ ଓ ତାଙ୍କ ଭାଇଙ୍କ ନାମ ଲବ ଓ କୁଶ ହୋଇଥିବା ବେଳେ ଲକ୍ଷ୍ମଣ ତାଙ୍କର ଜଣେ ଦାଦାଙ୍କ ନାମ ହୋଇଥିବା ବେଳେ ସେ ଏଭଳି ପ୍ରଶ୍ନର ଉତ୍ତର ଦେଇ ନପାରିବାରୁ ଖାଲି ଦର୍ଶକ ନୁହନ୍ତି ବରଂ ବହୁ ପ୍ରଶଂସକ ତାଙ୍କୁ ଅଡୁଆ ତଡୁଆ ପ୍ରଶ୍ନ ମଧ୍ୟ କରିଛନ୍ତି।

# ପିପୁଲସ କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ



ବୁଗୁଡା ୮/୧(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜର ଉଚ୍ଚ ମାଧ୍ୟମିକ ବିଭାଗର +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଜାନୁଆରୀ ୭ ତାରିଖ ଦିନ ଉଦଘାଟିତ ହୋଇଯାଇଛି। ଏହି ଆଠ ଦିନର ଆତ୍ମ ସୁରକ୍ଷା ତାଲିମ ଶିବିରର ପ୍ରଥମ ଦିବସରେ କଲେଜର ପ୍ରିନ୍ସପାଲ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରି ତାଲିମ ଦାତ୍ରୀ ଯେଉଁ ସବୁ କୌଶଳ ବିଷୟରେ ତାଲିମ ଦେବେ ତାହାକୁ ସମସ୍ତ ଛାତ୍ରୀ ଉତ୍ତମ ଭାବେ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ଦାଶ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜିକା ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ସମିତା ଜେନା ଓ ପୂଜା ସ୍ୱାଇଁ ଯୋଗଦେଇ ଜାନୁଆରୀ ୭ ତାରିଖରୁ ଆରମ୍ଭ ହୋଇଥିବା ତାଲିମ ଶିବିରରେ ଛାତ୍ରୀମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିବେ। ଜାନୁଆରୀ ୧୬ ତାରିଖ ଦିନ ତାଲିମ କାର୍ଯ୍ୟକ୍ରମ ସମାପ୍ତ ହେବ। ଶେଷରେ ସଂଯୋଜିକା ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର




ପୋଲସରା ୮/୧(ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଚ୍ଚ ମାଧ୍ୟମିକ ବିଭାଗର +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଜାନୁଆରୀ ୭ ତାରିଖ ଦିନ ଉଦଘାଟିତ ହୋଇଯାଇଛି। ଏହି ଆଠ ଦିନର ଆତ୍ମ ସୁରକ୍ଷା ତାଲିମ ଶିବିରର ପ୍ରଥମ ଦିବସରେ କଲେଜର ବରିଷ୍ଠ ପ୍ରାଧ୍ୟାପକ ରୁଦ୍ର ପ୍ରସାଦ ଗୌଡ଼ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରି ତାଲିମ ଦାତ୍ରୀ ଯେଉଁ ସବୁ କୌଶଳ ବିଷୟରେ ତାଲିମ ଦେବେ ତାହାକୁ ସମସ୍ତ ଛାତ୍ରୀ ଉତ୍ତମ ଭାବେ ଶିକ୍ଷା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅଧ୍ୟାପକ ଡକ୍ଟର ବିରଞ୍ଚି ନାରାୟଣ ରଥ ଓ ଲିପିନାଥ ସିଂହ ଯୋଗଦେଇ ଆତ୍ମ ସୁରକ୍ଷା ତାଲିମର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ଆତ୍ମ ସୁରକ୍ଷା ତାଲିମ ଶିବିରର ସଂଯୋଜିକା ଡକ୍ଟର ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ସୁଚିତ୍ରା ବେହେରା ଯୋଗଦେଇ ଜାନୁଆରୀ ୭ ତାରିଖରୁ ଆରମ୍ଭ ହୋଇଥିବା ତାଲିମ ଶିବିରରେ ଛାତ୍ରୀମାନଙ୍କୁ ୮ ଦିନ ପର୍ଯ୍ୟନ୍ତ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିବେ। ଜାନୁଆରୀ ୧୬ ତାରିଖ ଦିନ ତାଲିମ କାର୍ଯ୍ୟକ୍ରମ ସମାପ୍ତ ହେବ। ଶେଷରେ ସଂଯୋଜିକା ଅଧ୍ୟାପିକା ଡକ୍ଟର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟପାଟଣା ଗ୍ରାମପଞ୍ଚାୟତରେ ଘୁମୁରା ଉତ୍ସବ ପାଳିତ

ଜୟପାଟଣା ୮/୧(ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଜୟପାଟଣା ଠାରେ ଗ୍ରାମପଞ୍ଚାୟତ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ମହା ସମାରୋହ ରେ ଅନୁଷ୍ଠିତ ହୋଇଯାଇଛି ।ସର୍ବ ପ୍ରଥମେ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଡକ୍ରୀ ବୁଢ଼ୀ ଙ୍କ ପୀଠରେ ପୁଜା ଅର୍ଚ୍ଚନା ପରେ ମଶାଲ ସହିତ ନଗର ପରିକ୍ରମା କରି ଗ୍ରାମପଞ୍ଚାୟତ ପ୍ରାଙ୍ଗଣ ଉତ୍ସବ ସ୍ଥଳୀରେ ପହଞ୍ଚି ସକାଳ ୯ ଘଣ୍ଟା ସମୟରେ ମଞ୍ଚ ଉଦ୍ଘାଟନ କରି ଜନସାଧାରଣ ଙ୍କ ପାଇଁ ସ୍ୱତନ୍ତ୍ର ଭାବେ ମହିଳା ମଧ୍ୟରେ ହୁଳହୁଳି ,ଶଙ୍ଖ ଫୁଙ୍କା,ମେହେନ୍ଦି,ଝୋଟି,ମୁରୁଜ,ଚଉକି ବସା,ଓ ଛାତ୍ର ଛାତ୍ରୀଙ୍କ ପ୍ରବନ୍ଧ,ଚିତ୍ରାଙ୍କନ, ଗୀତ,ସାଧାରଣ ଜ୍ଞାନ, ପ୍ରତିଯୋଗିତା କରାଯାଇଥିଲା ସନ୍ଧ୍ୟା ୬ ଘଣ୍ଟା ସମୟରେ ଉଦଯାପନୀ ଉତ୍ସବ ରେ କୃତୀ ପ୍ରତିଯୋଗି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣି ସହ ଘୁମୁରା ଓ ଅନ୍ୟାନ୍ୟ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍ଘାଟନୀ ଓ ଉଦ୍ ଯାପାନୀ ଉତ୍ସବ ର ସଭାପତି ସରପଞ୍ଚ ମୌସୁମୀ ଡୋଙ୍ଗରି, ମୁଖ୍ୟ ଅତିଥି ସମିତି ସଭ୍ୟା ରଶ୍ମିତା ଦୁରିଆ, ସମ୍ମାନିତ ଅତିଥି ସମସ୍ତ ୱାର୍ଡ଼ ସଭ୍ୟ,ସଭ୍ୟା, ଓ ଉଦଯାପନୀ, ଉତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥି ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଧର୍ମ ରାଜ ମାଝି,ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଶେଷ ଦେବ ବେହେରା,ସମ୍ମାନିତ ଅତିଥି ସମିତି ସଭ୍ୟା ରଶ୍ମିତା ଦୁରିଆ,ପୂର୍ବତନ ସମିତି ସଭ୍ୟ ତୀର୍ଥ ରାଜ ଦଳପତି,ପୂର୍ବତନ ସରପଞ୍ଚ ଅର୍ଣ୍ଣ ଦଳପତି,ପୂର୍ବତନ ସରପଞ୍ଚ ଦିଲିପ ରାଉତ, ପ୍ରମୁଖ ଯୋଗଦେଇ କଳାହାଣ୍ଡି ର ଇତିହାସ ଓ ଉତ୍ସବ ର ଲକ୍ଷ୍ୟ ଉପରେ ଆଲୋକ ପାତ କରି ଜନସାଧାରଣ ତଥା ବିଶେଷ କରି ଆଜିର ଯୁବକ ସଂସ୍କାରିତ ଚରିତ୍ର ବାନ ହୋଇ ଅଞ୍ଚଳର ବିକାଶ ରେ ନିଜକୁ ସାମିଲ କରିବା ଭଳି ଅନେକ କଥା ବକ୍ତା ମାନେ କହିଥିଲେ । ପର୍ଯ୍ୟବେକ୍ଷକ ଭାବେ ସାମ୍ବାଦିକ ଅମଜାଦ ଖାଁ,ରାଜୁ ପାହଡ, ଯୋଗ ଦେଇଥିଲେ ।ଏ ଅବସରରେ ଭାଷା ସାହିତ୍ୟ ଉପରେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ଲେଙ୍କା,ରାହାସ ସଙ୍କୀର୍ତ୍ତନ ପ୍ରତିଷ୍ଠାତା ଭାବେ ଶ୍ରୀଯୁକ୍ତ ବେଣୁ ମୁଣ୍ଡ,ଜଣେ ଦକ୍ଷ କ୍ରୀଡାବିତ,ସଂଗଠକ,ସମାଜସେବୀ, ବିଭିନ୍ନ ଜନକଲ୍ୟାନ କାର୍ଯ୍ୟରେ ସମ୍ପୃକ୍ତ ପାଇଁ ଶ୍ରୀଯୁକ୍ତ ପ୍ରକାଶ ଦୂରୀ ଆ,ଶ୍ରୀଯୁକ୍ତ ଚିତ୍ତ ରଞ୍ଜନ ଦଳପତି ଯୁବ ଆଦର୍ଶ ଭାବେ ଓ ଶ୍ରୀଯୁକ୍ତ ଆବାସ ସାହୁ ଙ୍କୁ ପଶୁ ମାନଙ୍କ ଭଲପାଇ ଯଥା ବୁଲା କୁକୁର,ଗାଈ ଙ୍କୁ କୋରନା ସମୟରୁ ନିଜସ୍ୱ ଖର୍ଚ୍ଚରେ ଖାଇବା ଦେଇ ଦୁର୍ଘଟଣା ତଥା ଅନ୍ୟାନ୍ୟ ସମୟରେ ଯତ୍ନ ନେଉଥିବା ପାଇଁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।ମଞ୍ଚ ପରିଚାଳନା ଶ୍ରୀ ଚିତ୍ତ ରଞ୍ଜନ ଦଳପତି,ଯୋଷଦ ପଟ୍ଟନାୟକ ,ଆବାହକ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳାଦ୍ରି ମେହେର, ସରୋଜ ସାହୁ,ଅନାମ ସାହୁ,ୱାର୍ଡ଼ ସଭ୍ୟ ତରୁଣ ନାଗ,ଏଜଝ ଖଗପତି ନାଏକ ସହ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ତଥା ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ବେଳେ ।ଚିତ୍ତରଞ୍ଜନ ଦଳପତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କଣାସରେ ୫୭୨୫.୮୪ ହେକ୍ଟର ଫସଲ କ୍ଷୟକ୍ଷତି

କଣାସ ୮/୧(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ଦୁଇ ଦୁଇ ଥର ଲଘୁଚାପ ଜନିତ ଲଗାଣ ବର୍ଷାରେ ୫୭୨୫.୮୪ ହେକ୍ଟର ଫସଲ ଖେୟକ୍ଷତି ହୋଇଥିବା ସରକାରଙ୍କୁ ସୂଚନା ପ୍ରଦାନ କରିଛନ୍ତି କଣାସ ତହସିଲଦାର ହିମାଂଶୁ ଶେଖର ଗିରି ।ବ୍ଲକର ବିଭିନ୍ନ ପଞ୍ଚାୟତରେ ଖରିପ ଧାନ , ରବି ଧାନ,ପନିପରିବା ଓ ଚୀନା ବାଦାମ ଫସଲ ହୋଇଥିବା ବେଳେ ଅନେକ ପରିମାଣରେ ନଷ୍ଟ ହୋଇଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।ସେଥି ମଧ୍ୟରେ ମୋଟ ୨୦ଟି ପଞ୍ଚାୟତରେ ଖରିପ ଧାନ ଅମଳ ପୂର୍ବରୁ ଜମିରେ ୩୩ ଶତକଡ଼ା ଖେୟକ୍ଷତିର ଆକଳନ କରିଛନ୍ତି ତହସିଲ ଓ କୃଷି ବିଭାଗ ।ଗଡ଼ଖାରଦ ୧୮୫ହେକ୍ଟର, ଦେଇପୁର ୧୬୦, ବଡ଼ାଲ ୬୫,ପାଣ୍ଡିଆକେରା ୩୫୮,ତ୍ରିଲୋଚନପୁର ୩୪୭,କଣାସ ୭୦, ଗଡ଼ସାହି ୮୦,ଅଁଲାଯୋଡ଼ି ୧୪୦, ଗଡ଼ସାନପୁଟ ୭୦୦, ଗଡ଼ବେଡ଼ପୁଟ ୬୧୩, ବଡ଼ାସ ୧୦୨, ଦୋକନ୍ଦା ୩୭୬, ଗଡ଼ବଳଭଦ୍ରପୁର ୨୯୮,ବକୁ ୪୦୩.୩୪,ଦିବ୍ୟସିଂହପୁର ୩୫୦.୯୩, ସାହୁପଡ଼ା ୭୦୭.୫୭,ଶିରେଇ ୪୧୫,ଅଣ୍ଡାରସିଂହ ୦୫, ଚୁପୁରିଙ୍ଗ ୩୧୮,କାଦୁଆ ୩୨ ହେକ୍ଟର ଫସଲ ଖେତି ହୋଇଥିବା ବେଳେ ମୋଟ ୫୭୨୫.୮୪ ହେକ୍ଟର ଫସଲ ଖେୟ କ୍ଷତି ହୋଇଥିବା ତହସିଲଦାର ହିଂମାଶୁ ଶେଖର ଗିରି ଓ କୃଷି ଅଧିକାରିଣୀ ପ୍ରତିମା ଖଣ୍ଡୟତରାୟ ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ସ୍ତରୀୟ ୧୮ ତମ ପ୍ରବାସୀ ଭାରତୀୟ ଦିବସ ପାଳିତ




ଚିକିଟୀ ୮/୧(ନି.ପ୍ର): ଏହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚିକିଟୀ ଗଡ଼ ସ୍ଥିତ ରାଜ କବି ରାଧାମୋହନ ବିଦ୍ୟାପୀଠ ପରିସର ରେ ବ୍ଲକ ସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ପାଇଁ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବସନ୍ତ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ରାଜନୀତିଠାରୁ ଉର୍ଦ୍ଧରହି ନିଷ୍ଠା ସହିତ ସମ୍ମିଳିତ ଭାବେ କାର୍ଯ୍ୟ କଲେ ଅଂଚଳ, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ଓଡିଶାର ଅସ୍ମିତା, କଳା, ସଂସ୍କୃତି, ଭାସ୍କର୍ଯ୍ୟ ର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର ସମସ୍ତେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବାସୀ ଭାରତୀୟ ଦିବସ ପାଳନର ଲକ୍ଷ୍ୟ ଓ ଉଧେଶ୍ୟ କହିଥିବା ବେଳେ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା ପ୍ରବାସୀମାନଙ୍କ ଭାରତୀୟ ମାଟି ସହିତ ଆବେଗିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମନୋରଞ୍ଜନ ୬ ଜଣ କନିଷ୍ଠ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତିପତ୍ର ପ୍ରଦାନ କରିବା କୁଇଜ୍ ପ୍ରତିଯୋଗିତାରେ ସୁନୀଲ କୁମାର ବେହେରା, ରଚନା ଲିଖନ ବନ୍ଦନା ବେହେରା, ଶ୍ରୀୟା ରାଉଳ, କାନ୍ଥଲେଖାରେ ଯୋଶବନ୍ତ ବେହେରା, କେ. ବନ୍ଦନା ଆଚାର୍ଯ୍ୟ, ସାଇକେଲ ଚାଳନା ରେ ଚୈତନ୍ୟ ବେହେରା ମାନପତ୍ର ସହିତ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ରେ ବିଆରସିସି ନିଗମାନନ୍ଦ ପଣ୍ଡା,ଏବିଇଓ ସିମାଞ୍ଚଳ ପଣ୍ଡା, ତ୍ରିନାଥ ମଳିକ, ପ୍ରଧାନ ଶିକ୍ଷକ ସୁଧୀର କୁମାର ପ୍ରଧାନ, ସମସ୍ତ ସି ଆର ସି ସି, ଶିକ୍ଷକ, କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିବା ବେଳେ ଧକ୍ଷନଘର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଡାବୁଗାଁରେ ଭୀମଭୋଇ ଭିନ୍ନକ୍ଷମ ଶିବିରେ ସାମ୍ବାଦିକ ଙ୍କୁ ଅଣଦେଖା

ନବରଙ୍ଗପୁର ୮/୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହେବା ପାଇଁ ମାଇକ ରେ ଗ୍ରାମାଞ୍ଚଳରେ ପ୍ରଚାର କରାଯାଇ ଆଜି ବ୍ଲକ ପରିସରରେ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ କିନ୍ତୁ ଯେଭଳି ପ୍ରଚାର କରାଇ ଥିଲା, ଗ୍ରାମାଞ୍ଚଳ ରୁ ବହୁ ଭିନ୍ନକ୍ଷମ ପରୀକ୍ଷା କରାଇବାକୁ ଆସି ସଖାଳ ୧୦ଘଣ୍ଟା ସମୟରୁ ବ୍ଲକ ପରିସରରେ ଉପସ୍ଥିତ ହୋଇଥିଲେ । କିନ୍ତୁ ମଧାହ୍ନ ୧୨ ଘଣ୍ଟା ପର୍ଯ୍ୟନ୍ତ ଉକ୍ତ ଶିବିର ଆରମ୍ଭ ହୋଇନ ଥିଲା ପରେ ଉକ୍ତ ଶିବିର ଆରମ୍ଭ ହୋଇ ଥିଲେ ହେଁ ଚେୟାର ଅଳ୍ପ ଥିବାରୁ ଭିନ୍ନକ୍ଷମ ମାନେ ତଳେ ବସିବା ଓ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ଉକ୍ତ ଭିନ୍ନକ୍ଷମ ଶିବିର କୁ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ ଉଦଘାଟନ କରିଥିବା ବେଳେ ଅନେକ ଜନ ପ୍ରତିନିଧି ଓ ବ୍ଲକ କର୍ମଚାରି ମାନେ ଉପସ୍ଥିତି ଥିଲେ।ଏହି କାର୍ଯ୍ୟକ୍ରମ ରେ ଦାଇତ୍ୱ ରେ ଥିବା ଅଧିକାରୀମାନେ ସାମ୍ବାଦିକ ମାନଙ୍କୁ ସମ୍ପୂର୍ଣ ଅଣଦେଖା କରିଥିଲେ। ଭିନ୍ନକ୍ଷମ ମାନେ ତଳେ ବସିବା ଓ ତଳେ ଠିଆ ହୋଇ ଥିବା ବେଳେ ଅଧିକାରୀ ମାନଙ୍କ ନଜର ସାମ୍ବାଦିକ ମାନଙ୍କ ଆଡ଼େ ପଡିଥିଲେ ସୁଦ୍ଧା ବସିବାର ବ୍ୟବସ୍ଥା ନ ଥିବାରୁ ସାମ୍ବାଦିକ ମାନେ ଖବର ସଂଗ୍ରହ ଅଧାରୁ ସେହି ସ୍ଥାନ ପରିତ୍ୟାଗ କରି ପଳାଇ ଆସିଥିଲେ। ଏଭଳି ଅବ୍ୟବସ୍ଥା ନେଇ ପୂର୍ବରୁ ବିଡିଓଙ୍କ ଦୃଷ୍ଟି ଗୋଚର କରିଥିଲେ ବରିଷ୍ଠ ସାମ୍ବାଦିକ ରବି ନାରାୟଣ ମହାନ୍ତି ଏବଂ ସାମ୍ବାଦିକ ସଙ୍ଘ ସମ୍ପାଦକ ମିହିର ଶଙ୍କର ପାତ୍ର ତଥାପି ବ୍ଲକ କର୍ମଚାରୀ ଏଥିପ୍ରତି ଦୃଷ୍ଟି ନ ଦେଇ ଚୁପ ରହିଗଲେ। ସରକାରଙ୍କ ଯୋଜନା କୁ ସଫଳ ରୂପାୟନ କରିବା ବଦଳରେ ବାଟ ମାରଣା କରୁଛନ୍ତି ଏଭଳି ଅଧିକାରୀବୃନ୍ଦ । ଏପରି ଅବ୍ୟବସ୍ଥା ନେଇ ସମସ୍ତ ସାମ୍ବାଦିକ କ୍ଷୋଭ ପ୍ରକାଶ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଡାବୁଗାଁ ସାମ୍ବାଦିକ ସଙ୍ଘ ଦାବୀ କରିଛି।

# ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର

ଗୁଣପୁର ୮/୧(ନି.ପ୍ର): ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ଏ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା । ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶଶୀଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ ଏବଂ ଛାତ୍ରୀମାନଙ୍କୁ ତାଲିମ୍ ଗ୍ରହଣ ସମୟରେ ନିୟମିତ ଆସିବା ପାଇଁ ପରାମର୍ଶ ଦେଇଥିଲେ , ତତ୍ ସହିତ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଗୁଣପୁର ଶିକ୍ଷାଧିକାରୀ ଶ୍ରୀମତୀ ପ୍ରତିଶ୍ରୁତି ସିଂ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ବିଷୟରେ ସୂଚନା ପ୍ରଦାନ କରି କହିଥିଲେ ଯେ, ନିଜକୁ ରକ୍ଷା କରିବା ପାଇଁ ଆତ୍ମରକ୍ଷା କରାଯାଏ । ସମାଜର ବିଭିନ୍ନ କ୍ଷେତ୍ରରେ ଆଜି ନାରୀର ସ୍ଥାନ ସର୍ବୋଚ୍ଚ । ଶିକ୍ଷା କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କୁ ସଶକ୍ତ ହେବାକୁ ପଡ଼ିବ ,ତେବେଯାଇ ସମାଜର ଭିତ୍ତିଭୂମି ଓ ବିକାଶ ସୁଦୃଢ଼ ହେବ । ଜୀବନରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିବା ନିହାତି ଜରୁରୀ ଏବଂ ଜୀବନରେ ଯେତେ ବାଧାବିଘ୍ନ ଆସିଲେ ବି ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଆଦର୍ଶ ଥାନାର ସବ୍ ଇନସପେକ୍ଟର ଶ୍ରୀମତୀ ଲକ୍ଷ୍ମୀ ପରିଜା ଉପସ୍ଥିତ ରହି କହିଥିଲେ ଯେ, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବର୍ତ୍ତମାନ ଯୁଗରେ ଅଳ୍ପ ବୟସରୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି । ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା, ସେମାନଙ୍କୁ ନିର୍ଭୀକ କରିବା ଓ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ସାହସୀ କରିବା ନିମନ୍ତେ ଆତ୍ମରକ୍ଷା ପ୍ରଶିକ୍ଷଣ ନିହାତି ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ଚିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଶ୍ରୀମତୀ ନମିତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏହି କାର୍ଯ୍ୟକ୍ରମର ଦୁଇଜଣ ପ୍ରଶିକ୍ଷକ ଶ୍ରୀମତୀ ଲିଲି ମାଣ୍ଡାଙ୍ଗି ଓ ଶ୍ରୀମତୀ ବିମଳା ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର କେତେକ କୌଶଳ ଶିକ୍ଷା ଦେଇଥିଲେ ।

# ବମକ ଗ୍ରାମ ପଞ୍ଚାୟତ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ଅନୁଷ୍ଠିତ



ମ. ରାମପୁର ୮/୧(ନି.ପ୍ର): ମ. ରାମପୁର ବ୍ଲକ ଅନ୍ତର୍ଗତ ବମକ ଗ୍ରାମ ପଂଚାୟତ ର ପଂଚାୟତ ସ୍ତରୀୟ ଘୁମୁରା -୨୦୨୫ ମହାସମାରୋହର ସହ ଉଦଘାଟିତ ହୋଇଯାଇଛି !ମଙ୍ଗଳବାର ଦିନ ସକାଳ ୯. ୩୦ ମିନିଟ ଠାରୁ ବମକ ମା ଧରଣୀ ପୀଠ ଓ ରାଧାକୃଷ୍ଣ ମନ୍ଦିର ଠାରେ ପୂଜା ଆରାଧନା କରି ଏକ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ସରପଞ୍ଚ ଶ୍ରୀ ରୋମାଞ୍ଚ ସାହୁ ମଶାଲ ଧରି ବମକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ରେ ସମିତି ସଭ୍ୟା, ୱାର୍ଡ ମେମ୍ବର, ଗାଁ ଗୌତିଆ, ମନ୍ଦିର ପୂଜକ, ମାନ୍ୟଗଣ୍ୟ ବ୍ୟକ୍ତି, ମିଶନ ଶକ୍ତି ମା ମାନେ, ଜନସାଧାରଣ ସହ ପହଂଚିବା ପରେ ମହିଳା ମାନେ ମଶାଲ କୁ ସ୍ୱାଗତଂ କରି ମଣ୍ଡପ ନିକଟରେ ସ୍ଥାପନ କରିଥିଲେ !ଏ ଅବସରରେ ସରପଞ୍ଚ ରୋମାଞ୍ଚ ସାହୁ ଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ! ସଭା ରେ ଶ୍ରୀ ଝସକେତନ ସାହୁ ମଞ୍ଚ ପରିଚଳାନା କରି ଅତିଥିମାନଙ୍କୁ ସ୍ୱାଗତ ଭାଷଣ ସହ ଆସନ ଗ୍ରହଣ ପାଇଁ ଆହ୍ୱାନ କରିଥିଲେ ଓ ମୁଖ୍ୟ ଅତିଥିଭାବେ ମାନ୍ୟବର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର କୁମାର ସିଂହ ଦେଓ କଳାହାଣ୍ଡି , ମୁଖ୍ୟ ବକ୍ତା ଭାବେ ଶ୍ରୀ ସକ୍ରୀ ମାଝୀ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,ସମ୍ମାନିତ ଅତିଥିଭାବେ , ଶ୍ରୀମତୀ ମନ୍ଦାକିନୀ ସିଂହ ଦେଓ ମାନନୀୟା ଅଧକ୍ଷ ମ. ରାମପୁର ପଂଚାୟତ ସମିତି, ଶ୍ରୀଯୁକ୍ତ ସବ୍ୟସାଚୀ ବେହେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମ. ରାମପୁର, ଶ୍ରୀମତୀ ସଂଗୀତା ମାଝୀ ସମିତି ସଭ୍ୟା ବମକ ଗ୍ରାମ ପଂଚାୟତ, ଶ୍ରୀଯୁକ୍ତ କାହ୍ନୁ ଚରଣ ସାହୁ ଅବସର ପ୍ରାପ୍ତ ଶିକ୍ଷକ, ଶ୍ରୀ ପୟଧର ସାହୁ ପ୍ରତିଦିନ ଖବର କାଗଜ ମ. ରାମପୁର ବ୍ଲକ ପ୍ରତିନିଧି, ପ୍ରଶାନ୍ତ କୁମାର ସାହୁ (ଜନ ଭରସା ), ନରସିହ ସାହୁ, ବରୁଣ ସାହୁ,ଜଗମୋହନ ସାହୁ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶ୍ରୀ ହେମନ୍ତ ସାହୁ ପ୍ରମେୟ ଖବର କାଗଜ ମ. ରାମପୁର,ସୂର୍ଯ୍ୟମଣୀ ମାଝୀ, ମନ୍ଦିର ନାଗ, ମାଧବ ମାଝୀ, କୌଦଣ୍ଡ ମନ ହୀରା, ଦେବରାଜ ପାତ୍ର, ଭୈରାବ ସାହୁ, ତ୍ରିଲୋଚନ ବଗତ୍ରୀ, ଶ୍ୟାମ ମାଝୀ, ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଗ୍ରାମ ପଂଚାୟତ ର ସମସ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରତିଯୋଗିତା ମାଧ୍ୟମରେ ପୁରସ୍କାର ବିତରଣ ସହ ଅନେକ ରଙ୍ଗା ରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋମୁଗ୍ଧକର ହୋଇଥିଲା !ବମକ ଗ୍ରାମ ପଂଚାୟତ ଭଳି ଏକ ଛୋଟ ପଂଚାୟତ ରେ ଏଭଳି ଏକ ବିରାଟ ଆୟୋଜନ କଳାହାଣ୍ଡି ଉତ୍ସବ ର ଏକ ପ୍ରକୁଷ୍ଟ ଉଦାହରଣ ବୋଲି ଆଲୋଚନା ହେଉଛି !

# ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଙ୍କ ଦ୍ୱାରା କେନାଲ ବନ୍ଧ ରାସ୍ତା ର ଭିତ୍ତିପ୍ରସ୍ତର ସ୍ଥାପନ

ନିମାପଡା ୮/୧(ନି.ପ୍ର): ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଙ୍କ ଦ୍ୱାରା ପ୍ରାଚୀ ଡିଭିଜନ ନିଆଳି ସବ୍ ଡିଭିଜନ ଅନ୍ତର୍ଗତ କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରି ର ବାମ ପଟ ନିଆଳି ଚାରି ଛକ ରାସ୍ତା ର ପୁରୁଣା ଫାଣ୍ଡି ଛକ ଠାରୁ ସିରିକୋଇଲି ରାସ୍ତା ସମ୍ପ୍ରସାରଣ ଓ ମରାମତି କରାଯିବା ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ପ୍ରାଚୀ ଡ଼ିଭିଜନ ରଘୁନାଥ ସ୍ୱାଇଁ ,ସହକାରୀ ଅଧିକ୍ଷଣ ଯନ୍ତ୍ରୀ ନିଆଳି ସୁଧାକର ମଲ୍ଲିକ ,ବିଭାଗୀୟ ସହକାରୀ ଯନ୍ତ୍ରୀ ଉପାଲି ପ୍ରିୟଦର୍ଶିନୀ ,ଦାମୋଦର ପାଢ଼ୀ ସମେତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ସାଂସଦ ଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଓଝା , ମିନଲତା ମହାନ୍ତି ସମେତ ବିଭିନ୍ନ ପଞ୍ଚାୟତ ର ଲୋକ ପ୍ରତିନିଧି ଓ ମହିଳା କର୍ମୀ ମାନେ ଯୋଗ ଦେଇ ଥିଲେ ।ଏହି ରାସ୍ତା ଟି ଦୀର୍ଘ ଦିନ ହେବ ମରାମତି ଅଭାବରୁ ମରଣ ଜନ୍ତା ରେ ପରିଣତ ହୋଇଥିଲା ।ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ଙ୍କ ନିକଟରେ ରାସ୍ତା ଉପରେ ନିର୍ଭର କରୁଥିବା ବ୍ରହ୍ମକୁଣ୍ଡି ,ଦଣ୍ଡିକେରା ଓ ସୁଧ ଶିରିକୋଇଲି ଅଞ୍ଚଳ ର ଲୋକମାନେ ସୁବିଧାରେ ଯାତାୟାତ କରିପାରିବେ ।ଏହି ରାସ୍ତା ନିର୍ମାଣ ଲାଗି ୬୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିବା ବେଳେ ରାସ୍ତାର ଲମ୍ବ ୩ କିଲୋମିଟର ଓ ପ୍ରଶସ୍ତ ,୫ ମିଟର ହେବ ବୋଲି ଜଣାପଡିଛି ।ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଠିକାଦାର ବାବୁରାମ ନାୟକ ସୂଚନା ଦେଇଛନ୍ତି ।ଚାରି ଛକ ସାମ୍ବାଦିକ ସଙ୍ଘ ପକ୍ଷରୁ ମନ୍ତ୍ରୀ ଙ୍କୁ ସଂଘ ର. ସଭାପତି ପ୍ରଫୁଲ. କର ସମ୍ପାଦକ ବସନ୍ତ ଦାସ ଓ କାର୍ଯ୍ୟକାରୀ ସଭାପତି ପୂର୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ ସାହୁ ବସନ୍ତ ମଲ୍ଲ, ବିଜୟ ବେହେରା ପ୍ରମୁଖ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ।

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ନୂଆବର୍ଷର ପ୍ରଥମ ବୈଠକ



ବୁଗୁଡା ୮/୧(ନି.ପ୍ର): ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ନୂଆବର୍ଷ ୨୦୨୫ର ପ୍ରଥମ ବୈଠକ ଭଞ୍ଜନଗର ବନବିଭାଗ ଡାକ ବଙ୍ଗଳାରେ ମାସର ପ୍ରଥମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ଥାୟୀ ସଭାପତି ବରିଷ୍ଠ ଅଧିବକ୍ତା ସୋମନାଥ ନାୟକ ଅଧକ୍ଷତା କରିଥିଲେ। ବୈଠକ ଆରମ୍ଭରେ ବିପ୍ରଚରଣ ସାହୁଙ୍କ ଧର୍ମପତ୍ନୀ ପୂର୍ଣ୍ଣବାସୀ ସାହୁ ଓ ବର୍ଷୀୟାନ ସଦସ୍ୟ ଶରତ ଚନ୍ଦ୍ର ପଟନାୟକଙ୍କ ବିୟୋଗରେ ଦୁଇ ମିନଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଭାପତି ଶ୍ରୀ ନାୟକ ଉପସ୍ଥିତ ସଦସ୍ୟମାନଙ୍କୁ ନବବର୍ଷ ର ଅଭିନନ୍ଦନ ଜଣାଇ ତାଙ୍କ ପରିବାର ବର୍ଗଙ୍କ ଶୁଭ କାମନା କରିଥିଲେ। ନୂତନ ସଦସ୍ୟ ବି. ରାମଚନ୍ଦ୍ର ପାତ୍ରଙ୍କୁ ପରିଚୟ ପତ୍ର ପ୍ରଦାନ କରି ମଞ୍ଚକୁ ସ୍ୱାଗତ କରିଥିଲେ। ଆସନ୍ତା ୧୯ ତାରିଖରେ ବାର୍ଷିକ ସମ୍ମିଳନୀ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହେବାକୁ ଠିକ କରାଗଲା। ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ପ୍ରଦ୍ୟୁମ୍ନ ନାୟକଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବାକୁ ସ୍ଥିର ହେଲା। ମଞ୍ଚ ପରିବାରରୁ ବ୍ରଜ ଗୋପାଳ ମହାରଣା ଓ ମାଗୁଣି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର ହେଲା। ବ୍ରଜଗୋପାଳ ମହାରଣା ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ବୈଠକ ସାଙ୍ଗ ଘୋଷଣା କରିଥିଲେ।

# ଡାବୁଗାଁରେ ନୂତନ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଗୃହ ର ଶୁଭ ଉଦଘାଟନ



ଡାବୁଗାଁ ୮/୧(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ଆଜି ଏକ ନୂତନ ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଶୁଭ ଉଦ୍ ଘାଟନ ହୋଇଯାଇଛି । ମାନ୍ୟବର ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ କରିଥିଲେ ।ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧକ୍ଷା ବୀଣା ମାଝୀ, ଜିଲ୍ଲାପରିଷଦ ସଭ୍ୟ ଧନସିଂ ଭତ୍ରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର,ବିଧାୟକ ପ୍ରତିନିଧି ଏମ ବୁଲୁ ରାଓ, ବରିଷ୍ଟ ବିଜେଡି ନେତା ଏମ୍ ଆପା ରାଓ ସହ ଅନେକେ ବିଜେଡି କର୍ମୀ ଉପସ୍ଥିତ ଥିଲେ ।ଆଜିର ଏହି କାର୍ଯ୍ୟକ୍ରମ ସମୟରେ ।ଡାବୁଗାଁ ସାମ୍ବାଦିକ ସଂଘର ସଭାପତି ପ୍ରଜ୍ଞା ରଞ୍ଜନ ପରିଡା, ଉପ ସଭାପତି ଗଗନ ଗନ୍ତାୟତ, ସମ୍ପାଦକ ମିହିର ଶଙ୍କର ପାତ୍ର କୋଷାଧକ୍ଷ ସୁଶାନ୍ତ କୁମାର ପଣ୍ଡା, ରବି ମହାନ୍ତି, ପ୍ରସାଦ ସିଂ, ଡାକରୁସି କଳାର, ତରଣୀ ସେନ ଜେନା,ପଦ୍ମ ସାଏ ଭତରାଙ୍କ ସମେତ ସଂଘର ସମସ୍ତ ସଦର୍ଶ୍ ଉପସ୍ଥିତ ରହିଥିଲେ । ଆଜିଏହି ଶୁଭ ଅବସରରେ ବରିଷ୍ଠ ନାଗରିକ ମାନଙ୍କ ଗୃହ ମଧ ଡାବୁଗାଁ ବିଧାୟକ ଉଦଘାଟନ କରିଥିଲ।

# ମିଡିଆ କ୍ଲବ ଗୁଣୁପୁର ଓ ଗୁଣୁପୁର ଆଦର୍ଶ ଥାନା ପୋଲିସ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳିତ

ଗୁଣୁପୁର ୮/୧(ନି.ପ୍ର): ପ୍ରଶାସନ ପକ୍ଷରୁ ଜାନୁଆରୀ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ଆଜି ମିଡିଆ କ୍ଲବ ଗୁଣୁପୁର ଓ ଆଦର୍ଶ ଥାନା ଗୁଣୁପୁର ଆନୁକୂଲ୍ୟରେ ଏକ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ମିଡିଆ କ୍ଲବ ଗୁଣୁପୁରର ସଭାପତି ଅନୀଲ ସାହୁକାର, ଆବାହକ ଜିତେନ୍ଦ୍ର ଶତପଥୀ , ଆଦର୍ଶ ଥାନା ଗୁଣୁପୁରର ଏସ୍ ଡି ପିଓ ବାବୁଲି ନାୟକ ଓ ଥାନା ଅଧିକାରୀ ଉତ୍ତମ୍ କୁମାର ସାହୁ ଙ୍କ ନେତୃତ୍ୱରେ ଆୟୋଜନ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ତତ୍ ପରେ ପୁରୁଣା ବସଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ସହର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଦେଇ ବାଇପାସ୍ ଛକ ନିକଟରେ କାର୍ଯ୍ୟକ୍ରମକୁ ସମ୍ପନ୍ନ କରାଯାଇଥିଲା । ଏହି ଶୋଭାଯାତ୍ରା ସମୟରେ ମିଡିଆ କ୍ଲବର ସମସ୍ତ ସଦସ୍ୟ , ଗୁଣୁପୁର ଥାନାର କର୍ମଚାରୀ , ସ୍ଥାନୀୟ କିଡସ୍ -ଗୀ ପବ୍ଲିକ ସ୍କୁଲ ଗୁଣୁପୁର ଓ ବଂଶଧାରା ହାଏର୍ ସେକେଣ୍ଡାରୀ ସ୍କୁଲ ର ଅଧକ୍ଷା, ଅଧକ୍ଷ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହଯୋଗ ସହ ରାସ୍ତାରେ ଯାଉଥିବା ଗାଡି ଚାଳକ ମାନଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା । ଏହି ସମୟରେ ହେଲିମେଟ ପିନ୍ଧି ଥିବା ମଟର ସାଇକେଲ ଚାଳକ ଏବଂ ସିଟ୍ ବେଲ୍ଟ ଲଗାଇ କାର ଚଳାଉ ଥିବା ଚାଳକ ମାନଙ୍କୁ ଗୋଲାପ ଫୁଲ ଦେଇ ଧନ୍ୟବାଦ୍ ଜଣାଇ୍ବା ସହ ବେପରୁଆ ଭାବେ ବିନା ହେଲିମେଟରେ ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ସଚେତନତା ବାର୍ତ୍ତା ଲେଖାଥିବା କାର୍ଡ ଦିଆଯାଇଥିଲା । ଜନସାଧାରଣ ଙ୍କୁ ଗାଡ଼ି ଚଳାଇବା ସମୟରେ ବିଭିନ୍ନ ସତର୍କତା ଅବଲମ୍ବନ କରିବା ପାଇଁ ସ୍ଲୋଗାନ ଓ ପ୍ଲାଗକାର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମିଡିଆ କ୍ଲବର ସମ୍ପାଦକ ଜଗନ୍ନାଥ ମହାନ୍ତି, ଉପଦେଷ୍ଟା ରମେଶ ଲିମା, ବିଭୁ ପ୍ରସାଦ ଶତପଥୀ, ଲକ୍ଷ୍ମି ମହାଙ୍କୁଡ, ସୁନୀଲ ସାବତ, କୃଷ୍ଣ ଚନ୍ଦ୍ର ରାଜଗୁରୁ, ଶୀଲା ଗମାଙ୍ଗ, ମହେଶ ପାଟ ଖଣ୍ଡାଲ , ଉମା ଶଙ୍କର ମହାଙ୍କୁଡ , ବିଷ୍ଣୁ ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଗୁଣୁପୁର ଥାନା ଏସ୍ ଆଇ ଅଶୋକ ପାଢି ଏବଂ ପୁଲିସ କର୍ମଚାରୀ ମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ କିଡ୍ସ - ଗୀ ଇଂରାଜୀ ମାଧ୍ୟମ ପବ୍ଲିକ ସ୍କୁଲ ଏବଂ ବଂଶଧାରା ହାୟର ସେକେଣ୍ଡାରି ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗ ଦେଇ ସହୋଯାଗ କରିଥିଲେ । ମିଡିଆ କ୍ଲବ ଗୁଣୁପୁର ଏବଂ ଆଦର୍ଶ ଥାନା ଗୁଣୁପୁର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରସଂଶା କରାଯାଇଛି।

## ଖୋଲିଲା ମା ’ ଭଗବତୀଙ୍କ ଭିତରହୁଣ୍ଡି

ବାଣପୁର ୮/୧(ନି.ପ୍ର): ତିନିମାସ ପରେ ମଙ୍ଗଳବାର ଦିନ ମା’ ଭଗବତୀଙ୍କ ଭିତର ହୁଣ୍ଡି ଖୋଲାଯାଇ ହୁଣ୍ଡିରୁ ଆଦାୟ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ସହିତ ସୁନା ରୂପାର କିଛି ଦ୍ରବ୍ୟ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମନ୍ଦିର ଜମା ଖାତାରେ ଜମା କରାଯାଇଛି । ମନ୍ଦିର ପରିଚାଳନା କମିଟିର ସଭାପତି, ସ୍ଥାନୀୟ ତହସିଲଦାର ଟି. ପଦ୍ମନାଭ ଦୋରା ,କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ମନ୍ଦିର କର୍ମଚାରୀ, ସେବାୟତ ଓ ସ୍ଥାନୀୟ ପୋଲିସ ଙ୍କ ଉପସ୍ଥିତିରେ ମା’ଭଗବତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଭିତର ହୁଣ୍ଡି ଖୋଲିଥିଲେ । ତିନିମାସର ବ୍ୟବଧାନ ପରେ ଖୋଲାଯାଇଥିବା ହୁଣ୍ଡିରୁ ସଂଗୃହୀତ ଅର୍ଥ ଗଣତି ପରେ ଟ.୧,୦୬,୪୬୬(ଏକ ଲକ୍ଷ ଛଅ ହଜାର ଚାରିଶହ ଛଅଷଠି)ଙ୍କାର ନୋଟ ଏବଂ ଟ.୧୪,୩୦୧ (ଚଉଦ ହଜାର ତିନିଶହ ଏକ)ଙ୍କାର ମୁଦ୍ରା ସର୍ବମୋଟ ଟ.୧,୨୦,୭୬୭ (ଏକ ଲକ୍ଷ, କୋଡିଏ ହଜାର ,ସାତଶହ ସତଷଠି)ଙ୍କା ସହିତ ୪ ଗ୍ରାମ ୯୬୦ ମିଲିଗ୍ରାମର ଏକ ରୂପାମୁଦ୍ରା,୪୫୦ ମିଲିଗ୍ରାମର ଦୁଇଟିରୂପା ଝୁମ୍ପି,୧୬କ୍ୟାରେଟ୍ ବିଶିଷ୍ଟ ୭ ମିଲିଗ୍ରାମ ସୁନାର ଏକ ନାକଫୁଲ ସଂଗ୍ରହ କରାଯାଇ ମନ୍ଦିର ନାମରେ ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ଜମାଖାତାରେ ଜମା କରାଯାଇଛି । କାର୍ଯ୍ୟାଳୟର କର୍ମଚାରୀ ସୁରେନ୍ଦ୍ର ସାହୁ, ଅକ୍ଷୟ ମିଶ୍ର, ଅଶ୍ୱିନୀ ମିଶ୍ର,କମଳ ମିଶ୍ର,ପରିଚ୍ଛା ପ୍ରକାଶ ମହାପାତ୍ର,ପାଳିଆମାଳି ସଂଜୟ ମହାପାତ୍ର, , ବସନ୍ତ ନାୟକ ଓ ସ୍ଥାନୀୟ ପୋଲିସ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ଦାନ ଏହି ଅର୍ଥ ମା’ଙ୍କ ଦୈନନ୍ଦିନ ନୀତିକାନ୍ତି ସେବାରେ ଲାଗିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ପ୍ରକାଶ ।

## ଉମା ମାହେଶ୍ୱରୀ ଓ ମା ଖମ୍ଭେଶ୍ୱରୀଙ୍କର ବନଜାଗ ଯାତ୍ରା

ଅତାବିରା ୮/୧(ନି.ପ୍ର): ଡୁମାଲ ସମାଜର ଅଧିଷ୍ଠାତ୍ରୀ ଦେବୀ କୁରୁଆଁସ୍ଥିତ ସର୍ବ ପୁରାତନ ଉମା ମାହେଶ୍ୱରୀ ପୀଠର ମାଁ ମାହେଶ୍ୱରୀ ଓ ମାଁ ଖମ୍ଭେଶ୍ୱରୀଙ୍କର ନବକଳେବର ପାଇଁ ନୂତନ ଶାଳକା ଓ ନୂତନ ଖମ୍ବ ସନ୍ଧାନ ଉଦ୍ଦେଶ୍ୟରେ ଲହଣ୍ଡା ଗାଁକୁ ସେବାୟତବୃନ୍ଦଙ୍କ ସହ ବାହାରିଥିବା ମାଁ ମାହେଶ୍ୱରୀଙ୍କର ଶୋଭାଯାତ୍ରା ଅତାବିରା ବ୍ଲକ ର ଖଲିଆ ପାଲି, ଅତାବିରା ସହର ଦେଇ ଖଇରପାଲି ଗାଁକୁ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତସହ ପ୍ରବେଶ କରିଥିଲେ । ଆଜି ମଙ୍ଗଳବାର ଦିନ ଅପରାହ୍ନ ୪ଟାରେ କର୍ମୀଟିକ୍ରା ଠାରେ ଡୁମାଲ ଜାତିଭାଇ ଓ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ମାଁ ମାହେଶ୍ୱରୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଡୁମାଲ ପରିଷଦର ସଭାପତି ଦୟାସାଗର ମେଣ୍ଡଲୀ,ବରଗଡ଼ ଜିଲ୍ଲା ଡୁମାଲ ପରିଷଦର ସଭାପତି ଗଣେଶ ପ୍ରଧାନ, ସମ୍ପାଦକ ସୁବାସ ଥାଟି,ସରଳା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ,ଗୁନିଆ ପାଲି କେନ୍ଦ୍ର ସଭାପତି ମଗନ ଖମାରୀ,ଗମ୍ଭାରୀପାଲି ଆଞ୍ଚଳିକ ମାହେଶ୍ୱରୀ ମନ୍ଦିରର ପୂଜକ ସନ୍ତୋଷ ମହାକୁର, ଦିଲୀପ ମହାକୁର, ଜଗବନ୍ଧୁ କଲତା ଓ ଆଖ ପାଖ ଅଂଚଳର ଜାତିଗଙ୍ଗା ଉପସ୍ଥିତ ରହି ମାଙ୍କର ଆଶୀର୍ବାଦ ଲାଭ କରିଥିଲେ ।  ଏହି ସମସ୍ତ କାର୍ଯ୍ୟକ୍ରମକୁ କୁରୁଆଁ ମାହେଶ୍ୱରୀ ମନ୍ଦିରର ବେଜି, ଦେହେରୀ ସେବାୟତ ବୃନ୍ଦ,ଖଲିଆ ପାଲି, ଅତାବିରା ସହରର ଜାତିଭାଇ,ଖଇରପାଲି -କର୍ମୀଟିକ୍ରା ଗ୍ରାମବାସୀ ବୃନ୍ଦ, ଦୀନେଶ ଗାଇଗରିଆ, ସଂଜୀବ କର୍ମୀ,କୁବେର ମହାକୁର ଏବଂ ମାଁ ମାହେଶ୍ୱରୀ ସେନାର ସଦସ୍ୟ ମାନେ ପୂର୍ଣ୍ଣମାତ୍ରାରେ ସାହାଯ୍ୟ ସହଯୋଗ କରିଥିଲେ । ଆସନ୍ତା କାଲି ବୁଧବାର ଦିନ ବନଯାଗ ଶୋଭାଯାତ୍ରା ଲହଣ୍ଡା ପହଂଚି ସ୍ୱପ୍ନାଦେଶ ରେ ଚିନ୍ହିତ ହୋଇଥିବା ମା ମାହେଶ୍ୱରୀଙ୍କର ନୂତନ ଶାଳକା ବାଡ଼ି ପାଇଁ ମହୁଲ ବୃକ୍ଷ ଓ ମାଁ ଖମ୍ଭେଶ୍ୱରୀଙ୍କ ନୂତନ ଖୁଣ୍ଟ ନିର୍ମାଣ ପାଇଁ ରୁହେନ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ କଟା ଯିବ ଓ ପୁଣି ଉଭୟ ବୃକ୍ଷକୁ ବିରାଟ ଶୋଭାଯାତ୍ରାରେ ଉମା ମାହେଶ୍ୱରୀ ମନ୍ଦିର, କୁରୁଆଁକୁ ନିଆଯିବ ।

# ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ନିଶ୍ଚିନ୍ତକୋଇଲି ୮/୧(ନି.ପ୍ର): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଅନୁଷ୍ଠିତ ୨୦୨୪ର ତୃତୀୟ ଓ ପଂଚମ ଶ୍ରେଣୀର ବୃତ୍ତି ପରୀକ୍ଷା ଫଳ ବାହାରିଛି । ଏଥିରେ ଗରିବ ମେଧାବୀ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପ୍ରତିଭା ଦାସ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋପପୁର ଛାତ୍ର ଦିବ୍ୟଜ୍ୟୋତି ଦାସ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୋପପୁର ଛାତ୍ର ମହେଶକୁମାର ବେହେରା ତୃତୀୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ହଳଧରପୁର ଛାତ୍ରୀ ସ୍ମୃତିରେଖା ମହାନ୍ତି ଚତୁର୍ଥ, ଗୁରୁକୁଳ ଶିଶୁ ମନ୍ଦିର ନତକାଇ ଛାତ୍ର ସୌମ୍ୟସାଇ ରାଉତ ଚତୁର୍ଥ, ସାହାଡାସୁନ୍ଦରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାପ୍ରଲିପ୍ତା ସେଠୀ ପଂଚମ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋପୀନାଥପୁର ଛାତ୍ରୀ ଆୟେଶା ବେହେରା ଷଷ୍ଠସ୍ଥାନ କରିଛନ୍ତି । ସେହିପରି ଗରୀବ ମେଧାବୀ ପଂଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ସରକାରୀ ଉଚ୍ଚବିଦ୍ୟାଳୟ ଅସୁରେଶ୍ୱର ଛାତ୍ରୀ ବୈଶାଖୀ ପ୍ରିୟଦର୍ଶିନୀ ଦାଶ ପ୍ରଥମ, ଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସ୍ୱାତୀରେଖା ସାହୁ ପ୍ରଥମ, ବଳରାମ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଖୋ□ାଳର ଛାତ୍ର ଜୟଜଗଦୀଶ ମହାପାତ୍ର ଦ୍ୱିତୀୟ, ଘ□ାଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଦିପିକା ବେହେରା ତୃତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାଣୀପଡା ଛାତ୍ରୀ ସ୍ନେହାଶ୍ରୁତି ନାୟକ ଚତୁର୍ଥ, ସରକାରୀ ପ୍ରାଥମିକ ବିଦ୍ୟାଳୟ ବରପଡା ଛାତ୍ର ଦିବ୍ୟାଂଶୁ ସାହୁ ଚତୁର୍ଥ, କେ.ଏମ. ସରକାରୀ ଉଚ୍ଚ ବିଦ୍ୟାଳୟ କୁଳିଆ ଛାତ୍ରୀ ଲକ୍ଷ୍ମୀପ୍ରିୟା ପାଲ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପ୍ରାଥମିକ ମେଧାବୃତ୍ତି ତୃତୀୟ ଶ୍ରେଣୀ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରର ଗୋପପୁରର ଛାତ୍ର ପ୍ରୀତମ୍ ବେହେରା ପ୍ରଥମ, ସେ□ ଜାଭିୟର ଉଚ୍ଚ ବିଦ୍ୟାଳୟ ନିଶ୍ଚିନ୍ତକୋଇଲି ଛାତ୍ର ପ୍ରିୟାଂଶୁ ପ୍ରୀତମ୍ ଦ୍ୱିତୀୟ, ଜିଗ୍ନିପୁର ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ସତ୍ୟସାଇ ପଲାଇ ଦ୍ୱିତୀୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଅସୁରେଶ୍ୱର ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ସାହୁ ତୃତୀୟ, ସେ□ ଜାଭିୟର ଉଚ୍ଚ ବିଦ୍ୟାଳୟ ନିଶ୍ଚିନ୍ତକୋଇଲି ଛାତ୍ରୀ କସ୍ତୁରୀ ପ୍ରିୟଦର୍ଶିନୀ ତୃତୀୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଦିଆନ୍‌ପାଟଣା ଛାତ୍ର ସେକ୍ ଆତିକ୍ ଅହେମ୍ମଦ ତୃତୀୟ , ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଲହାଟ ଛାତ୍ରୀ ମନସ୍ୱିନୀ ସାହୁ ତୃତୀୟ ହୋଇଥିବା ବେଳେ ପଂଚମ ଶ୍ରେଣୀ ମେଧାବୃତି ପରୀକ୍ଷାରେ ସରସ୍ୱତୀ ଶିଶୁ ମନ୍ଦିର ବିଲହାଟ ଛାତ୍ର ଭକ୍ତିପ୍ରସାଦ ଦାଶ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେ□ାଳ ଛାତ୍ରୀ ନିହାରିକା ଦାସ ଦ୍ୱିତୀୟ, କୃତୀବାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ସଞ୍ଜନା ମହାରଣା ତୃତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିଶ୍ଚିନ୍ତକୋଇଲି ଛାତ୍ର ପ୍ରୀତମ୍ ପଣ୍ଡା ଚତୁର୍ଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେ□ାଳ ଛାତ୍ରୀ ସ୍ୱାତୀପ୍ରଜ୍ଞା ବିଶୋଇ ପଂଚମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଲହାଟ ପ୍ରତିଜ୍ଞା ପ୍ରିୟଦର୍ଶିନୀ ଓ ମା’ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାହାଳହାଟ ଛାତ୍ରୀ ସ୍ୱୟଂ ସଂପୂର୍ଣ୍ଣା ମହାନ୍ତି ଯୁଗ୍ମ ଷଷ୍ଠସ୍ଥାନ ଅଧିକାର କରିଛନ୍ତି ।

## ଅଭକାରୀ ବିଭାଗ ସୋଇଛି ଖୁଲ ମ ଖୁଲା ବେଧଡକ ଭାବରେ ଖୋଲା ମଦ ସାପ ସିଲେଟ ରେ ବିକ୍ରି ଚାଲିଛି



ଭବାନୀପାଟଣା ତା ୮/୧/୨୫/(ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ସାପଶିଲେଟ ଗ୍ରାମର ଦେଶୀ ମୋହୁଲି ଭାଟି ଜିଲ୍ଲା ଅବକାରୀ ବିଭାଗ କୁ ଅବମାନ ନା କରି ଖୁଲ୍ ମ ଖୁଲାମ ଖୋଲା ମଦ ବେଆଇନ ଭାବରେ ବିକ୍ରି ଚାଲିଛି ।ଗ୍ରାମ ବାସୀ ଙ୍କ ଅଭିଯୋଗ ଅନୁଯାୟୀ ସାପ ସିଲେଟ ଭାଟିରେ ଖୋଲା ମଦ ପ୍ରଚୁର ମାତ୍ରାରେ ବେଆଇନ ଭାବରେ ବିକ୍ରି କରାଯାଉଛି ।ଆଖ ପାଖ ଅଞ୍ଚଳ ଙ୍କୁ ଖୋଲା ମଦ ଚାଲାଣ କରାଯାଉଛି । ଡବଲ ଇଞ୍ଜିନ ବିଜେପି ସରକାର ଚାଲିଥିବା ବେଳେ ଏହି ଭଳି ବେଆଇନ ଭାବରେ ଖୋଲା ମଦ ପ୍ରଚୁର ମାତ୍ରା ରେ ବିକ୍ରି କରାଯାଉଛି ।ଯାହା ଫଳ ରେ ବହୁତ୍ ଲୋକ ଙ୍କର ଦେହ ପ୍ରତି କ୍ଷତି କାରକ କରୁଛି ।ସରକାର ଙ୍କ ର ନିୟମ ଅଛି ଯେ ଜେଉ ପାଉଚ୍ ତିଆରି ହେଉଛି ତାହା ଏକ୍ସପାରିଟ ଡେଟ୍ ରହିବକଥା, ମିନିଫିକଚର୍ ଡେଟ୍ ରହିବା କଥା ,ଏବଂ ବିକ୍ରି ରେଟ ରହିବା କଥା ତାର ବିକଳ୍ପ ଚିତ୍ର ଦେଖିବାକୁ ମିଳୁଛି ସାପ ସିଲେଟ ଭାଟିରେ ଖୋଲା ମଦ ବିକ୍ରଏବଂ ଆଖ ପାଖ ଅଞ୍ଚଳ ବିପଦ ସଙ୍କୁଳ ଅବସ୍ଥାରେ ଅଛି । ଦେଖିବାକୁ ବାକି ରହିଲା ଜିଲ୍ଲା ଅବକାରୀ ବିଭାଗ,ଓ ପୋଲିସ ପ୍ରଶାସନ ସାପ ସିଲେଟ ଓ ଆଖ ପାଖ ଅଞ୍ଚଳ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ଜିଲ୍ଲା ପ୍ରଶାସନ କଣ ପଦ ଖେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲ ।

## ବିପୁଳ ଚୋରା ମଦ ଜବତ, ୯ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା(୮/୧): କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଖବର ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧକ୍ଷକ, ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ୱାବଧାନରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଲିକ, ଶ୍ରୀ ପଦ୍ମଲୋଚନ ନାୟକ ଏବଂ ଅବକାରୀ ଉପ ନିରିକ୍ଷକ, ଶ୍ରୀ ଧର୍ମପଦ ଦାସ, ଶ୍ରୀ ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢାଉ କରି ୨୫୦ ଲିଟର ଚୋରା ଦେଶୀ, ବିଦେଶୀ ଓ ନକଲି ବିଦେଶୀ ମଦ ସହିତ ୧ ମହିଳା ସମତେ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏମାନେ ହେଲେ ହରିଡାଦଣ୍ଡ । ଗ୍ରାମର ଶିଶିର କୁମାର ବାରିକ ବୟସ-୪୦ ବର୍ଷ ଏବଂ ମନୋଜ କୁମାର ବାରିକ ବୟସ-୩୩ ବର୍ଷ, ବଡମୋହନପୁର ଗ୍ରାମର ଲିପୁନ ମଳିକ ବୟସ-୨୩ ବର୍ଷ, ମାଟିଆପଡା ଗ୍ରାମର ନନ୍ଦିତା ନାଥ ବୟସ-୩୫ ବର୍ଷ, ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତ, ବୟସ-୪୨ ବର୍ଷ ଓ ସୁକାନ୍ତ ସେଠୀ, ବୟସ-୩୭ ବର୍ଷ, ମାହାଙ୍ଗା ଗ୍ରାମର ହିମାଂଶୁ ଶେଖର ବେହେରା, ବୟସ -୩୪ ବର୍ଷ , ଏବଂ ନୂଆପଡ଼ା ଗ୍ରାମର ସର୍ବେଶ୍ୱର ବେହେରା, ବୟସ -୪୮ ବର୍ଷ ଓ ଅଙ୍କୁର ଭୋଇ, ବୟସ -୫୬ ବର୍ଷ ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୨୫୦ ଲିଟର ଚୋରା ଦେଶୀ, ବିଦେଶୀ ଓ ନକଲି ବିଦେଶୀ ମଦ ବିପୁଳ ପରିମାଣର ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି ।



## ସିମୁଳିଆରେ ଧାନମଣ୍ଡି ଉଦଘାଟିତ

ସିମୁଳିଆ୮/୧(ନି.ପ୍ର): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ ବିଭିନ୍ନ ସମବାୟ ସମିତିରେ ସିମୁଳିଆ ବିଧାୟକଙ୍କ ଦ୍ୱାରା ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ସିମୁଳିଆ ବ୍ଲକ ଅଡା ସମବାୟ ସମିତିର ସଭାପତି ବାସନ୍ତୀ, ସମ୍ପାଦକ ରାଜେନ୍ଦ୍ର ମହାନ୍ତି, ମାର୍କୋଣା ସମବାୟ ସମିତିର ବିଶ୍ୱରଞ୍ଜନ ମହାପାତ୍ର, ସମ୍ପାଦକ ରବିନ୍ଦ୍ର ନାଥ ମଲ୍ଲିକ, ବରି ଚଣ୍ଡିଘର ସମିତିର ସଭାପତି ପ୍ରଶାନ୍ତ ପଣ୍ଡା ,ସମ୍ପାଦକ ରବିନ୍ଦ୍ର ବାରିକ, ପୁରୁଷୋତ୍ତମପୁର ପଞ୍ଚାୟତର ପୁରୁଷୋତ୍ତମପୁର ସେବା ସମବାୟ ସମିତିର ସମ୍ପାଦକ କାର୍ତ୍ତିକ ମହାନ୍ତିଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଧାନ କିଣା ବ୍ୟବସ୍ଥା । ଏହି ମଣ୍ଡି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଧାନ କିଣାର ଶୁଭାରମ୍ଭ କରିଥିଲେ । ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରକାରେ ଚଳିତବର୍ଷ ଇନପୁଟ ସହାୟତା ରାଶି ପ୍ରଦାନ ପୂର୍ବକ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ କିଣିବେ ବୋଲି ମତପୋଷଣ କରିବା ସହ ମଣ୍ଡିରେ ଚାଷୀମାନେ ଭଲ ଧାନ ଆଣି ଦେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତିର ଜିଲ୍ଲା ସଭାପତି ଗଣେଶ ମହାପାତ୍ର,ବିଜେପି ଯୁବନେତା ନୀଳମାଧବ ପଣ୍ଡା,ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ,ଜିଲାପରିଷଦ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମରା-୨୦୨୫ ଅନୁଷ୍ଠିତ





କଳାହାଣ୍ଡି ତା ୮/୧/୨୫(ଜଗନ୍ନାଥ ଏକ୍ସପ୍ରେସ୍) ଭବାନୀପାଟଣା ବ୍ଲକ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମରା-୨୦୨୫ ବୁଧବାର ପାଳିତ ହେଇଯାଇଅଛି । ଲୋକ ସଂସ୍କୃତି, ପରମ୍ପରା, ଲୋକଗୀତ ଓ ଲୋକନୃତ୍ୟର ବାର୍ତ୍ତାବହକୁ ନେଇ ପ୍ରତିବର୍ଷ ପାଳନ ହୋଇଥାଏ କଳାହାଣ୍ଡି ଉତ୍ସବ ଘୁମୁରା । ପ୍ରତି ବର୍ଷ କଳାହାଣ୍ଡି ଉତ୍ସବ ଘୁମୁରା ଉତ୍ସବକୁ ଜିଲ୍ଲାର ସମସ୍ତ ପଞ୍ଚାୟତ ଓ ବ୍ଲକ ସ୍ତରରେ ମହାସମାରୋହରେ ପାଳନ କରାଯାଉଅଛି । ତେବେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ଉଦଘାଟନ ଏକ ଶୋଭାଯାତ୍ରାରେ ବାହାରି ମାଣିକେଶ୍ୱରୀ ମନ୍ଦିର ଠାରୁ ମଶାଲ ଆଣି ବ୍ଲକ ପର୍ଯ୍ୟନ୍ତ ଅଣାଆଯାଇଥିଲା ଏଥିରେ ସମସ୍ତ ଅତିଥି ମାଁ ମାଣିକେଶ୍ୱରୀ ଫୋଟୋରେ ପୁଷ୍ପମାଲ୍ୟ ଦେଇ ଦିପ ପ୍ରଜ୍ୱଳନ କରି ନଡ଼ିଆ ଭାଙ୍ଗି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଦୀପ ଦିଶାରୀ, ମାନ୍ୟବର ବିଧାୟକ, ଲାଞ୍ଜିଗଡ, ଏବଂ ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ତନ୍ମୟ ଦରବାନ୍, ଓ.ପ୍ର.ସେ, ଅତିରିକ୍ତ ଜିଲ୍ଲାପାଳ,କଳାହାଣ୍ଡି, ଶ୍ରୀମତୀ ପୁଷ୍ପାଞ୍ଜଳୀ ସାହୁ, ଉପାଧ୍ୟକ୍ଷ,ଭବାନୀପାଟଣା,ପଞ୍ଚାୟତ ସମିତି, ଶ୍ରୀଯୁକ୍ତ ହୃଦାନନ୍ଦ ସାହୁ, ଜିଲ୍ଲା ପରିଷଦ ସଭ୍ୟ (ଜୋନ୍ -୧), ଶ୍ରୀଯୁକ୍ତ ଦୟାନିଧି ନାଏକ, ଜିଲ୍ଲା ପରିଷଦ ସଭ୍ୟ (ଜୋନ୍ -୨), ଶ୍ରୀମତୀ ପୁଷ୍ପଲତା ନାଏକ, ଜିଲ୍ଲା ପରିଷଦ ସଭ୍ୟା (ଜୋନ୍ -୩), ପ୍ରଫୁଲ ସାହୁ, ଚେରମ୍ୟାନ ଅଧକ୍ଷ୍ୟ, ପଞ୍ଚାୟତ ସମିତି, ଗୋବିନ୍ଦ ନାଏକ, ସଭାପତି,ସରପଞ୍ଚ, ଶ୍ରୀଯୁକ୍ତ ଚନ୍ଦନ କୁମାର ଭୋଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଭବାନୀପାଟଣା ତଥା, ସମ୍ପାଦକ, ବ୍ଲକ୍ କଳାହାଣ୍ଡି ଉତ୍ସବ ପାଳନକମିଟି, ଭୋବେନ୍ଦ୍ର ପଣ୍ଡା, ଏମପି ପ୍ରତିନିଧି, ଧନୁ ଗହୀର ଏମ.ଏଲ.ଏ, ଭବାନୀପାଟଣା ପ୍ରତିନିଧି ପ୍ରମୁଖ ଏବଂ ନିବେଦକ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସାହୁ ଅଧକ୍ଷ ପଞ୍ଚାୟତ ସମିତି, ଭବାନୀପାଟଣା ତଥା ସଭାପତି, ବ୍ଲକ୍ କଳାହାଣ୍ଡି ଉତ୍ସବ ପାଳନ କମିଟି ଏବଂ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ମସାଲ ଯାତ୍ରା ଏବଂ ଉତ୍ସବ କୁ ସମ୍ପାଦନ କରିଥିଲେ ଏବଂ ଏହି ଉତ୍ସବ ସକାଳ ୮ ଘଣ୍ଟା ମଶାଲ ଶୋଭା ଯାତ୍ରା ମାଣିକେଶ୍ୱରୀ ମନ୍ଦିର ଠାରୁ ବ୍ଲକ୍ ପର୍ଯ୍ୟନ୍ତ ସକାଳ ୯ ଘଣ୍ଟା ଶୁଭ ଉଦ୍?ଘାଟନ ଏବଂ ପୂର୍ବାହ୍ନ ୧୦ ଘଣ୍ଟା ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ ଅପରାହ୍ନ ଘ.୩.୩୦ମି. ଘୁମୁରା ପ୍ରତିଯୋଗୀତା ଅପରାହ୍ନ ଘ.୫.୩୦ମି. ସନ୍ଧ୍ୟା କାଳୀନ ସଭା କାର୍ଯ୍ୟକ୍ରମ କମିଟି ଘ.୬.୩୦ମି. ପୁରସ୍କାର ବିତରଣ ସନ୍ଧ୍ୟା ୭ ଘଣ୍ଟା ସମୟରେ ହୋଇଥିଲା ! ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ: ଅର୍ଚ୍ଚନା ପାଢୀ ମେଲୋଡି ଗ୍ରୁପ ଓ ଏହି ଉତ୍ସବରେ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀଙ୍କ ନୃତ୍ୟ, ଗୀତ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏବଂ ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ, ସିଆରପି, ଛାତ୍ରଛାତ୍ରୀ ଏବଂ ବ୍ଲକ ର ବିଭିନ୍ନ କର୍ମୀ, ସଭ୍ୟ ଓ ସଭ୍ୟା ଉପସ୍ଥିତ ଥିଲେ !

## ଆଦର୍ଶ ଶିକ୍ଷକ ସ୍ୱର୍ଗତ ବୀରବର ନନ୍ଦଙ୍କ ଶ୍ରଦ୍ଧାଞ୍ଜଳୀ

ମାହାଙ୍ଗା ୮/୧(ନି.ପ୍ର): କଟକ ଜିଲ୍ଲା ଓରତି ଗ୍ରାମ ପଂଚାୟତ ଓରତି  ଗ୍ରାମର ବର୍ଷିୟାନ ଆଦର୍ଶ ଶିକ୍ଷକ ସମ୍ମାନନୀୟ ସ୍ୱର୍ଗତ ବୀରବର ନନ୍ଦଙ୍କ ଶ୍ରଦ୍ଧାଞ୍ଜଳୀ ସଭା ମା’ ହରଚଣ୍ଡୀ ବରିଷ୍ଠ ନାଗରିକ ମଂଚ ସଭାପତି ଶରତ ଚନ୍ଦ୍ର ଶତପଥିଙ୍କ ସଭାପତିତ୍ୱରେ ସ୍ୱର୍ଗତ ନନ୍ଦଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳୀସଭାରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, କାର୍ତ୍ତିକ ଦାସ ମଧୁସୂଦନ ବେହେରା, ବଟକୃଷ୍ଣ ସ୍ୱାଇଁ, ଅକ୍ଷୟ ନନ୍ଦ, ମମତା ମହାପାତ୍ର, ପ୍ରସନ୍ନ ନନ୍ଦ, ଉତ୍ସବ ମହାପାତ୍ର, କୂଳମଣୀ ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ ସମାଜସେବୀ ଓ ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ କର୍ମକର୍ତ୍ତା ଓ ସ୍ୱର୍ଗତ ନନ୍ଦଙ୍କ ବହୁ ଶୁଭେଚ୍ଛୁ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ସ୍ୱର୍ଗତ ନନ୍ଦଙ୍କ ସୁପୁତ୍ର ବିଜୟ କୁମାର ନନ୍ଦ ଓ ଅକ୍ଷୟ କୁମାର ନନ୍ଦଙ୍କ ଦ୍ୱାରା ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।



## ସାରସ୍ୱତ ସମ୍ମାନ ପାଇଲେ ଅଜୟ

କଣାସ ୮/୧(ନି.ପ୍ର):ପୁରୀ ଜିଲ୍ଲା କଣାସ ବ୍ଲକ୍ ସାହୁପଡ଼ା ପଞ୍ଚାୟତ ଅଞ୍ଜିରା ଗ୍ରାମର ଗୀତିକାର ଓ ନାଟ୍ୟକାର ଅଜୟ କୁମାର ସେଠୀଙ୍କୁ କୋଣାର୍କ ଠାରେ ଆୟୋଜନ ହୋଇଥିବା ବାନରସେନା ଖବର କାଗଜର ବାର୍ଷିକ ଉତ୍ସବରେ ବାନରସେନା ସାରସ୍ୱତ ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ସହିତ ମୁଖ୍ୟ ଅତିଥି ଭାବେ ସୂଚନା ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ,ମୁଖ୍ୟ ବକ୍ତା ରକ୍ଷକ ନାୟକ,ଚିତ ରଞ୍ଜନ ମିଶ୍ର,ଡ.ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ଡ.ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସେଠୀଙ୍କୁ ମାନପତ୍ର,ଉପଢୌକନ୍ ଓ ଟ୍ରଫି ପ୍ରଦାନ କରିଥିଲେ ।ରବୀନ୍ଦ୍ରନାଥ ବାହିନୀପତି ସଭା ପରିଚାଳନା କରିଥିବା ବେଳେ ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରୀ ଆତ୍ମସୁରକ୍ଷା ଶିବିର କାର୍ଯ୍ୟକ୍ରମ

ସିମୁଳିଆ ୮/୧(ନି.ପ୍ର): ସିମୁଳିଆ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଉମେଶ ଚନ୍ଦ୍ର ସାହୁ ଙ୍କ ଅଧକ୍ଷତାରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି । ଏହି ସଭାରେ ଅଧାପକ ଡ଼ ରଞ୍ଜନ କୁମାର ମୁଦୁଲି, ଦୀନବନ୍ଧୁ ମହାପାତ୍ର, ରୋଜାଲିନ ସାହୁ,ରିତାରାଣୀ ପଣ୍ଡା, ବାସନ୍ତୀ ଦାସ ପ୍ରମୁଖ ଉପସ୍ଥିତ ରହି ଶିବିରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶିବିର ସଂଯୋଜିକା ସଂଗୀତା ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ।

## ସମାଜସେବୀ ଚରମାନନ୍ଦ ଦାସ ସମ୍ବର୍ଦ୍ଧିତ

ପାଟଣା ୮/୧(ନି.ପ୍ର): ବୁଧବାର ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ସଂଗଠକ ତଥା ଭାଗବତ ଟୁଙ୍ଗି ପ୍ରଚାର ସମିତିର ଜିଲ୍ଲା ସଂଯୋଜକ ବାବାଜୀ ଚରମାନନ୍ଦ ଦାସଙ୍କୁ ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି । ସାରା ଓଡିଶାରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ବର୍ତ୍ତମାନ ସମୟର ସୁପରିଚିତ ନାମ ପାଲଟିଥିବା ଭୂମିକା ଚକ୍ଷୁ ଚିକିତ୍ସାଳୟର ୨୮ତମ ପ୍ରତିଷ୍ଠା ଉତ୍ସବ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ସିଂହପୁର ଗ୍ରାମ ପଞ୍ଚାୟତର ସିଂହାପୁର ଗ୍ରାମସ୍ଥିତ ଗ୍ରୀନ ଗାର୍ଡେନ ପରିସରରେ ଡଃ ବିଶ୍ୱଜିତ ମହାନ୍ତି ଙ୍କ ଅଧକ୍ଷତାରେ ମହାଆଡମ୍ବରରେ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଆନ୍ତର୍ଜାତିକ ସ୍ତରରେ କ୍ରିୟାଯୋଗ ଓ ଗୀତା ଜ୍ଞାନ ପ୍ରଚାର ତଥା ଗୋ’ସେବା କ୍ଷେତ୍ରରେ ବହୁ ପ୍ରତିଷ୍ଠା ଅର୍ଜନ କରିଥିବା ସ୍ୱନାମଧନ୍ୟ ମହାନ ସନ୍ଥ ପ୍ରଜ୍ଞାନାନନ୍ଦ ପରମହଂସ ଓ ଭୂମିକା’ର ପ୍ରତିଷ୍ଠାତା ଡ଼ଃ ଭୀଷ୍ମ ପ୍ରସାଦ ରଥ, ଚେୟାରମ୍ୟାନ ଡ଼ଃ ଭୂମିକା ରଥ, ଟାଟା ସ୍ପଞ୍ଜ ମ୍ୟାନେଜର ତ୍ରିଲୋଚନ ପଲେଇ ଏବଂ ଭୂମିକାର ଉତ୍ତର ଓଡିଶା ଆଞ୍ଚଳିକ ପରିଚାଳକ କର୍ଣ୍ଣାଟ କିଶୋର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଚରମାନନ୍ଦ ଦାସଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଚରମାନନ୍ଦ ଦାସ ଏକାଧାରରେ ଜଣେ କବି, ଗାଳ୍ପିକ, ସ୍ତମ୍ଭକାର, ଭଗବତ ପ୍ରବଚକ ଓ ସମାଜସେବୀ ଏବଂ ସମାଜ ସଂସ୍କାରକ । ବିଶେଷ କରି ବାଲ୍ୟ ପ୍ରତିଭା ଚୟନ, ମାତୃ ଜାଗରଣ, ଯୁବ ଜାଗରଣ, ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂରୀକରଣ, ନିଶାନିବାରଣ, ପରିବେଶ ସୁରକ୍ଷା ସହିତ ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ବହୁଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ କରି ସମଗ୍ର କେନ୍ଦୁଝର ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ବହୁ ଚକ୍ଷୁ ବିଶେଷଜ୍ଞ, ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ଓଡ଼ିଶାରେ ଥିବା ୧୬ ଗୋଟି ଜିଲ୍ଲାର ୩୦ ଗୋଟି ଭୂମିକା ଚକ୍ଷୁ ଚିକିତ୍ସାଳୟରେ ସେବା ପ୍ରଦାନ କରୁଥିବା ଦୁଇ ହଜାରରୁ ଅଧିକ ସ୍ୱାସ୍ଥ୍ୟ କର୍ମୀ ଏହି ସଭାରେ ଉପସ୍ଥିତ ଥିଲେ ।

## ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ରେ ଛାତ୍ରୀ ଙ୍କୁ ଆତ୍ମରକ୍ଷା ତାଲିମ ଶିବିର



ପାଟଣା ୮/୧(ନି.ପ୍ର): ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ରେ ଛାତ୍ରୀ ମାନଙ୍କୁ ଆତ୍ମ ରକ୍ଷା ନିମନ୍ତେ ତାଲିମ ପ୍ରଦାନ କରା ଯାଇଥିଲା । ଉକ୍ତ ଶିବିର ଟି ବିଦ୍ୟାଳୟ ପରିସର ରେ ଅଧକ୍ଷା ସରସ୍ୱତୀ ମୋଦି ଙ୍କ ଦ୍ୱାରା ଉଦଘାଟିତ ହୋଇ ଥିଲା । ଅର୍ଥ ବିଭାଗ ର ଅଧାପକ ମହେନ୍ଦ୍ର କୁମାର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂଯୋଜିକା ଓଡ଼ିଆ ବିଭାଗ ର ଅଧାପିକା ପୂଜାରାଣୀ ଭୁଏ ସ୍ୱାଗତ ଭାଷଣ ଦେଇଥିଲେ । କ୍ରୀଡା ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତ ସଭା ପରିଚାଳନା କରିଥିଲେ । ଇଂରାଜୀ ବିଭାଗ ର ଅଧାପକ ରମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ତାଲିମ ଦାତା ଭାବେ କନକ ଲତା ମହାନ୍ତ ଉପସ୍ଥିତ ରହି ବିଭିନ୍ନ କୌଶଳ ଛାତ୍ରୀ ମାନଙ୍କୁ ଶିକ୍ଷା ଦେଇଥିଲେ । ୪୦ ରୁ ଉର୍ଦ୍ଧ ଛାତ୍ରୀ ତାଲିମ ରେ ଭାଗ ନେଇଥିଲେ । ବିପିନ ମହାନ୍ତ, ଭରତ ସାହୁ, ସୁଶୀଳା ମହାନ୍ତ, ପ୍ରିୟଙ୍କା ଲେଙ୍କା, ମମତା ମାଝୀ ଓ କିଶୋର ସାମଲ କାର୍ଯ୍ୟକ୍ରମ ଟିକୁ ପରିଚାଳନା ରେ ସହଯୋଗ କରିଥିଲେ ।

## ବାଲୁଗାଁ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା,ଦୁଇ ଗୁରୁତର



ବାଲୁଗାଁ ୮/୧(ନି.ପ୍ର): ମଙ୍ଗଳବାର ଅପରାହ୍ନରେ ୫ନଂ ଜାତୀୟ ରାଜପଥ ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଅନ୍ତର୍ଗତ ଇଂଜନପୁର ଛକ ନିକଟରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି ।ସୂଚନା ମୁତାବକ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ମିନିଛିନିପାଟଣା ଗ୍ରାମର ଅର୍ଜୁନ ବେହେରା (୩୮) ବ୍ୟବସାୟ ନିମନ୍ତେ ନିଜ ବାଇକ ଯୋଗେ ବାଲୁଗାଁ ମାଛ ଗୋଦାମକୁ ମାଛ କିଣିବାକୁ ଆସୁଥିବା ବେଳେ ଇଂଜନପୁର ଛକ ନିକଟରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ବାକୁଟଗାଁର ପଙ୍କଜ ସାହୁ (୨୮) ବାଲୁଗାଁରୁ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା ।ଫଳରେ ଦୁଇ ବାଇକ ଆରୋହିଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ଅଚେତ ଅବସ୍ଥାରେ ପଡିରହିଥିଲେ ।ଖବରପାଇ ଦୁର୍ଘଟଣା ସ୍ଥଳରେ ବାଲୁଗାଁ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।ମାତ୍ର ଉଭୟଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାକୁ ପଠାଇ ଦିଆଯାଇଛି ।ଘଟଣା ସ୍ଥଳରୁ ପୋଲିସ ଦୁର୍ଘଟଣା ଗ୍ରସ୍ତ ଦୁଇଟି ବାଇକ ଜବତ କରିବାସହ ତଦନ୍ତ ଜାରି ରଖିଛି ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ର ୮୦ତମ ପ୍ରତିଷ୍ଠା ଦିବସ ପାଳିତ

ପାଟଣା ୮/୧(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ପ୍ରାଥମିକ ଶିକ୍ଷକ ଭବନ ଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ର ୮୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।ସଂଘର ପାଟଣା ବ୍ଲକ ଶାଖା ସଭାପତି ନନ୍ଦକିଶୋର ନାଏକ,ସାଧାରଣ ସମ୍ପାଦକ କମଳାକାନ୍ତ ପତି, ଉପସଭାନେତ୍ରୀ ତିଲୋତ୍ତମା ବେହେରା, ଉପସଭାପତି କୃପାସିନ୍ଧୁ ସାହୁ, ସହସମ୍ପାଦକ ସର୍ବଶ୍ରୀ ସୁନୀଲ କୁମାର ମହାନ୍ତ,ରମେଶ ଚନ୍ଦ୍ର ନାଏକ ଓ ଶରତ ଚନ୍ଦ୍ର ମହାପାତ୍ର, ସଂଯୋଜକ ଗଜେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ବିଭୀଷଣ ଦଳଦସିଆ ଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ନାଏକ,ରାଜକିଶୋର ନାଏକ ,ପ୍ରକାଶ ଚନ୍ଦ୍ର ମିଶ୍ର, ମାଧବାନନ୍ଦ ମହାନ୍ତ ଓ ସସ୍ମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ପାଟଣା ୮/୧(ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଟଣା ବ୍ଲକ କେନ୍ଦେଇପଶି ଠାରେ ଷଷ୍ଠ ଶ୍ରେଣୀ ରେ ନାମ ଲେଖାଇବା ପାଇଁ ଆଜି ବ୍ଲକ ଅଞ୍ଚଳର ୩ଟି ପରୀକ୍ଷା କେନ୍ଦ୍ରରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି ।ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେନ୍ଦେଇ ପଶି ଠାରେ ମୋଟ ୨ଶହ ଛାତ୍ରଛାତ୍ରୀ ପଞ୍ଜିକୃତ ଙ୍କ ମଧ୍ୟରୁ ମୋଟ ୧୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।ସୁପରିଟେଣ୍ଡେଣ୍ଟ ଭାବେ ଦେବଦତ୍ତ ସିଂହ ଦାୟିତ୍ୱ ନିର୍ବାହ କରିଥିଲେ ।ସେହିପରି ପାଟଣା ମୁଖ୍ୟାଳୟ ଜି ଏନ ଉଚ୍ଚ ବିଦ୍ୟାଳୟ ରେ ମୋଟ ୨୨୦ଜଣଙ୍କ ମଧ୍ୟରୁ ୨୦୮ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରତାପ ଚନ୍ଦ୍ର ମହାନ୍ତ ସୁପରିଟେଣ୍ଡେଣ୍ଟ ଥିଲେ ।ଅନ୍ୟ ପକ୍ଷରେ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ରେ ମୋଟ ୧୮୧ ଜଣ ଙ୍କ ମଧ୍ୟରୁ ୧୫୯ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି ।ସୁପରିଟେଣ୍ଡେଣ୍ଟ ଭାବେ ହରେକୃଷ୍ଣ ମହାନ୍ତ କାର୍ଯ୍ୟ ତୁଲାଇଥିଲେ ।ପର୍ଯ୍ୟବେକ୍ଷକ ଭାବେ ବ୍ଲକ ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସହ ବ୍ଲକ ଶିକ୍ଷାଧିକାରୀ ସର୍ବଶ୍ରୀ ସଚ୍ଚିଦାନନ୍ଦ ସେଠୀ, ପ୍ରକାଶ କୁମାର ରାୟ, ଓ ବିଜୟ କୁମାର ଓଝା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

# ସୁକିନ୍ଦାର ୨୧ ରାଜସ୍ୱ ଗ୍ରାମ ଜନଶୂନ୍ୟ: ଘର ନାହିଁ କି ଲୋକ ନାହାନ୍ତି



କାଳିଆପାଣି,୮/୧: ସରକାରୀ ରେକର୍ଡରେ ରାଜସ୍ୱ ଗ୍ରାମ। ହେଲେ ଏଠାରେ କେହି ଲୋକ ରହୁନାହାନ୍ତି କି ଘର ଖଣ୍ଡିଏ ନାହିଁ। ଜନଶୂନ୍ୟ ଗାଁଗୁଡ଼ିକର ଦାୟିତ୍ୱରେ କିନ୍ତୁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀ ଅଛନ୍ତି। ଗୋଟିଏ କି ଦୁଇଟି ନୁହେଁ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅଧୀନରେ ଏଭଳି ୨୧ଟି ଜନଶୂନ୍ୟ ରାଜସ୍ୱ ଗ୍ରାମ ରହିଛି। ସୁକିନ୍ଦା ତହସିଲର ୬ଟି ରାଜସ୍ୱ ସର୍କଲ କାଙ୍କଡ଼ପାଳ, କାଳିଆପାଣି, ନିଜିଗଡ଼, ବନ୍ଧଗାଁ, ହରିପୁର ଓ ଅଭାରରେ ଜନବସତି ନଥିବା ୨୧ଟି ରାଜସ୍ୱ ଗାଁ ରହିଛି। ଜନବସତି ଶୂନ୍ୟ ଗ୍ରାମଗୁଡ଼ିକ ମଧ୍ୟରେ କାଙ୍କଡ଼ପାଳ ପଞ୍ଚାୟତର ଚିରିଗୁଣିଆ, କୁହିକା ପଞ୍ଚାୟତର କରଗୋଳା, କାଳିଆପାଣି ପଞ୍ଚାୟତର ମୁଣ୍ଡିଆଉପର, ଚିଙ୍ଗୁଡ଼ିପାଳ ପଞ୍ଚାୟତର ରାହାଙ୍ଗୀ, ସୁକିନ୍ଦାଗଡ଼ ପଞ୍ଚାୟତର କମଳାଦେଇପୁର, ବନ୍ଧଗାଁ ପଞ୍ଚାୟତର ଉଦୟପୁର ଓ ପଡ଼ିଆପଶି, ହରିପୁର ପଞ୍ଚାୟତର ଜଗତପଦା, ଜାମୁନଣ୍ଡା ଓ ବାଲିପଶି-୨, ହାତୀବାରି ପଞ୍ଚାୟତର ଭରଡ଼ାପଶି, ବଡ଼ସିହାମାଳ ଓ ସାନସିହାମାଳ, ପିଙ୍ଗଳ ପଞ୍ଚାୟତର ବଡ଼କୁରାଡ଼ିଆ, ସାନକୁରାଡ଼ିଆ, ଦାମୋଦରପୁର ଓ ବିରିଟିକର, ବର୍ତ୍ତଣ୍ଡା ପଞ୍ଚାୟତର କାଠଖୁଣ୍ଟିଆ ଏବଂ ଅଭା ପଞ୍ଚାୟତର ବୁଆଳି, ନିଳାପୁର ଓ ଛତ୍ରକଣ ରହିଛି। ବର୍ଷବର୍ଷ ଧରି ଜନଶୂନ୍ୟ ଥିବା ଏସବୁ ରାଜସ୍ୱ ଗ୍ରାମକୁ 'ବେଛପରି' ବୋଲି କୁହାଯାଉଛି। ବିଭାଗୀୟ ତଥ୍ୟ ଅନୁଯାୟୀ ୧୯୨୪ ମସିହା ବନ୍ଦୋବସ୍ତ ସମୟରୁ ନଗଡ଼ାକୁ ଅବିଭକ୍ତ କଟକ ଜିଲ୍ଲା ସୁକିନ୍ଦା ତହସିଲର ପ୍ରଥମ ରାଜସ୍ୱ ଗ୍ରାମ ଭାବେ ଗଣାଯାଉଥିଲା। ପରେ ଏହା ଯାଜପୁର ଜିଲ୍ଲାର ପ୍ରଥମ ରାଜସ୍ୱ ଗ୍ରାମ ହେଲା। ଦ୍ୱିତୀୟ ରାଜସ୍ୱ ଗ୍ରାମ ରାହାଙ୍ଗୀ ଓ ତୃତୀୟ ରାଜସ୍ୱ ଗ୍ରାମ ଗୁହିଆଶାଳ। ସାତକୁଲିଆ ପାହାଡ଼ର ନଗଡ଼ା ଓ ଗୁହିଆଶାଳ ମଧ୍ୟବର୍ତ୍ତୀ ଅଞ୍ଚଳ ରାହାଙ୍ଗୀ ଗାଁରେ ପୂର୍ବରୁ ଜନବସତି ଥିଲା। ଦେହୁରୀ ସଂଜ୍ଞା?ଧାରୀ ଆଦିବାସୀ ଶବର ସମ୍ପ୍ରଦାୟର ଲୋକମାନେ ଏଠାରେ ବସବାସ କରୁଥିଲେ। ସ୍ୱାଧୀନତା ପୂର୍ବରୁ ସେଠାରେ ମହାବଳ ବାଘର ଘନଘନ ଆକ୍ରମଣ ପାଇଁ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ। ଦିନେ ଗାଁର ମୁଖିଆଙ୍କ ପତ୍ନୀଙ୍କୁ ବାଘ ମାରି ଦେଇଥିବା ଲୋକକଥାରୁ ଜଣାପଡ଼େ। ଏହାପରେ ରାହାଙ୍ଗୀବାସୀ ନଗଡ଼ା ସଂଲଗ୍ନ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍‌ର ଏକୁଲ ଗାଁକୁ ଉଠି ପଳାଇ ଯାଇଥିଲେ। ଏବେ ବି ରାହାଙ୍ଗୀ ଗ୍ରାମବାସୀଙ୍କ ପରପିଢ଼ି ଏକୁଲରେ ବସବାସ କରୁଥିବା ଗାଁର ପୂଜକ ତ୍ରିନାଥ ଦେହୁରୀ କହନ୍ତି। କାଳିଆପାଣି ପଞ୍ଚାୟତର ଘାଗିଆସାହି ଓ ଡମଶାଳ ନାଳ ମଧ୍ୟରେ ଚିରିଗୁଣିଆ ମାଝିସାହି ବସ୍ତି, ଥାନା ପାଖରେ ଚିରିଗୁଣିଆ ମୁଣ୍ଡାସାହି ବସ୍ତି ଓ ଓଏମ୍‌ସି ଚିରିଗୁଣିଆ ପ୍ରସ୍କେକ୍ଟିଂ କ୍ୟାମ୍ପ୍ କଲୋନି ଥିଲେ ହେଁ ଜନବସତି ଥିବା ଏହି ୩ ଅଞ୍ଚଳ ଏଯାଏ ରାଜସ୍ୱ ଗ୍ରାମର ମାନ୍ୟତା ପାଇନାହିଁ। ଏହି ଚିରିଗୁଣିଆ ନାଁରେ କାଙ୍କଡ଼ପାଳ ପଞ୍ଚାୟତ ଶିରିଆଖଲି ଓ ଗରାମିଆଁ ମଧ୍ୟବର୍ତ୍ତୀ ଅଞ୍ଚଳ ଚିରିଗୁଣିଆ ରାଜସ୍ୱ ମୌଜା ଭାବେ ଚିହ୍ନଟ ହୋଇଛି। ପୂର୍ବରୁ ତହସିଲ ନଥିପତ୍ରରେ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ସତ୍ତ୍ୱେ ଏବେ ଜନଶୂନ୍ୟ ରହିଛି। ସୁକିନ୍ଦାଗଡ଼ର ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କୁ ପଚାରିବାରେ ଅତୀତରେ ରାଜାମାନେ କର ଆଦାୟକୁ ନେଇ ରାଜସ୍ୱ ମୌଜା ଘୋଷଣା କରୁଥିଲେ। କିନ୍ତୁ ୧୯୫୨ ମସିହାରେ ସରକାର ରାଜାଙ୍କଠାରୁ ସବୁ କ୍ଷମତା କାଢ଼ି ନେବା ପରେ ଏହାର ଦାୟିତ୍ୱ ପ୍ରଶାସନ ଉପରେ ନ୍ୟସ୍ତ ରହିଥିବା କହନ୍ତି। ଏ ସମ୍ପର୍କରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଏସବୁ ମୌଜା 'ବେଛପରି' ରହିଥିବା କହନ୍ତି।

# ୩ ଧାନମଣ୍ଡି ଉଦ୍‌ଘାଟିତ



ଦିଗପହଣ୍ଡି,୮।୧: ଦିଗପହଣ୍ଡି ବ୍ଲକ ବଡଡୁମୁଳା ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମ୍ପାଦକ ଶେଷକାନ୍ତ ଜାନିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡଡୁମୁଳା ସରପଞ୍ଚ ଗୀତାଞ୍ଜଳି ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ସମିତିସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ, ନୋଡାଲ ଅଧିକାରୀ ଧନୁଜ କୁମାର, ସମବାୟ ସମିତି ସଭାପତି ଦାମୋଦର ଦଳାଇ, ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଗୌଡ଼, ରଙ୍କ ନାୟକ, ପଞ୍ଚାନନ ବାଡ଼ତ୍ୟା, ନିତ୍ୟାନନ୍ଦ ପଣ୍ଡା, ନିରଞ୍ଜନ ରଣା, ବିଜୁଳି ଦଳାଇ, ସୁରେନ୍ଦ୍ର ରେଡ୍ଡୀ, ଲିଙ୍ଗରାଜ ଦାଶ, ପୂର୍ଣ୍ଣଚନ୍ଦ୍ର ଗୌଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଚାଷୀ ସହଦେବ ସେଠୀ, ଭରତ ଜେନା, ଉଲା ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପର୍ଶୁରାମ ପ୍ରଧାନଙ୍କ ସହ ଅନେକ ଚାଷୀ, ମିଲର ଗୌରାଙ୍ଗ ସାହୁ ଉପସ୍ଥିତ ଥିଲେ। ଡିଇଓ ଶିବାନନ୍ଦ ଜେନା ପରିଚାଳନା କରିଥିଲେ। ସେହିପରି ବମକୋଇ ଓ ଗୌଡଗାଁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଧାନମଣ୍ଡି ଉଦ୍‌?ଘାଟିତ ହୋଇଛି। ବମକୋଇ ପାକ୍ସରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ସରପଞ୍ଚ ତପନ ପ୍ରଧାନ, ଗଡ଼ ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଆଦିକନ୍ଦ ସାହୁ, ରାଜସ୍ୱ ନୀରିକ୍ଷକ ବିଘ୍ନେଶ୍ୱର ଆଚାର୍ଯ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜାଗିଲି ସାହୁ, ଅଗ୍ରଣୀ ଚାଷୀ ପ୍ରତାପ ପ୍ରଧାନ, ମନ୍ମଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମବାୟ ସମ୍ପାଦକ ଭାସ୍କର କବିଙ୍କ ସଂଯୋଜନାରେ ସମବାୟ ସମିତି ସଭାପତି ଭୀମସେନ ପ୍ରଧାନ, ମିଲର ଓ ଚାଷୀଙ୍କ ଉପସ୍ଥିତରେ ଚାଷୀଙ୍କ ଅମଳ ଧାନକୁ ମଣ୍ଡିରେ କିପରି କ୍ରୟ କରାଯିବ ସେ ନେଇ ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ସେହିପରି ଗୌଡଗାଁ ସେବା ସମବାୟ ସମିତି ପକ୍ଷରୁ ସମବାୟ ସମ୍ପାଦକ ହିମାଂଶୁ ଶେଖର ସାହୁ ଓ ସମିତି ସଭାପତି ବିପିନ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୌଡଗାଁ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବରାଜ ଦଳାଇ, ଚାଷୀ ରଞ୍ଜିତ ପାଣିଗ୍ରାହୀ, ଗଣେଶ ସାହୁ, ଗୌରୀ ଶଙ୍କର ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା, ସୁରେନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କରଜ ଶୁଝିବା ଚିନ୍ତାରେ ଜୀବନ ହାରିଲେ ଯୁବଚାଷୀ



ଜଗତସିଂହପୁର-୮/୧( ନି.ପ୍ର) ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ତଂଅରା ବିଲସାହିର ଯୁବଚାଷୀ ଅଶୋକ ପରିଡା କରଜ ଶୁଝିବା ଚିନ୍ତାରେ ନିଜ ଘରେ ବେକରେ ଗାମୁଛା ବାନ୍ଧି ଜୀବନ ହାରିଛନ୍ତି। ସେ ନିଜ ଜମି ସହିତ ନିକଟସ୍ଥ ବିଜୟ କୁମାର ପରିଡା, ବାବୁଲାଲ ପରିଡା, ଦୟାନିଧି ରାଉତ , ନିଶାକର ମହାନ୍ତି ଓ ପ୍ରକାଶ ସାମଲଙ୍କ ଠାରୁ ୧୦ ଏକର ଜମି ଆଣି ଭାଗଚାଷ କରିଥିଲେ। ବୁଧବାର ସକାଳୁ ଧାନ କିଆରିକୁ ଜାଇ ଉଜୁଡ଼ି ଯାଇଥିବା ଧାନ ଫସଲକୁ ଦେଖି ମ୍ରିୟମାଣ ହୋଇ ଘରକୁ ଫେରି ଆସିଥିଲେ।ଘରେ ସ୍ତ୍ରୀ ମାମିନା ନାୟକଙ୍କୁ ଏତେ ଗୁଡିଏ ଧାନ ଫସଲ ନଷ୍ଟ ହୋଇଗଲା ଖାଇବା କଣ କରଜ ଦାମ କେମିତି ସୁଝାହେବ କହି ବ୍ୟସ୍ତ ହୋଇପଡିଥିଲେ। ମାମିନା ସ୍ୱାମୀ ଅଶୋକଙ୍କୁ ବୁଝାସୁଝା କରି ଚାହା ପିଇବାକୁ ଦେଇ ଗାଧେଇବାକୁ ଚାଲି ଯାଇଥିଲେ। ନିଜ ମାନସିକ ଭାରସ୍ୟାମ ହରାଇ ଅଶୋକ ସକାଳ ୭ ଟା ସମୟରେ ଘର ଭିତରେ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲି ପଡିଥିଲେ। ଅଶୋକଙ୍କ ସ୍ତ୍ରୀ ମାମିନା ଗାଧେଇ ସାରି ଆସି ଦେଖି ଲୋକଙ୍କୁ ଡାକ ପକାଇଥିଲେ। ତୁରନ୍ତ ଅଶୋକଙ୍କୁ ସ୍ଥାନୀୟ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡ଼ା ସୁକୁମାର ଦାସ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ରଘୁନାଥପୁର ଥାନା ଏସଆଇ ଯୋଗେଶ୍ୱର ବେହେରା ପହଞ୍ଚିଥିଲେ। ଏ ସଂମ୍ପର୍କରେ ମୃତ ଅଶୋକଙ୍କ ସ୍ତ୍ରୀ ମାମିନା ନାୟକଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଜିବାପରେ ପୋଲିସ ୟୁଡି କେସ ନଂ ୧/୨୪ ରୁଜୁ କରି ମୃତଦେହକୁ ଜଗତସିଂହପୁର ମୂଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୋଷ୍ଟମଟମ ପାଇଁ ପଠାଇଥିଲେ। ଖବର ପାଇ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ପହଞ୍ଚିଥିଲେ। ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଶତାଧିକ ଚାଷୀ ସେଠାରେ ପହଞ୍ଚିଥିଲେ। ଧାନ ଫସଲରେ ବ୍ୟାପକ କ୍ଷତି ଓ କରଜ ଦାମ ଶୁଝିବା ଚିନ୍ତାରେ ଗତ କିଛିଦିନ ହେବ ଅଶୋକ ଚାପାଗ୍ରସ୍ତରେ ଥିଲେ ବୋଲି ମଝିଆ ଭାଇ ପ୍ରମୋଦ ପରିଡା କହିଛନ୍ତି।ଏହାଛଡା ସେ ସୋସାଇଟି, ଏସଏଚଜି ଗ୍ରୁପ ଓ ଅନ୍ୟାନ୍ୟ ହାତ ଉଧାରିରେ ୩ ଲକ୍ଷ ଟଙ୍କା ଋଣ କରି ଚାଷରେ ବିନିଯୋଗ କରିଛନ୍ତି ବୋଲି ଅଶୋକଙ୍କ ସ୍ତ୍ରୀ ମାମିନା ପ୍ରକାଶ କରିଛନ୍ତି। ଘରେ ତାଙ୍କ ସ୍ତ୍ରୀ ସହ ଏକ ୭ ବର୍ଷର ଝିଅ ଅଛି। ଅଶୋକ ଋଣ ଶୁଝିବା ଚିନ୍ତାରେ ଜୀବନ ହାରିବା ପରେ ତାଙ୍କ ପରିବାର ଉପାୟ ଶୁନ୍ୟ ହୋଇପଡିଛି। ସରପଞ୍ଚ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହ ଆନୁସାଙ୍ଗିକ ସହଯୋଗ କରିଛନ୍ତି। ମୃତ ଚାଷୀ ଅଶୋକଙ୍କ ପାରିବାରକୁ ସରକାରି ସହାୟତା ଯୋଗାଇଦେବା ପାଇଁ ଦାବୀ ହେଉଛି।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା ମାସ ପାଳିତ



ପାରାଦୀପ- ୦୮।୦୧- ପାରାଦୀପସ୍ଥିତ ବିଶ୍ୱର ସର୍ବବୃହତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ କାରଖାନା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଇଫକୋର କର୍ମଚାରୀଙ୍କ ସମେତ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଚାରି ଗୋଟି ସଚେତନତା ରଥ ଇଫକୋ ସହଭାଗିତାରେ ଆରଟିଓ ଜଗତସିଂହପୁର ଓ କଟକ ଶୁଭାରମ୍ଭ ହୋଇଥିଲା । ସୋମବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଫକୋର ପାରାଦୀପ ୟୁନିଟ୍ ହେଡ୍ ପି.କେ.ମହାପାତ୍ର,ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ ଅଭିଶେକ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଂଜନ କର, ଫ୍ୟାକ୍ଟ୍ରି ଆଣ୍ଡ ବୟେଲ୍ ବିଭାଗର ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପରିସରରେ କ୍ଷୁଦ୍ର ନାଟକ ଅମାନିଆ ଓ ସଡକ କାନ୍ଦୁଛି ମଂଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଇଫକୋ ନାନୋର ପ୍ରବନ୍ଧକ ଏସ.ପି.ରଥ, ଉତ୍ପାଦନ ବିଭାଗ ପ୍ରବନ୍ଧକ କେ.ଆର୍.ଏନ୍.ମୂର୍ତ୍ତୀ, ଜି.ପି.ଯାଦବ, ଏ.ଏନ୍.ଓଝା ପ୍ରମୁଖ ଉପସ୍ଥିତ ଥିଲେ । ଅଭୟ କୁମାର ଦାସ ଏବଂ ଗ୍ରୁପ୍ ଏକ ରୋଡ୍ ସୋ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ପରିଚାଳନା କରିଥିଲେ । ଇଫକୋର ଏହି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଇଫକୋର ଲୋକସମ୍ପର୍କ ଅଧିକାରୀ ଡ.ବେଉରା ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଆଚେତ

କାଶୀନଗର , ତା ୮/୧/୨୪ କାଶୀନଗର ଥାନା ଅନ୍ତର୍ଗତ ଗୋକୁଳା ଗ୍ରାମ ନିକଟରେ ଏକ ବାଇକ ଦୁର୍ଘଟଣା ହୋଇଥିଲା। ବାଇକ ଆରୋହୀ ଦୁଇଜଣ ଗୁରୁତର ହୋଇ ରାସ୍ତା ପାର୍ଶ୍ୱରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ କାଶୀନାଗର ଅଗ୍ନିଶମ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ ଏବଂ ବିଭାଗୀୟ ଅଧିକାରୀ ମାନେ ତୁରନ୍ତ ପହଂଚି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ କୋତୁରୁ ଗ୍ରାମର ବୋଲି ସୂଚନା ମିଳୁଛି।

# ସାଂସଦଙ୍କୁ କାଶୀନଗର ଠାରେ ସମ୍ବର୍ଦ୍ଧନା



କାଶୀନଗର,୮/୧: ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଆଜି ସକାଳେ ରାୟଗଡା ରାଇଲବଏ ଡିଭିଜନ ରେ ପ୍ରଧାନମନ୍ତ୍ରୀ ଙ୍କ ଦ୍ୱାରା ନୂତନ ଶିଳାନ୍ୟାସ ଉତ୍ସବରେ ଯୋଗ ଦେବା ପାଇଁ ଗସ୍ତ କରୁଥିବା ସମୟରେ କାଶୀନଗର ଏସ ବି ଆଇ ଛକ ନିକଟରେ ଦଳୀୟ କର୍ମୀ ମନେ ସାଂସଦ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରେ ଦଳୀୟ କର୍ମୀ ମାନଙ୍କୁ କାଶୀନଗର ଅଞ୍ଚଳର ସମସ୍ୟା ଓ ଉନ୍ନତି କରଣ ବିଷୟରେ ଆଲୋଚନା କରିଥିଲେ। ସାଂସଦ ଶ୍ରୀ ପାଣିଗ୍ରାହୀ ଗଜପତି ଜିଲ୍ଲା ରେ ଏକ ମେଡିକାଲ କଲେଜ ସ୍ଥାପନ ଓ ପାରଳାଖେମୁଣ୍ଡି ସହର ଆଗରୁ ବାଇ ପାସ ରାସ୍ତା ନିର୍ମାଣ କରିବା ପାଇଁ ପ୍ରସ୍ତାବ ଥିବା ଉଲ୍ଲେଖ କରି ଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଓମ୍ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

କଟକ, ତା୦୮।୦୧ : ମଦନମୋହନ ମାର୍କେଟ ସ୍ଥିତ ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ କିଣ୍ଡର ଗାର୍ଡେନ୍ ପ୍ଲେ ସ୍କୁଲ ଆନୁକୁଲ୍ୟରେ ୨୦ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉଦ୍‌?ଘାଟକ ଭାବେ ଗ୍ରାମ୍ୟ ସ୍ୱରାଜର ସଭାପତି ଓ ସମାଜସେବୀ ବ୍ରହ୍ମାନନ୍ଦ ମହାନ୍ତି, ମୁଖ୍ୟ ଅତିଥୁ ଭାବେ ସମାଜସେବୀ ଡ. ଏସ୍ କେ କଲିମୁଲାହା, ମୁଖ୍ୟ ବକ୍ତାଭାବେ ସମାଜସେବୀ ପ୍ରଫେସର ଅଶୋକ ବାରିକ୍, ସମ୍ମାନୀତ ଅତିଥି ଭାବେ କର୍ପୋରେଟର ମିନା ସାହୁ, ସମାଜସେବୀ ଦିବାକର ସାହୁ, ସୁବାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଭଲ ମଣିଷ ହେବା ଦିଗରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ତଥା ପ୍ରଧାନ ଗୁରୁଜୀ କୈଳାସ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣରେ ଅତିଥୁ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସୁକାନ୍ତି ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଆଚାର୍ଯ୍ୟା କାଦମ୍ବିନୀ ମୁଦୁଲୀ ଧନ୍ୟବାଦ ଅର୍ପଣ କରିଥିଲେ । ଆଚାର୍ଯ୍ୟା ଅଞ୍ଜନା ସେନାପତି, ଜୟଶ୍ରୀ ପରିଜା, କବିତା ମହାନ୍ତି, ସସ୍ମିତା ପ୍ରିୟଦର୍ଶନୀ ମିଶ୍ର, ଅବନ୍ତୀ ସାହୁ, ଶକୁନ୍ତଳା ରାୟ, କଲ୍ୟାଣୀ ସାହୁ, ରୀତାରାଣୀ ସାହୁ, ସବିତା ବେହେରା, ଶୁଭଶ୍ରୀ ସେଠୀ, ସ୍ମୃତିଶିଖା ଆଚାର୍ଯ୍ୟ, ନାଜ୍ ବେଗମ୍, ଅଙ୍କିତା ସାହୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ଓଡ଼ିଶା ହେବ ଫିନଟେକ୍ ହବ୍



ଭୁବନେଶ୍ୱର,୮/୧: ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (ଜିଏଫଟିଏନ) ମିଳିତ ଆନୁକୁଲ୍ୟରେ ଆଜି ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ; ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ ଦେବ; ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର; ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମାନସ ପଣ୍ଡା; ଓଡିଶା କମ୍ପ୍ୟୁଟର ଆବେଦନ କେନ୍ଦ୍ରର ସିଇଓ ଡା ପ୍ରଦୀପ କୁମାର ରାଉତ ଏବଂ ଜିଏଫଟିଏନର ବରିଷ୍ଠ ପ୍ରତିନିଧୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଓଡ଼ିଶା ଏକ ଅପାର ସମ୍ଭାବନା ଥିବା ରାଜ୍ୟ ଏବଂ ଏହାକୁ ଦେଶର ଏକ ପ୍ରମୁଖ ଫିନଟେକ୍ ହବରେ ପରିଣତ କରିବାକୁ ସରକାର ପ୍ରତିବଦ୍ଧ। କମ୍ପାନୀମାନଙ୍କୁ ପ୍ରୋତ୍ସାହିତ କରି ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଉଦାର ନୀତି ପ୍ରଣୟନ କରୁଛନ୍ତି ତାସହିତ ଏହି କ୍ଷେତ୍ରର ଆବଶ୍ୟକୀୟ ମାନବ ସମ୍ବଳ ଓଡ଼ିଶାରେ ଉପଲବ୍ଧ ବୋଲି ମନ୍ତ୍ରୀ ଡ଼ଃ ମହାଲିଙ୍ଗ ପ୍ରକାଶ କରିଛନ୍ତି । ଓଡ଼ିଶା ଆଇଟି କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେଉଛି ଏବଂ ସମ୍ପ୍ରତି ତାର ସେବା କ୍ଷେତ୍ରକୁ ପରିବ୍ୟାପ୍ତ କରୁଛି । ନବସୃଜନଙ୍କୁ ପ୍ରୋତ୍ସାହିତ ଏବଂ ଷ୍ଟାର୍ଟଅପମାନଙ୍କୁ ଉତ୍ସାହିତ କରି ରାଜ୍ୟ ଫିନଟେକ୍ କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଦେବ ଉଲ୍ଲେଖ କରିଛନ୍ତି । ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ବଢାଇବା ପାଇଁ ରାଜ୍ୟ ସରକାର ନେଇଥିବା ବିବିଧ ପଦକ୍ଷେପ ଉପରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ର ଆଲୋକପାତ କରିଥିଲେ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓଡିଶା ସରକାରଙ୍କ ବିକାଶ ଏଜେଣ୍ଡାର ମୂଳଦୁଆ ପାଲଟିଛି ଏବଂ ଏହି ଲକ୍ଷ୍ୟ ହାସଲ କରିବାରେ ସୁଦୃଢ଼ ଫିନଟେକ୍ ଇକୋସିଷ୍ଟମ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । କର୍ମଶାଳାରେ ଜିଏଫଟିଏନର ପ୍ରତିନିଧୀମାନେ ଓଡିଶାରେ ଇନସୁରଟେକ୍ ହବ୍ ପ୍ରତିଷ୍ଠା ଏବଂ ତାହାର ସମୃଦ୍ଧି ପାଇଁ ପ୍ରସ୍ତୁତ କରିଥିବା ଯୋଜନା ଉପସ୍ଥାପନ କରିଥିଲେ । ଏହି ହବ୍ ଏକ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ଭାବରେ କାର୍ଯ୍ୟ କରିବ ଏବଂ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ଇନସୁରଟେକ୍ ଶିଳ୍ପର ଅଭିବୃଦ୍ଧିକୁ ସକ୍ଷମ କରିବ ବୋଲି ସେମାନେ କହିଥିଲେ । ଏହି ଆଲୋଚନାରେ ଓଡିଶା କିପରି ଏକ ଅଗ୍ରଣୀ ଫିନଟେକ୍ ଏବଂ ଇନସୁରଟେକ୍ ହବ୍ ଭାବରେ ଉଭା ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଅଂଶଗ୍ରହଣକାରୀମାନେ ଫିନଟେକ୍ ଏବଂ ଇନସୁରଟେକ୍ ସେକ୍ଟରରେ ଉନ୍ନତି ଆଣିବା, ପାଣ୍ଠି ଆକର୍ଷିତ କରିବା ପାଇଁ ଭେଞ୍ଚର କାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଉପରେ ବିଷଦ ଆଲୋଚନା କରିଥିଲେ । ସିଙ୍ଗାପୁର ଏକ ବିଶ୍ୱସ୍ତରୀୟ ଫିନଟେକ୍ ହବ୍ ଭାବରେ ଉଭା ହୋଇଛି ଏବଂ ଜିଏଫଟିଏନର ସମୁଚିତ ସହଯୋଗ ରାଜ୍ୟର ଫିନଟେକ୍ ଇକୋସିଷ୍ଟମ ବିକାଶରେ ସହାୟକ ହେବ । ଏ ବାବଦରେ ରାଜ୍ୟ ସରକାର ବେଶ ଆଶାବାଦୀ ଅଛନ୍ତି । ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ ସମୟରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏକ ଉତ୍ସର୍ଗୀକୃତ ଫିନଟେକ୍ ପଲିସି ଉନ୍ମୋଚନ କରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।


## Affidavit

By Virtue of as affidavit it sworn before Executive Magistrate Sanakhemundi, Ganjam dt. 26.12.2024, I, Smt. Faine Swain, W/o Nilamadhab Swain At: Pattapur, Po/Ps- Pattapur, Dist- Ganjam, Odisha declared that my Son's actual name is Biswajit Swain which has been mentioned in his Birth Certificate Vide Regd. No- 1962/2017 through CHC, Adapada. Taht my son has a Aadhar Card Vide No- 245489347466 in which my Son's name has been mentioned as Biren Swain insted of Biswajit Swain.That both the aforesaid Biswajit Swain and Birend Swain is one and same person. It is used for correction of Aadhar Card purpose.

Smt. Faine Swain

## Affidavit

By Virtue of as affidavit it sworn before Executive Magistrate Rayagada dt. 30.12.2024, I, Tedela Harshvardhan S/o Tedela Simachalam At: Pattla Street, Ward No-3, Rayagada, Po/Ps/Dist- Rayagada, Odisha-765001 declared that I change my name T. Harshvardhan to Tedela Harshvardhan vide Dr No- 1545, Dt.30.12.2024 for all purpose.

Tedela Harshvardhan


PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ